# ଜାତୀୟ ଶିକ୍ଷା ନୀତି ୨୦୧୬ ନିମନ୍ତେ ପ୍ରସ୍ତାବ

## ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ

## ଭାରତ ସରକାର

# ସୂଚୀପତ୍ର


୧. ପ୍ରସ୍ତାବନା

୨. ଶିକ୍ଷାକ୍ଷେତ୍ରରେ କେତେକ ମୁଖ୍ୟ ସମସ୍ୟା

୩. ଦୂରଦୃଷ୍ଟି, ମିଶନ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୪. ନୀତି ସଂରଚନା

- ୪.୧ ପ୍ରାକ୍-ବିଦ୍ୟାଳୟ ଶିକ୍ଷା
- ୪.୨ ଶିଶୁ ଓ କିଶୋର ଶିକ୍ଷା କ୍ଷେତ୍ରରେ ଅଧିକାର ସଂରକ୍ଷଣ
- ୪.୩ ବିଦ୍ୟାଳୟ ଶିକ୍ଷାରେ ଜ୍ଞାନାର୍ଜନର ପରିଣାମ
- ୪.୪ ବିଦ୍ୟାଳୟସ୍ତରୀୟ ଶିକ୍ଷା
- ୪.୫ ପାଠ୍ୟକ୍ରମ ନବୀକରଣ ଓ ପରୀକ୍ଷା ସଂସ୍କାର
- ୪.୬ ସମାବେଶୀ ଶିକ୍ଷା ଓ ବିଦ୍ୟାର୍ଥୀ ସହାୟତା
- ୪.୭ ସାକ୍ଷରତା ଓ ଜୀବନବ୍ୟାପୀ କାର୍ଯ୍ୟକ୍ରମ
- ୪.୮ ଶିକ୍ଷା ଓ ନିୟୋଜନୀୟତାରେ ଦକ୍ଷତା
- ୪.୯ ଶିକ୍ଷାରେ ICT ର ବ୍ୟବହାର
- ୪.୧୦ ଶିକ୍ଷକ ବିକାଶ ଓ ପରିଚାଳନା
- ୪.୧୧ ଶିକ୍ଷାରେ ଭାଷା ଓ ସଂସ୍କୃତି
- ୪.୧୨ ବ୍ୟାପକ ଶିକ୍ଷା ମାଧ୍ୟମରେ ଆତ୍ମବିକାଶ
- ୪.୧୩ ବିଦ୍ୟାଳୟ ମୂଲ୍ୟାୟନ ଓ ପରିଚାଳନା
- ୪.୧୪ ଉଚ୍ଚଶିକ୍ଷାରେ ଶାସନ ସୁଧାର ବ୍ୟବସ୍ଥା
- ୪.୧୫ ଉଚ୍ଚଶିକ୍ଷାରେ ନିୟନ୍ତ୍ରଣ
- ୪.୧୬ ଉଚ୍ଚଶିକ୍ଷାରେ ମାନ ଆଶ୍ୱାସନା
- ୪.୧୭ ମୁକ୍ତ ଓ ପତ୍ରମାଧ୍ୟମ ଶିକ୍ଷା ଏବଂ MOOC
- ୪.୧୮ ଶିକ୍ଷାର ଆନ୍ତର୍ଜାତୀୟକରଣ
- ୪.୧୯ ଉଚ୍ଚଶିକ୍ଷାରେ ଅଧ୍ୟାପକ ଉନ୍ନତି
- ୪.୨୦ ଗବେଷଣା, ନୂତନ ଧାରା, ନୂତନ ଜ୍ଞାନ
- ୪.୨୧ ଶିକ୍ଷାରେ ଆର୍ଥିକ ସହାୟତା

୫. ପ୍ରୟୋଗ ଓ ପର୍ଯ୍ୟବେକ୍ଷଣ

# ପ୍ରଥମ ଅଧ୍ୟାୟ
## ପ୍ରସ୍ତାବନା

ଭାରତ ଶିକ୍ଷା ବ୍ୟବସ୍ଥାକୁ ସର୍ବଦା ଗୁରୁତ୍ୱ ଦେଇଆସିଛି । ପ୍ରାଚୀନ ଭାରତରେ ସର୍ବପ୍ରଥମେ ଆରମ୍ଭ ହୋଇଥିବା ଶିକ୍ଷା ବ୍ୟବସ୍ଥା ହେଉଛି ବୈଦିକ ଶିକ୍ଷା ବ୍ୟବସ୍ଥା । ପ୍ରାଚୀନ ଭାରତରେ ଏହି ଶିକ୍ଷାର ମୂଳ ଲକ୍ଷ୍ୟ ଏହି ସଂସାରରେ ବା ଏହା ପରେ ଜୀବନ ଧାରଣର ଜ୍ଞାନ ନଥିଲା, ଥିଲା ଆତ୍ମାର ସମ୍ପୂର୍ଣ୍ଣ ଅନୁଭୂତି । ଗୁରୁକୂଳ ବ୍ୟବସ୍ଥା ଗୁରୁ ଓ ଶିଷ୍ୟ ମଧ୍ୟରେ ଏକ ବନ୍ଧନ ସୃଷ୍ଟି କରୁଥିଲା ଏବଂ ଶିକ୍ଷକ କୈନ୍ଦ୍ରିକ ବ୍ୟବସ୍ଥାକୁ ପ୍ରତିଷ୍ଠିତ କରିଥିଲା ଯେଉଁଠି ଶିଷ୍ୟକୁ କଠୋର ଅନୁଶାସନ ପାଳନ କରିବାକୁ ପଡୁଥିଲା ଏବଂ ଗୁରୁଙ୍କ ଦାୟିତ୍ୱ ନିର୍ବାହ କରିବା ପାଇଁ କେତେକ କ୍ଷେତ୍ରରେ ଶିଷ୍ୟ ବାଧ ହେଉଥିଲା ।

ଖ୍ରୀ.ପୂ. ୭୦୦ରେ ତକ୍ଷଶିଳାରେ ପୃଥିବୀର ପ୍ରଥମ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ଚତୁର୍ଥ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିବା ନାଳନ୍ଦା ବିଶ୍ୱବିଦ୍ୟାଳୟ ବା ନାଳନ୍ଦା ମହାଭୀରା ଥିଲା ପୃଥିବୀର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଅନ୍ୟତମ । ସପ୍ତମ ଶତାବ୍ଦୀରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ୧୦୦୦୦ ଛାତ୍ର ଓ ୨୦୦୦ ଶିକ୍ଷକ ଥିଲେ ।ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅନେକ ବିଷୟରେ ଶିକ୍ଷା ଦିଆଯାଉଥିଲା, ଯେମିତି ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଭେଷଜ, ତର୍କଶାସ୍ତ୍ର ଏବଂ ତର୍କଶାସ୍ତ୍ର ମଧ୍ୟସ୍ଥ ଦର୍ଶନ, ସାଂଖ୍ୟ, ଯୋଗଶାସ୍ତ୍ର, ବେଦ ଏବଂ ବୌଦ୍ଧଶାସ୍ତ୍ର ଏବଂ ବୈଦେଶୀ ଦର୍ଶନ । ରାଷ୍ଟ୍ରୀୟ ସୀମାକୁ ଅତିକ୍ରମ କରି ନାଳନ୍ଦା ବିଶ୍ୱବିଦ୍ୟାଳୟ ଚୀନ, ଇଣ୍ଡୋନେସିଆ, କୋରିଆ,ଜାପାନ, ପର୍ସିଆ, ତୁର୍କୀ ଓ ପୃଥିବୀର ଅନ୍ୟପ୍ରାନ୍ତରୁ ଛାତ୍ରମାନଙ୍କୁ ଆକର୍ଷଣ କରିଥିଲା ।

ଭାରତୀୟ ବିଦ୍ୱାନ ଚରକ, ସୁଶୃତ, ଆର୍ଯ୍ୟଭଟ୍ଟ, ଭାସ୍କରାଚାର୍ଯ୍ୟ, ଚାଣକ୍ୟ, ପତଞ୍ଜଳି, ବାତ୍ସାୟନ ଓ କେତେକ ବିଦ୍ୱାନଗଣ ଗଣିତଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର, ପଦାର୍ଥବିଜ୍ଞାନ, ରାସାୟନିକବିଜ୍ଞାନ, ଭେଷଜବିଜ୍ଞାନ, ଶଲ୍ୟବିଜ୍ଞାନ, ଲଳିତକଳା, ଯାନ୍ତ୍ରିକ ଏବଂ ଉତ୍ପାଦନ ପ୍ରଯୁକ୍ତି ବିଜ୍ଞାନ, ସିଭିଲ୍ ଇଂଜିନିଅରିଙ୍ଗ୍, ବାସ୍ତୁକଳା, ଜାହାଜନିର୍ମାଣ, ନୌପରିବହନ, କ୍ରୀଡ଼ା କ୍ଷେତ୍ରରେ ପୃଥିବୀର ଜ୍ଞାନ ବ୍ୟବସ୍ଥାକୁ ବହୁମୂଲ୍ୟ ଅବଦାନ ଦେଇଛନ୍ତି । ସ୍ୱାଧିନତା ସଂଗ୍ରାମ ସମୟରେ ଅନେକ ନେତା ଗୋଖଲେ, ରାମମୋହନ ରାୟ, ପଣ୍ଡିତ ମଦନ ମୋହନ ମାଳବ୍ୟ ଏବଂ ମହାତ୍ମାଗାନ୍ଧୀ ଭାରତୀୟଙ୍କ ଉତ୍ତମ ଶିକ୍ଷା ପାଇଁ କାର୍ଯ୍ୟ କରିଥିଲେ ।

ସ୍ୱାଧିନତାଠାରୁ ଭାରତର ବିକାଶ କାର୍ଯ୍ୟକ୍ରମରେ ଶିକ୍ଷାର ଉନ୍ନତି ପାଇଁ ଚିନ୍ତା କରିବା ଥିଲା ସବୁଠୁ ପ୍ରଥମେ । ଶିକ୍ଷାର ଗୁଣାତ୍ମକମାନର ଉନ୍ନତି ପାଇଁ ଏବଂ ଶିକ୍ଷାରେ ଯୋଗଦାନ ଏବଂ ପହଞ୍ଚକୁ ବୃଦ୍ଧି କରିବା ପାଇଁ ସମୟ ସମୟରେ ଭାରତ ସରକାର ଅନେକ କମିଶନ ଗଠନ କରିଥିଲେ । ଏ ମଧ୍ୟରୁ ମୁଖ୍ୟ କମିଶନଗୁଡ଼ିକ ହେଲା : ବିଶ୍ୱବିଦ୍ୟାଳୟ ଶିକ୍ଷା କମିଶନ

(୧୯୪୮- ୪୯), ମାଧ୍ୟମିକ ଶିକ୍ଷା କମିଶନ (୧୯୫୨-୫୩), ଶିକ୍ଷା କମିଶନ (୧୯୬୪-୬୬), ଶିକ୍ଷକଙ୍କ ପାଇଁ ରାଷ୍ଟ୍ରୀୟ କମିଶନ- କ ଓ ଖ (୧୯୮୩ - ୮୫) ।

ଶିକ୍ଷା ଆୟୋଗର ସୁପାରିଶର ଆଧାରରେ ଜାତୀୟ ଶିକ୍ଷା ନୀତି (୧୯୬୮)ର ପ୍ରସ୍ତାବ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପୁନର୍ଗଠନର ଆବଶ୍ୟକତା ଉପରେ ଧ୍ୟାନ ଦେଇଥିଲା, ସବୁ ସ୍ତରରେ ଗୁଣାତ୍ମକ ଉନ୍ନତିକୁ, ବିଜ୍ଞାନ ଏବଂ ବୈଷୟିକ ବିଜ୍ଞାନର ଉନ୍ନତି, ନୈତିକ ଏବଂ ସାମାଜିକ ମୂଲ୍ୟର କର୍ଷଣ, ଏବଂ ଶିକ୍ଷା ବ୍ୟବସ୍ଥା ଓ ଲୋକଙ୍କର ଜୀବନ ମଧ୍ୟରେ ଏକ ନିକଟତର ସମ୍ପର୍କ ଉପରେ ଧ୍ୟାନ ଦେଇଥିଲା । ପ୍ରସ୍ତାବଟି ଜାତୀୟ ପ୍ରଗତିର ପ୍ରୋତ୍ସାହନରେ ଶିକ୍ଷାର ଭୂମିକା, ସମାନ ନାଗରିକତା ଏବଂ ସଂସ୍କୃତିର ଭାବ, ଜାତୀୟ ଏକତାକୁ ଶକ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲା।ଜାତୀୟ ଶିକ୍ଷା ନୀତି ୧୯୮୬ (୧୯୯୨ରେ ପରିବର୍ତ୍ତିତ) ଏକ ଜାତୀୟ ଶିକ୍ଷାବ୍ୟବସ୍ଥା ଉପରେ ଆଲୋକପାତ କଲା ଯାହା ଉଲ୍ଲେଖ କଲା ଯେ "ଏକ ସ୍ତର ଯାଏ ସମସ୍ତ ଛାତ୍ର ଜାତି, ଧର୍ମବିଶ୍ୱାସ, ସ୍ଥାନ, ଲିଙ୍ଗକୁ ଧ୍ୟାନ ନଦେଇ ସମସ୍ତେ ଶିକ୍ଷାର ଏକ ତୁଳନାତ୍ମକ ଗୁଣ ଲାଭ କରିପାରିବେ"।

୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଏକ ମୌଳିକ ପରିବର୍ତ୍ତନ ଆଣିଥିଲା, ଏହା ଶିକ୍ଷାକୁ ରାଜ୍ୟର ତାଲିକାରୁ ବର୍ତ୍ତମାନର ତାଲିକାକୁ ପରିବର୍ତ୍ତିତ କରିଥିଲା, ଏହା ଆମ ଦେଶର କେନ୍ଦ୍ରୀୟ ବ୍ୟବସ୍ଥାର ଗୁରୁତ୍ୱକୁ ବୁଝିପାରିଥିଲା ଏବଂ ଶୈକ୍ଷିକ ଲକ୍ଷ୍ୟକୁ ଆଗେଇ ନେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କୁ ପ୍ରାଥମିକତା ଦେଇଥିଲା ।ଶିକ୍ଷା ଉପରେ ଯେ କୌଣସି ନୀତି ସମଗ୍ର ଶିକ୍ଷା ପ୍ରକ୍ରିୟାର ଅନ୍ତଃ-ବିଭାଗୀୟ ଏବଂ ଅନ୍ତଃ-ମନ୍ତ୍ରାଳୟ ପ୍ରଭାବକୁ ଏବଂ ରଜ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ଆବଶ୍ୟକ । ତେଣୁ ଏହି ନୀତି ଅନ୍ୟ ରାଷ୍ଟ୍ରୀୟ ସ୍ତରର ନୀତିର ଭୂମିକାକୁ ସ୍ୱୀକାର କରେ, ଯେମିତି ୨୦୧୩ରେ ଗୃହୀତ ଆଦ୍ୟ-ଶୈଶବାବସ୍ଥା ଯତ୍ନ ଏବଂ ଶିକ୍ଷାର ଜାତୀୟ ନୀତି(ECCE), ଜାତୀୟ ଯୁବ ନୀତି (NYP) ୨୦୧୪ ଏବଂ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ଜାତୀୟ ନୀତି, ୨୦୧୫ ଏବଂ ଅନେକ ରାଜ୍ୟସ୍ତରୀୟ ନୀତିକୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

ଜାତୀୟ ଶିକ୍ଷା ନୀତି (୧୯୮୬-୯୨)ଯେବେଠୁଁ ଆରମ୍ଭ ହେଲା, ଭାରତରେ ଓ ପୃଥିବୀରେ ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ଭାରତର ରାଜନୈତିକ, ଅର୍ଥନୈତିକ, ସାମାଜିକ ପ୍ରଗତି ଏପରି ପର୍ଯ୍ୟାୟରେ ଗତି କରୁଛି ଯାହା ଫଳରେ ଏକ ଦୃଢ଼ ଓ ବିକାଶମୁଖୀ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି । ଭାରତରେ ଶିକ୍ଷା କ୍ଷେତ୍ରରେ ଏକ ମୁଖ୍ୟ ବିକାଶ ହେଉଛି ସାର୍ବଜନିକ ପ୍ରାଥମିକ ଶିକ୍ଷା ପାଇବାକୁ ସାମ୍ବିଧାନିକ ଏବଂ ନ୍ୟାୟିକ ଭିତ୍ତି । ଭାରତର ସମ୍ବିଧାନରେ ସମ୍ବିଧାନ ନିୟମ (ଛୟାଶିତମ ସଂଶୋଧନ), ୨୦୦୨, ସୂଚୀ ୨୧ କ ଅନୁଯାୟୀ ଛଅରୁ ଚଉଦ ବର୍ଷର ସମସ୍ତ ଶିଶୁଙ୍କୁ ନିକଟରେ ଥିବା କୌଣସି ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ହେବା ଯାଏ ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ଦେବାର ଅଧିକାର ଦେଇଛି ।

ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ଶୈକ୍ଷିକ କାର୍ଯ୍ୟକଳାପ ଏବଂ ଶିକ୍ଷଣ ପ୍ରକ୍ରିୟା ଏବେ ଆଉ ଶ୍ରେଣୀ କୋଠରୀ ଭିତରେ ଆବଦ୍ଧ ନୁହେଁ ଏବଂ ଶିକ୍ଷାର ପରିସର ଆଉ ଆନୁଷ୍ଠାନିକଭାବେ ପାଠ ପଢ଼ିବା ବା ଉଚ୍ଚଶିକ୍ଷାରେ ସୀମିତ ନୁହେଁ । ଶୈକ୍ଷିକ ପ୍ରକ୍ରିୟା କେବଳ ଶ୍ରେଣୀ ଆଧାରିତ ପାଠ୍ୟକ୍ରମ ମାଧ୍ୟମରେ ଘଟୁନାହିଁ, ଇଲେକଟ୍ରୋନିକ ଓ ପ୍ରିଣ୍ଟ ଗଣମାଧ୍ୟମ, ସୂଚନା ଓ ସଂଚାର ଟେକନୋଲୋଜି, ପୁସ୍ତକ ଏବଂ ପତ୍ରପତ୍ରିକା ଇତ୍ୟାଦି ଦ୍ୱାରା ମଧ୍ୟ ହେଉଅଛି । ଆଜିର ଶିକ୍ଷାର୍ଥୀ ଅଣ ଆନୁଷ୍ଠାନିକ ମାଧ୍ୟମ ଦ୍ୱାରା ସାମ୍ପ୍ରତିକ ଜ୍ଞାନ ଲାଭ କରିପାରୁଛି ।

ନୂତନ ଜ୍ଞାନର ସୃଷ୍ଟି ଓ ପ୍ରୟୋଗର କ୍ଷିପ୍ର ଗତି, ବିଶେଷତଃ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏବଂ ଲୋକମାନଙ୍କର ନିତିଦିନିଆଁ ଜୀବନ ଉପରେ ଏହାର ପ୍ରଭାବ ଜ୍ଞାନର କ୍ଷୀପ୍ର ଗତିରେ ପରିବର୍ତ୍ତିତ ଜଗତ ବିଷୟରେ ଶିକ୍ଷାର୍ଥୀକୁ ଅବଗତ କରାଇବାର ଗୁରୁତ୍ୱ ଉପରେ ଧ୍ୟାନ ଦିଏ । ସୃଷ୍ଟି ହେଉଥିବା ଅର୍ଥନୀତି ଏବଂ ସମାଜର ଚାହିଦାକୁ ପୂରଣକରିବା ପାଇଁ ମାନବୀୟ ଦକ୍ଷତା ବୃଦ୍ଧିର ଆବଶ୍ୟକତା, ଜୀବନ ଦକ୍ଷତାର ଆବଶ୍ୟକତା, ପରିବର୍ତ୍ତିତ ଦକ୍ଷତାର ଚାହିଦାକୁ ଗ୍ରହଣ କରିବା ପାଇଁ ଶିକ୍ଷାର୍ଥୀ ଜ୍ଞାନ ଓ ଦକ୍ଷତା ହାସଲ କରିବାକୁ ଧ୍ୟାନ ଦିଏ । ଶିକ୍ଷାର ପରିବର୍ତ୍ତିତ ସାମାଜିକ ପ୍ରସଙ୍ଗ ଏବଂ ସମାନତା ଏବଂ ସମ୍ମିଳନ ହାସଲ କରିବାକୁ ରାଷ୍ଟ୍ରୀୟ ଅନୁଚିନ୍ତା ଶିକ୍ଷାର ଏକ ପରିବର୍ତ୍ତିତ ଦୃଷ୍ଟିକୋଣ ଆବଶ୍ୟକ କରେ ଏବଂ ଏହା ସମସ୍ତ ଶିକ୍ଷାର୍ଥୀ ପାଇଁ ସୁଯୋଗ ସୃଷ୍ଟି କରେ ଯାହା ଫଳରେ ସେମାନେ ଶିକ୍ଷଣ ଅନୁଭୂତିରେ ସଫଳ ହେବେ ଏବଂ ସମସ୍ତ ଶିକ୍ଷା ଅନୁଷ୍ଠାନକୁ ବିବିଧ ଛାତ୍ର ଗୋଷ୍ଠୀର ସମାନ ଶୈକ୍ଷିକ ଲାଭ ପାଇଁ ଉତ୍ତରଦାୟୀ କରେ ।

ନୂତନ ସୂଚନା ଏବଂ ସଂଚାର ଟେକନୋଲୋଜିର ବ୍ୟବହାର, ବିଶେଷତଃ ଇଣ୍ଟରନେଟର ବ୍ୟବହାର ଗତ କିଛି ବର୍ଷ ଭିତରେ ଅଭୂତପୂର୍ବଭାବେ ବୃଦ୍ଧି ପାଇଛି । ନୂତନ ଟେକନୋଲୋଜି ଲୋକମାନଙ୍କର ଜୀବନ ଜୀଇଁବା, କାମ କରିବା ଓ ଯୋଗାଯୋଗରେ ପରିବର୍ତ୍ତନ ଘଟାଉଛି ।ଏହି ନୂତନ ଟେକନୋଲୋଜି ଶିକ୍ଷାର୍ଥୀ ପାଇଁ ନୂତନ ଶିକ୍ଷଣ ଏବଂ ନୂତନ ଶିକ୍ଷଣ ସମ୍ବଳର ସୁଯୋଗ ଆଣିବା ସହିତ ସୂଚନା ଲାଭ କରିବାକୁ ସୁଯୋଗ ଆଣିଦେଇଛି । ଶିକ୍ଷା ବ୍ୟବସ୍ଥାରେ ଏହି ନୂତନ ଟେକନୋଲୋଜିଗୁଡ଼ିକର ସଂଯୋଗ ଶିକ୍ଷା କ୍ଷେତ୍ରରେ ଏକ ପ୍ରାଥମିକ କାମ ଭାବେ ଦେଖାଦେଇଛି ।

ଉପରୋକ୍ତ ଉନ୍ନତିରୁ ଜଣାଯାଏ ଯେ, ଶିକ୍ଷାନୀତିଗୁଡ଼ିକ ଓ ଶିକ୍ଷାର ବିଷୟ, ପ୍ରକ୍ରିୟା ପରିବର୍ତ୍ତିତ ସମୟ ଓ ଆବଶ୍ୟକ ଅନୁଯାୟୀ ସଂରଚନା ହେବା ଉଚିତ୍ । ଅତୀତର ଅନୁଭୂତି ଏବଂ ପରିବର୍ତ୍ତିତ ଜାତୀୟ ପ୍ରଗତିର ଉଦ୍ଦେଶ୍ୟ ଏବଂ ସାମାଜିକ ଆବଶ୍ୟକତା ଓ ସ୍ଥାନୀୟ, ଜାତୀୟ ଏବଂ ଜାଗତିକ ବାସ୍ତବତା ଓ ପରିବର୍ତ୍ତନ, ଶିଶୁ, ଯୁବକ ଏବଂ ପ୍ରାପ୍ତବୟସ୍କଙ୍କ ପରିବର୍ତ୍ତିତ ଶିକ୍ଷଣ ଆବଶ୍ୟକତାକୁ ଗୁରୁତ୍ୱଦେଇ ଶିକ୍ଷାର ପ୍ରକ୍ରିୟା, ବିଷୟ, ଉଦ୍ଦେଶ୍ୟଗୁଡ଼ିକ ଏବଂ ସଂରଚନା ନବୀକରଣ ଆବଶ୍ୟକ କରେ ।

ଜାତୀୟ ଶିକ୍ଷା ନୀତି, ୨୦୧୬ ଶିକ୍ଷା କ୍ଷେତ୍ରରେ ପୁନଃନବୀକରଣ ପ୍ରକ୍ରିୟାରେ ପଥପ୍ରଦର୍ଶକ ହେବ ବୋଲି ପ୍ରସ୍ତୁତ କରାଯାଇଛି ।

ଜାତୀୟ ଶିକ୍ଷା ନୀତି ୨୦୧୬ ଏକ ମହନୀୟ ଶିକ୍ଷା ବ୍ୟବସ୍ଥାର ସ୍ୱପ୍ନ ଦେଖେ ଯାହା ସମସ୍ତଙ୍କ ପାଇଁ ସମ୍ମିଳିତ ଗୁଣାତ୍ମକ ଶିକ୍ଷା ଏବଂ ଜୀବନବ୍ୟାପୀ ଶିକ୍ଷଣ ସୁଯୋଗ ସୃଷ୍ଟି କରେ । ଫଳପ୍ରଦ ଜୀବନ ବଞ୍ଚିବାକୁ ଆବଶ୍ୟକ ଜ୍ଞାନ, ଦକ୍ଷତା, ଦୃଷ୍ଟିକୋଣ ଓ ମୂଲ୍ୟରେ ନିପୁଣ ଛାତ୍ର ବା ସ୍ନାତକ ସୃଷ୍ଟି କରେ, କ୍ଷିପ୍ରଭାବେ ପ୍ରଗତିଶୀଳ, ସର୍ବଦା ଜଗତୀକରଣ ହେଉଥିବା, ଜ୍ଞାନଆଧାରିତ ସମାଜକୁ ଧ୍ୟାନ ଦେଉଥିବା, ଏବଂ ଦାୟିତ୍ୱପୂର୍ଣ୍ଣ ନାଗରିକ ଗଢ଼ି ତୋଳିବ ଯେଉଁମାନେ ଭାରତୀୟ ସଂସ୍କୃତି, ଇତିହାସ ଏବଂ ପରମ୍ପରାର ବିବିଧତାକୁ ଗ୍ରହଣ କରିବେ ଏବଂ ସାମାଜିକ ସଂଯୋଜନ ଆଉ ଧାର୍ମିକ ଏକତାକୁ ବଜାୟ ରଖିବେ । ଏହି ସ୍ୱପ୍ନ ଭାରତର ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ସାଂସ୍କୃତିକ ବିକାଶରେ ଶିକ୍ଷାର ମୁଖ୍ୟ ଭୂମିକାକୁ ସ୍ୱୀକାର କରେ । ମହାତ୍ମାଗାନ୍ଧୀ କହିଥିଲେ, *"ପ୍ରକୃତ କଠିନତା ହେଉଛି ଯେ, ଲୋକମାନେ ପ୍ରକୃତ ଶିକ୍ଷା କଣ ଜାଣିନାହାନ୍ତି, ଆମେ ଜମିର ମୂଲ୍ୟ ବା ଷ୍ଟକ ଏକଷ୍ଚେଞ୍ଜ୍ ରେ ସେଆରର ମୂଲ୍ୟ ଯେମିତି ନିରୂପଣ କରୁ, ସେମିତି ଶିକ୍ଷାର ମୂଲ୍ୟ କଳନା କରୁ, ଆମେ ସେଇ ଶିକ୍ଷା ଦେବାକୁ ଚାହୁଁ ଯାହା ଛାତ୍ରକୁ ଅଧିକ ଉପାର୍ଜନକ୍ଷମ କରିବ, ଆମେ ତାର ଚରିତ୍ରର ବିକାଶ ଉପରେ ମୋଟେ ଧ୍ୟାନ ଦେଉନାହୁଁ ।"* ଜାତିର ପିତାଙ୍କ ଧାରଣାରେ ଅନୁପ୍ରାଣିତ ହୋଇ, ଏହି ନୀତି ମୂଲ୍ୟବୋଧଗୁଡ଼ିକୁ, ନାଗରିକମାନଙ୍କ ପାଇଁ ଦକ୍ଷତା ଏବଂ ନିପୁଣତା ଯୋଗାଇବା ଏବଂ ରାଷ୍ଟ୍ରର ମଙ୍ଗଳ ପାଇଁ ସେମାନଙ୍କୁ ଯୋଗ୍ୟ କରିବା ଆଦି ଉପରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବ୍ୟବସ୍ଥାରେ ଉତ୍ପାଦନର ଗୁଣାତ୍ମକ ମାନ ଉପରେ ରାଷ୍ଟ୍ରର ଦୀର୍ଘମିଆଦୀ ଅର୍ଥନୈତିକ ବୃଦ୍ଧି ଏବଂ ବିକାଶ ନିର୍ଭର କରେ ଏବଂ ସମାନତା ଓ ଗୁଣାତ୍ମକ ମାନର ଆଧାରରେ ସୃଷ୍ଟ ଶିକ୍ଷା ବ୍ୟବସ୍ଥା ହେଉଛି ଏକ ସ୍ଥାୟୀ ବିକାଶ ଯାହା ବିକଶିତ ଜ୍ଞାନ ଅର୍ଥନୀତି ଓ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଏ । ସାମାଜିକ ଅର୍ଥନୈତିକ ଗତିଶୀଳତା ଓ ଏକ ସମାନ ନ୍ୟାୟସମ୍ମତ ମାନବ ସମାଜ ଗଠନ ପାଇଁ ଶିକ୍ଷା ହେଉଛି ଏକ ମୁଖ୍ୟ ଉପକରଣ । ଶିକ୍ଷା ସମାଜର ଏକ ପୂର୍ଣ୍ଣାଙ୍ଗ ଅଙ୍ଗ ଅଟେ ଏବଂ ସାମାଜିକ ସମନ୍ୱୟତା ଓ ଜାତୀୟ ପରିଚୟକୁ ଗଢ଼ିବାକୁ ଶିକ୍ଷାର ଭୂମିକାକୁ ସ୍ୱୀକାର କରାଯାଏ । ଏହି ଶିକ୍ଷାନୀତିର ସ୍ୱପ୍ନ ପୁଣି ଉତ୍ତମ ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟିକୁ ଆଣେ ଯାହା ଜଗତିକରଣ ଏବଂ ସ୍ଥାନୀୟକରଣକୁ ମିଶାଇବାକୁ ସହାୟତା କରିବା ସହିତ ଭାରତୀୟ ଶିଶୁ ଓ ଯୁବକମାନଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଅଭିଷିକ୍ତ ହୋଇ ବିଶ୍ୱର ନାଗରିକ ହେବାକୁ ଯୋଗ୍ୟ କରେ ।

ଆସନ୍ତା କେତେ ବର୍ଷ ମଧ୍ୟରେ ଜାତୀୟ ଶିକ୍ଷା ନୀତି ୨୦୧୬ ଭାରତରେ ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ଏକ ଛାଞ୍ଚ ପ୍ରଦାନ କରେ । ଏହା ଅତୀତର ସବୁ ଶିକ୍ଷା ନୀତି ସମ୍ବନ୍ଧିତ ଅସମ୍ପୂର୍ଣ୍ଣ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ଆଲୋକପାତ କରିବା ସହିତ

ସାମ୍ପ୍ରତିକି ଏବଂ ହେଉଥିବା ଜାତୀୟ ପ୍ରଗତି ଏବଂ ଶିକ୍ଷା କ୍ଷେତ୍ର ସମ୍ବନ୍ଧିତ ସମସ୍ୟା ଉପରେ ମଧ୍ୟ ଧ୍ୟାନ ଦିଏ । ଜାତୀୟ ପ୍ରଗତିରେ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱକୁ ସ୍ୱୀକାର କରି, NEP ୨୦୧୬ ସବୁ ସ୍ତରରେ ଶିକ୍ଷାର ଗୁଣାତ୍ମକ ମାନକୁ ବୃଦ୍ଧି କରିବା ଉପରେ ଏବଂ ସମାଜର ସମସ୍ତ ଶାଖା ପାଇଁ ଶୈକ୍ଷିକ ସୁଯୋଗର ଉପଲ୍‌ବଧତା ଉପରେ ଅଭୁତପୂର୍ବ ଜୋର ଦେଇଥାଏ । ଶ୍ରୀ ଅରବିନ୍ଦଙ୍କ ଶବ୍ଦରେ, *"ଭାରତୀୟମାନଙ୍କ ସୁଦୃଢ଼ ବିଶ୍ୱାସ ରହିବା ଉଚିତ୍ ଯେ ଭାରତ ଜାଗିବ ଓ ମହାନ ହେବ ଏବଂ ଯାହା କିଛି ଘଟେ, ସବୁ କଠିନତା, ସମସ୍ୟା ସେମାନଙ୍କୁ ନିଶ୍ଚୟ ସାହାଯ୍ୟ ଦେବ ଏବଂ ସେମାନଙ୍କ ଉଦ୍ଦେଶ୍ୟକୁ ସାକାର କରିବାକୁ ସାହାଯ୍ୟ କରିବ... ... ଅନ୍ଧକାର ସମାପ୍ତ ହେବ ଏବଂ ଦିଗବଳୟରେ ସୂର୍ଯ୍ୟୋଦୟ ହେବ । ଭାରତର ଭାଗ୍ୟ ସୂର୍ଯ୍ୟ ଉଦୟ ହେବ ଏବଂ ସାରା ଭାରତକୁ ଆଲୋକରେ ପୂର୍ଣ୍ଣ କରି ଏସିଆ ଏପରିକି ସାରା ବିଶ୍ୱକୁ ଆଲୋକିତ କରିବ ।" ଏହା ପରେ ଅବଶିଷ୍ଟ ଏକବିଂଶ ଶତାବ୍ଦୀ ହେବ ଭାରତର ।*

## ଦ୍ୱିତୀୟ ଅଧ୍ୟାୟ

## ଶିକ୍ଷା କ୍ଷେତ୍ରରେ କେତେକ ମୁଖ୍ୟ ସମସ୍ୟା

ପୂର୍ବର ଶିକ୍ଷାନୀତିଗୁଡ଼ିକ ସ୍ପଷ୍ଟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଛନ୍ତି, ଯଦିଓ ସେଥିରୁ ଅନେକ ସମ୍ପୂର୍ଣ୍ଣଭାବେ ଅନୁଭୂତ ହୋଇପାରିନାହିଁ । ଯଦିଓ ଭାରତ ଶିକ୍ଷାର ସବୁ ସ୍ତରରେ ଯୋଗଦାନ ଏବଂ ପ୍ରବେଶକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣଭାବେ ପ୍ରଗତି କରିଛି, ଦେଶରେ ଶିକ୍ଷାର ସର୍ବୋନ୍ନତିର ମିଶ୍ରିତ ଛବି, ଶିକ୍ଷାରେ ଯୋଗଦାନ ଏବଂ ପ୍ରବେଶର ସମସ୍ୟା, ଦିଆଯାଉଥିବା ଶିକ୍ଷାର ଗୁଣାତ୍ମକ ମାନ, ଶିକ୍ଷାରେ ସମାନତା, ବ୍ୟବସ୍ଥାର ଦକ୍ଷତା, ଶାସନ ଏବଂ ପରିଚାଳନା, ଗବେଷଣା ଓ ବିକାଶ, ଶିକ୍ଷାର ବିକାଶରେ ଆର୍ଥିକ ବିଷୟ ସମ୍ବନ୍ଧିତ ଅନେକ ଚିନ୍ତା ଏବଂ ସମସ୍ୟା ରହିଆସିଛି ।

**ପ୍ରବେଶ ଓ ଯୋଗଦାନ**

ଅନେକ ଦେଶର ଗବେଷଣା ଆଦ୍ୟ ଶୈଶବାବସ୍ଥାରେ ଶିକ୍ଷାର ଗୁରୁତ୍ୱକୁ ଗୁରୁତ୍ୱପୂର୍ଣ୍ଣ ମନେ କରେ । ସେ ଯାହା ବି ହେଉ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଯୋଗଦାନର ଅନୁପାତ କମ୍ ଅଟେ । ସମସ୍ତ ଶିଶୁମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଓ ସେମାନଙ୍କୁ ଆନୁଷ୍ଠାନିକ ବିଦ୍ୟାଳୟ ଯିବା ପାଇଁ ପ୍ରସ୍ତୁତ କରିବା ସହିତ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରବେଶକୁ ବୃଦ୍ଧି କରିବା ଏକ ପ୍ରାଥମିକ କାର୍ଯ୍ୟ ଅଟେ ।

୨୦୦୦ ମସିହାରୁ ଜାତୀୟସ୍ତରରେ ବିଦ୍ୟାଳୟରେ ଭର୍ତ୍ତି ହେଉନଥିବା ୬- ୧୩ ବର୍ଷର ଶିଶୁମାନଙ୍କ ଅନୁପାତ ଗୁରୁତ୍ୱପୂର୍ଣ୍ଣଭାବେ ହ୍ରାସ ପାଇଛି । କିନ୍ତୁ ବିଦ୍ୟାଳୟରେ ଭର୍ତ୍ତି ହେଉନଥିବା ଶିଶୁମାନଙ୍କ ସମ୍ପୂର୍ଣ୍ଣ ସଂଖ୍ୟା ଅଧିକ ରହିଛି । ଆପେକ୍ଷିକଭାବେ ପ୍ରାଥମିକ ଶିକ୍ଷାର ତୁଳନାରେ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷାରେ ନାମଲେଖାର ହାର କମ୍ ମଧ୍ୟ ଚିନ୍ତାର ବିଷୟ ଅଟେ । ସାର୍ବଜନୀନ ମାଧ୍ୟମିକ ଶିକ୍ଷା ଲାଭ କରିବାକୁ ଛାତ୍ରଛାତ୍ରୀଙ୍କର ପ୍ରାଥମିକରୁ ମାଧ୍ୟମିକ ସ୍ତରକୁ, ମାଧ୍ୟମିକରୁ ଉଚ୍ଚମାଧ୍ୟମିକ ଓ ସ୍ନାତକସ୍ତରକୁ ଗତିଶୀଳତା ଏକ ମୁଖ୍ୟ ଚିନ୍ତାର ବିଷୟ ହୋଇଛି ।

ପୃଥିବୀରେ ଭାରତର ଦ୍ୱିତୀୟ ବୃହତ୍ ଉଚ୍ଚଶିକ୍ଷା ବ୍ୟବସ୍ଥା ରହିଛି । ଯଦିଓ ଭାରତୀୟ ଉଚ୍ଚତର ଶିକ୍ଷା ମାସିଫିକେସନ ସ୍ତରରେ ପ୍ରବେଶ କରିସାରିଛି, ସମୁଦାୟ ନାମଲେଖା ଅନୁପାତ ଉଚ୍ଚଶିକ୍ଷାରେ କମ୍ ରହିଛି ଯାହା ୨୦୧୪-୧୫ରେ ୨୩ .୬ ପ୍ରତିଶତ ଅଟେ । ଏହି GERକୁ ୨୦୧୭-୧୮ରେ ୨୫.୨ ପ୍ରତିଶତକୁ ଏବଂ ୨୦୨୦-୨୧ରେ ୩୦ ପ୍ରତିଶତକୁ ବୃଦ୍ଧି କରିବା ହେଉଛି ବର୍ତ୍ତମାନର ଲକ୍ଷ୍ୟ ।

ନିରକ୍ଷରମାନଙ୍କ ସଂଖ୍ୟାକୁ ହ୍ରାସ କରିବାରେ ଆପେକ୍ଷିକ ଧିର ପ୍ରଗତି ଚିନ୍ତାର ବିଷୟ ରହିଆସିଛି ।୨୦୧୧ ମସିହାରେ ୭ ବର୍ଷର ଏବଂ ଉର୍ଦ୍ଧ୍ୱ ୨୮୨.୬ ମିଲିୟନ ନିରକ୍ଷରମାନଙ୍କ ସଂଖ୍ୟା ସହିତ ଭାରତରେ ପୃଥିବୀରେ ବୃହତ୍

ନିରକ୍ଷରମାନଙ୍କ ଜନସଂଖ୍ୟା ରଖିଛି ।ଭାରତରେ ବହୁ ସଂଖ୍ୟାରେ ଯୁବ ଏବଂ ପ୍ରାପ୍ତବୟସ୍କ ନିରକ୍ଷରମଧ ରହିଛନ୍ତି, ୨୦୧୧ ମସିହାରେ ଯୁବ ସାକ୍ଷରତା ହାର (୧୫-୨୪ ବର୍ଷ) ୮୬.୧ ପ୍ରତିଶତ ଏବଂ ପ୍ରାପ୍ତବୟସ୍କ ସାକ୍ଷରତା ହାର(୧୫ବର୍ଷ ଏବଂ ୧୫ବର୍ଷରୁ ଊର୍ଦ୍ଧ୍ୱ) ୬୯.୩ ପ୍ରତିଶତ ରହିଛି ।

**ଗୁଣବତ୍ତାର ପ୍ରସଙ୍ଗ**

ନିମ୍ନମାନର ଶିକ୍ଷା କୁଶିକ୍ଷଣ ଦେଇଥାଏ ଯାହା ଏକ ଚିନ୍ତାର ବିଷୟ । ଗୁଣବତ୍ତା ସମ୍ବନ୍ଧୀୟ ଅକ୍ଷମତା ଯେମିତି ଅନୁପଯୁକ୍ତ ପାଠ୍ୟକ୍ରମ, ପ୍ରଶିକ୍ଷଣ ପ୍ରାପ୍ତ ଶିକ୍ଷକର ଅଭାବ, ଏବଂ ଅପ୍ରଭାବନୀୟ ଶିକ୍ଷଣ ପଦ୍ଧତି, ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସମ୍ବନ୍ଧରେ ଏକ ମୁଖ୍ୟ ସମସ୍ୟା ହୋଇ ରହିଆସିଛି । ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସମାପ୍ତ କରୁଥିବା ଶିଶୁମାନେ ବୃହତ୍ ସଂଖ୍ୟାରେ ଜ୍ଞାନ ଏବଂ ଭାଷା କ୍ଷେତ୍ରରେ ବିଦ୍ୟାଳୟ ପ୍ରସ୍ତୁତି ନିପୂଣତା ଦେଖାଇନଥାନ୍ତି, ଯେତେବେଳେ ସେମାନେ ପ୍ରାଥମିକ ବିଦ୍ୟାଳୟକୁ ଯାଆନ୍ତି । ବହୁ ସଂଖ୍ୟାରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷକମାନେ ଠିକ୍ ଭାବରେ ପ୍ରଶିକ୍ଷିତ ହୋଇନଥାନ୍ତି । ପ୍ରାକ୍- ବିଦ୍ୟାଳୟ ଶିକ୍ଷାର ପାଠ୍ୟକ୍ରମ ବହୁ କ୍ଷେତ୍ରରେ ପ୍ରାଥମିକ ଶିକ୍ଷା ପାଠ୍ୟକ୍ରମର ଅଧୋମୁଖୀର କାରଣ ହୋଇଛି ।

ଛାତ୍ର ଶିକ୍ଷଣର ଅତୃପ୍ତକର ସ୍ତର ହିଁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ବଡ଼ ସମସ୍ୟା ଅଟେ । ଶ୍ରେଣୀ III, V,VIII, Xକୁ ମିଶାଇ ଜାତୀୟ ଉପଲବଧି ସର୍ବେକ୍ଷଣ (NAS)ର ଗବେଷଣାରୁ ଜଣାଯାଏ ଯେ, ଛାତ୍ରମାନଙ୍କର ଏକ ବଡ଼ ଅନୁପାତର ଶିକ୍ଷାର ସ୍ତର ପ୍ରତ୍ୟାଶିତ ଶିକ୍ଷଣ ସ୍ତରର ନୁହେଁ । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଶିକ୍ଷଣର ନିମ୍ନ ଗୁଣବତ୍ତା ମାଧମିକ ସ୍ତରରେ ଛାତ୍ରର ଶିକ୍ଷଣ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ମାଧମିକ ସ୍ତରରେ ଶିକ୍ଷଣର ନିମ୍ନ ଗୁଣବତ୍ତା ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ସ୍ତରରେ ଦେଖାଦିଏ ଯାହା ଶିକ୍ଷା କ୍ଷେତ୍ରରେ ଶିକ୍ଷଣର ନିମ୍ନମାନକୁ ଦର୍ଶାଏ ।

ବିଦ୍ୟାଳୟ ଶିକ୍ଷାର ଅତୃପ୍ତିକର ଗୁଣବତ୍ତା ପାଇଁ ଅନେକ କାରଣ ଦାୟୀ । ଏମଧ୍ୟରୁ କେତେକ ହେଉଛି ସ୍ୱୀକୃତ ଗୁଣ ଏବଂ ମାନକୁ ଅନୁସରଣ କରୁନଥିବା ବହୁ ବିଦ୍ୟାଳୟଗୁଡ଼ିକର ଉପସ୍ଥିତି, ଛାତ୍ର ଏବଂ ଶିକ୍ଷକମାନଙ୍କର ଅନୁପସ୍ଥିତି, ଶିକ୍ଷକମାନଙ୍କର ପ୍ରେରଣା ଏବଂ ପ୍ରଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଯାହା ଫଳରେ ଶିକ୍ଷକଙ୍କ ଗୁଣବତ୍ତା ଏବଂ ଦକ୍ଷତାରେ ଅକ୍ଷମତା ଦେଖାଦିଏ, ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧିତ ଟେକନୋଲୋଜିର ବ୍ୟବହାରରେ ଧୀର ପ୍ରଗତି, ଉଚ୍ଚମାନ ନଥିବା ପରିଚାଳନା ବ୍ୟବସ୍ଥା, ଦକ୍ଷତାର ପରିଚାଳନାରେ ଅନୁପଯୁକ୍ତ ଧ୍ୟାନ ଦେବା ଆଦି ପ୍ରଧାନ । ଯେଉଁମାନଙ୍କ ପାଖେ ଆବଶ୍ୟକ ଭିତ୍ତିଭୂମି, ଶିକ୍ଷଣ ପରିବେଶ ଏବଂ ନିପୁଣ ଶିକ୍ଷକ ନାହାନ୍ତି ସେମାନେ ସରକାରୀସ୍ତରରେ ଉତ୍ତମ ଗୁଣବତ୍ତାର ଶିକ୍ଷା ପ୍ରଦାନ କରିବାରେ ଅସଫଳ ହେତୁ ବେସରକାରୀ ବିଦ୍ୟାଳୟଗୁଡ଼ିକର ପ୍ରବେଶ ବଢ଼ି ଚାଲିଛି ।

ବହୁସଂଖ୍ୟାରେ ଉଚ୍ଚତର ଶିକ୍ଷାନୁଷ୍ଠାନରେ ଦିଆଯାଉଥିବା ଶିକ୍ଷାର ଗୁଣବତ୍ତା ଏକ ଚିନ୍ତାର ବିଷୟ ଅଟେ । ଉଚ୍ଚତର ଶିକ୍ଷାର ମାନକୁ ବୃଦ୍ଧି କରିବା ପାଇଁ ଗୁଣବତ୍ତାକୁ ସୁନିଶ୍ଚିତ କରିବାକୁ ୧୯୯୪ ମସିହାରେ ଗୁଣବତ୍ତା ପାଇଁ ସ୍ୱୀକୃତି ପ୍ରଦାନକରୁଥିବା ସଂସ୍ଥାଗୁଡ଼ିକର ସ୍ଥାପନା ହୋଇଥିଲା । ଜାତୀୟ ମୂଲ୍ୟାଙ୍କନ ଏବଂ ପ୍ରତ୍ୟାୟନ ପରିଷଦ (NAAC) ଦ୍ୱାରା ମୂଲ୍ୟାଙ୍କନ ହୋଇଥିବା ୧୪୦ଟି ବିଶ୍ୱବିଦ୍ୟାଳୟଗୁଡ଼ିକରୁ କେବଳ ୩୨ ପ୍ରତିଶତଙ୍କୁ 'କ' ଶ୍ରେଣୀ ଦିଆଯାଇଛି । ମୂଲ୍ୟାୟନ ହୋଇଥିବା ୨୭୮୦ ମହାବିଦ୍ୟାଳୟଗୁଡ଼ିକରୁ କେବଳ ୯ ପ୍ରତିଶତଙ୍କୁ 'କ' ଶ୍ରେଣୀ ଦିଆଯାଇଛି । NAACରେ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ମୂଲ୍ୟାୟିତ ଅନୁଷ୍ଠାନଗୁଡିଂକ ଭିତରେ ୬୮ ପ୍ରତିଶତ ବିଶ୍ୱବିଦ୍ୟାଳୟ ଏବଂ ୯୧ ପ୍ରତିଶତ ମହାବିଦ୍ୟାଳୟ ହାରାହାରି ପ୍ରତିଶତ ବା ହାରାହାରିର କମ୍ ପ୍ରତିଶତ ପାଇଛନ୍ତି । ବେସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଛତୁଫୁଟିଲା ପରି ବୃଦ୍ଧି ପାଇବାରେ ଲାଗିଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ଅଧିକାଂଶ ଭଲ ଗୁଣବତ୍ତାର ନୁହେଁ । ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଖାଲିଥିବା ପଦବୀ ଯୋଗୁଁ ନିପୁଣ ଯୋଗ୍ୟତାସମ୍ପନ୍ନ ଶିକ୍ଷକର ଅଭାବ ପରିଲକ୍ଷିତ ହୋଇଛି, ବହୁତ ବେସରକାରୀ ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକରରେ ନିମ୍ନସ୍ତରର ଭିତ୍ତିଭୂମି, ବିଭିନ୍ନ ଅର୍ଥବ୍ୟବସ୍ଥାରେ ଚାହିଦାଯୁକ୍ତ ଦକ୍ଷତାସବୁକୁ ଧ୍ୟାନ ଦେଇ ଉଚ୍ଚତର ଶିକ୍ଷା ପାଠ୍ୟକ୍ରମର ନବୀକରଣରେ ଧୀର ପ୍ରଗତି ଏବଂ ଗବେଷଣା ଓ ବିକାଶ ପାଇଁ ଅପର୍ଯ୍ୟାପ୍ତ ଅର୍ଥସହାୟତା ସବୁ ଉଚ୍ଚତର ଶିକ୍ଷା କ୍ଷେତ୍ରକୁ ସୀମିତ କରିଦେଇଛି ।

**ଦକ୍ଷତା ଓ ନିୟୋଜନୀୟତା**

ଭାରତ ପୃଥିବୀରେ ସବୁଠୁଁ ଏକ ଯୁବ ରାଷ୍ଟ୍ର ଯାହାର ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ ଲୋକ ୨୫ ବର୍ଷରୁ କମ୍ ବୟସର ଅଟନ୍ତି ।ଏହି ତଥ୍ୟ ଦେଶର ଯୁବକମାନଙ୍କୁ ଦକ୍ଷତା ଏବଂ ଜ୍ଞାନରେ ଶିକ୍ଷା ଏବଂ ପ୍ରଶିକ୍ଷଣ ମାଧ୍ୟମରେ ନିପୂଣ କରି ଦେଶର କାର୍ଯ୍ୟବଳ ପାଇଁ ପ୍ରସ୍ତୁତ କରେ । ସେ ଯାହା ବି ହେଉ, ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମକୁ ସହାୟତା କରିବାକୁ ଆନୁଷ୍ଠାନିକ ବ୍ୟବସ୍ଥା ଅପର୍ଯ୍ୟାପ୍ତ ଅଟେ । ଆନୁଷ୍ଠାନିକଭାବେ ବ୍ୟବସାୟିକ କ୍ଷେତ୍ରରେ କୌଶଳର ବିକାଶ ଏବଂ ଧନ୍ଦାମୂଳକ ଶିକ୍ଷାର ସଫଳତା ପାଇଁ ଆନୁଷ୍ଠାନିକ ସମାନତା ଆଣିବା, ତା ସହ ଛାତ୍ରଛାତ୍ରୀମାନଙ୍କର ସମାନ୍ତରାଳ ଓ ଅସମାନ୍ତରାଳ ଗତିଶୀଳତାକୁ ଯୋଡ଼ିବାର ପ୍ରଚେଷ୍ଟା ଏବେ ଆରମ୍ଭ ହୋଇଛି । ଉଚ୍ଚମାନର ଧନ୍ଦାମୂଳକ ପ୍ରଶିକ୍ଷଣର ପ୍ରତିଷ୍ଠା ଏବଂ ସାମାଜିକ ଗ୍ରହଣୀୟତାକୁ ଗୁରୁତ୍ୱଦେବାର ଆବଶ୍ୟକତା ରହିଛି ।

ଆମ ଶିକ୍ଷା ବ୍ୟବସ୍ଥାରୁ ଆସୁଥିବା ଅଧିକାଂଶ ଲୋକଙ୍କ ପାଖରେ ନିୟୋଜନ ଦକ୍ଷତା ନାହିଁ । ଏହା ଫଳରେ ଉଚ୍ଚତର ଶିକ୍ଷା ବ୍ୟବସ୍ଥା ଉପରେ ବିଶ୍ୱସନୀୟତାକୁ ବହୁତ କମ କରିଦେଇଛି । ନିଯୁକ୍ତି ସୁନିଶ୍ଚିତ କରିବାରେ ଉଚ୍ଚତର ଶିକ୍ଷା ବ୍ୟବସ୍ଥାର

ଉପଯୋଗିତା ପ୍ରଶ୍ନବାଚୀ ହୋଇପଡ଼ିଛି । ବହୁସଂଖ୍ୟାରେ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଚାକିରୀଟିଏ ପାଇପାରନ୍ତି ନାହିଁ । ତେଣୁ ଆମ ଶିକ୍ଷା ବ୍ୟବସ୍ଥାରୁ ବାହାରୁଥିବା ଲୋକଙ୍କ ପାଇଁ ନିୟୋଜନ ଦକ୍ଷତାକୁ ପ୍ରାଥମିକତା ଦେବାର ଆବଶ୍ୟକତା ହିଛି ।

**ପାଠ୍ୟକ୍ରମ ଓ ମୂଲ୍ୟାୟନ**

ଆମର ହୃଦବୋଧ ହେଉଛି ଯେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବ୍ୟବଧାନ ଖୁବ୍ ବେଶୀ । ବିଶେଷତଃ ଯେଉଁ ପାଠ୍ୟ ବିଷୟକୁ ଅନ୍ତର୍ଭୁକ୍ତ କରାଯାଉଛି ତାର ସ୍ୱରୂପ କଣ ହେବା ଉଚିତ ଏବଂ ତାହା କିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷାକୁ ଯୋଡ଼ିପାରିବ ତାହା ଚିନ୍ତା କରିବାର ସମୟ ଆସିଛି । କାରଣ ଆମର ସାମାଜିକ ପରିବେଶରେ ଓ ପୃଥିବୀର ବିଭିନ୍ନ ସ୍ତରରେ ଦ୍ରୁତ ପରିବର୍ତ୍ତନ ହେବାରେ ଲାଗିଛି । ସେହି ପରିବର୍ତ୍ତନର ଧାରାକୁ ଦୃଷ୍ଟିରେ ରଖି ଶିକ୍ଷାର ଢାଞ୍ଚାରେ ପରିବର୍ତ୍ତନ ଆଣିବାକୁ ପଡିବ । ନଚେତ୍ ଛାତ୍ରମାନେ ପାଠ ପଢି ସାରିବା ପରେ ସାମାଜିକ ବ୍ୟବସ୍ଥା ସହ ନିଜକୁ ଖାପଖୁଆଇ ପାରିବେ ନାହିଁ । ଏହି ପ୍ରସଙ୍ଗରେ ଆମ ପାଇଁ ମୁଖ୍ୟ ସମସ୍ୟା ହେଲା, ଆମେ କିପରି ଆବଶ୍ୟକୀୟ କୌଶଳର ବିସ୍ତାରିକରଣ ପାଇଁ ଉପଯୁକ୍ତ ସୁଯୋଗ ସୃଷ୍ଟି କରିପାରିବା । ଉଭୟ କର୍ମ କୌଶଳ ଓ ଉଦ୍ୟୋଗ ସଂପର୍କିତ କୌଶଳ ହାସଲ ପାଇଁ ଦକ୍ଷତା ନିହାତି ଆବଶ୍ୟକ, କାରଣ ଏହାଦ୍ୱାରା ଛାତ୍ରମାନେ ବେଶୀ ପରିମାଣରେ ସୃଜନଶୀଳ ହୋଇ ଅନୁଶୀଳନାତ୍ମକ ହୋଇପାରିବେ ଓ ନିଜ ଭାବର ଆଦାନପ୍ରଦାନ ଦକ୍ଷତାର ସହ କରିପାରିବେ । ବିଭିନ୍ନ ସମସ୍ୟାର ସମାଧାନ ସେମାନେ ସ୍ୱାଧୀନଭାବରେ କରିପାରିବେ ଓ ଜୀବନ ବଂଚିବାର କଳା ଓ କୌଶଳ ଶିଖି ଦାୟିତ୍ୱ ସଂପନ୍ନ ନାଗରିକ ଭାବରେ ନିଜ ନିଜର ଭୂମିକା ନିର୍ବାହ କରିପାରିବେ । ସାଂସ୍କୃତିକ ବିବିଧତା ସହ ନିଜକୁ ଖାପଖୁଆଇ ପାରିବେ ଓ ସମନ୍ୱୟ ରକ୍ଷା କରି ଅନ୍ୟମାନଙ୍କ ସହ ମିଳିମିଶି କାମ କରିପାରିବେ । ମୋଟାମୋଟି ଭାବେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ମୂଲ୍ୟାୟନ କାଯ୍ୟକ୍ରମ ମଧ ଖୁବ୍ ସନ୍ତୋଷଜନକ ହୋଇଥାଏ । ଅନେକ କ୍ଷେତ୍ରରେ ଶିକ୍ଷାୟତନରେ ଛାତ୍ରମାନଙ୍କ ବିଷୟଜ୍ଞାନ କେତେ ହାସଲ ହୋଇପାରିଲା ତାର ଆକଳନ କରାଯାଏ । ଛାତ୍ରମାନଙ୍କ ବୋଧ ଶକ୍ତି ଠିକଭାବେ ବିକଶିତ ହେଉଛି କି ନାହିଁ , ତାହା ପରୀକ୍ଷା କରିବାର ଆବଶ୍ୟକତା ଯଥେଷ୍ଟ ବେଶୀ ବୋଲି ଅନୁଭୂତ ହୁଏ ।

**ସୂଚନା ଓ ସଂଚାର ପ୍ରଯୁକ୍ତିବିଦ୍ୟା**

ଗତଦୁଇ ଦଶନ୍ଧିରେ ସୂଚନା ଏବଂ ସଂଚାର କ୍ଷେତ୍ରରେ ବହୁ ଦ୍ରୁତ ପ୍ରଗତି ହାସଲ ହୋଇଛି । ଏ ଦିଗରେ ଆମ ଦେଶରେ ବହୁ ଗବେଷଣା ହୋଇସାରିଛି ଏବଂ ଏ ଶିକ୍ଷା କ୍ଷେତ୍ରରେ ICTର ବ୍ୟବହାରରେ ଅଗାଧଜ୍ଞାନ ଆମେ ପାଇଛୁ ।

ତଥାପି ଏହାର ପ୍ରୟୋଗ ଦିଗରେ ଆମେ ସମ୍ପୂର୍ଣ୍ଣ ସଫଳତା ଲାଭ କରିପାରିନାହୁଁ । ଏହା ଏପର୍ଯ୍ୟନ୍ତ ସୀମିତ ରହିଛି ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏହାକୁ ଆହୁରି କ୍ରିୟାଶୀଳ କରିବାକୁ ପଡିବ ।

**ଶିକ୍ଷକମାନଙ୍କର ବିକାଶ ଓ ପରିଚାଳନା ବ୍ୟବସ୍ଥା**

ଶିକ୍ଷକମାଙ୍କର ଗୁଣବତ୍ତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ବହୁ ଉଦ୍ୟମ କରାଯାଇଛି । ମାତ୍ର ଏହା ସତ୍ତ୍ୱେ ଶିକ୍ଷକଙ୍କ ବୃତ୍ତିଗତ ଦକ୍ଷତା କ୍ଷେତ୍ରରେ ବହୁ ତ୍ରୁଟି ପରିଲକ୍ଷିତ ହୁଏ । ସଂପ୍ରତି ପରିବର୍ତ୍ତିତ ପରିସ୍ଥିତିରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି । ସାମାଜିକ, ଆର୍ଥନୈତିକ, ସାଂସ୍କୃତିକ ସୂଚନା ଏବଂ ସଂଚାର ଜନିତ ପରିବର୍ତ୍ତିତ ପରିବେଶ ସହ ଖାପଖୁଆଇବାର ଆବଶ୍ୟକତା ବହୁତ ବଢିଯାଇଛି, ଶିକ୍ଷାନୁଷ୍ଠାନରେ ଆବଶ୍ୟକତା ଅନୁସାରେ ଯଥେଷ୍ଟ ସଂଖ୍ୟକ ଦକ୍ଷତାସମ୍ପନ୍ନ ଓ ତାଲିମପ୍ରାପ୍ତ ଶିକ୍ଷକ ଆମେ ଯୋଗାଇ ପାରୁ ନାହୁଁ । ବିଶେଷ କରି ଆମ ଦେଶର ପୂର୍ବାଞ୍ଚଳରେ ଏପରି ଯୋଗ୍ୟତା ସଂପନ୍ନ ଶିକ୍ଷକ ନଥିବା ଏକ ଅଭାବନୀୟ ଘଟଣା । ଏଭଳି ପ୍ରଦେଶଗୁଡ଼ିକରେ ଶିକ୍ଷକମାନଙ୍କୁ ଉପଯୁକ୍ତ ତାଲିମ ଦେବାପାଇଁ ସୁବିଧା ସୁଯୋଗ ନାହିଁ । ବୃତ୍ତିଗତ ଦୃଷ୍ଟି କୋଣରୁ ଶିକ୍ଷକମାନଙ୍କ ଏପରି ଏକ ପରିଚୟ ନଥିବା ଗଭୀର ଚିନ୍ତାର ବିଷୟ ହୋଇଛି । ଶିକ୍ଷକମାନଙ୍କ ଦକ୍ଷତା ଓ ଉତ୍ତରଦାୟିତ୍ୱ ଏବଂ ଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ କରିବା ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି ।

**ସମତା ବିଷୟ**

ବିଦ୍ୟାଳୟରେ ପ୍ରବେଶ ପୂର୍ବରୁ ଯଥେଷ୍ଟ ସଂଖ୍ୟକ ଶିଶୁଙ୍କ ନାମ ଲେଖାଇବା ପ୍ରକ୍ରିୟାରେ ଯଦିଓ ପ୍ରଗତି ହୋଇଛି, ତଥାପି ସମାଜର ଏପରି ଅସମର୍ଥ ଜନଗୋଷ୍ଠୀ ଅଛନ୍ତି, ଯେଉଁମାନଙ୍କ ସନ୍ତାନମାନେ ଏ ସୁଯୋଗର ବଂଚିତ ହେଉଛନ୍ତି । ବିଶେଷତଃ ଆର୍ଥନୈତିକ ଦୃଷ୍ଟିକୋଣରୁ ସେମାନେ ସମର୍ଥ ନୁହଁନ୍ତି ଓ ସେମାନଙ୍କ ସନ୍ତାନମାନେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେଇ ପାରୁନାହାଁନ୍ତି ।

କିଛି ମାତ୍ରାରେ ପ୍ରଗତି ହେବା ସତ୍ତ୍ୱେ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ କେତକ ରାଜ୍ୟ ଜାତୀୟ ହାର ତୁଳନାରେ ବହୁ ନିମ୍ନ ସ୍ତରରେ ଅଛି । ପ୍ରାଥମିକ ଶିକ୍ଷା ପାଇଁ ଆଗ୍ରହ ବଢୁଥିଲା ବେଳେ ଓ ମାଧ୍ୟମିକ ବିଦ୍ୟାଳୟର ସଂଖ୍ୟା ବଢୁଥିଲା ବେଳେ ମାଧ୍ୟମିକ ଶିକ୍ଷାର ପ୍ରସାର କ୍ଷେତ୍ରରେ ସମଗ୍ର ଦେଶରେ ବୈଷମ୍ୟ ପରିଲକ୍ଷିତ ହୁଏ, ଛାତ୍ରମାନଙ୍କ ସାମାଜିକ, ଆର୍ଥନୈତିକ ସ୍ଥିତି ଦୃଷ୍ଟିରୁ ଆଞ୍ଚଳିକ ବୈଷମ୍ୟ ମଧ୍ୟ ଦୃଷ୍ଟିଗୋଚର ହୁଏ ।

୨୦୧୧-୧୨ ମସିହାରେ ଝାଡଖଣ୍ଡ ପ୍ରଦେଶରେ ଉଚ୍ଚ ଶିକ୍ଷା କେବଳ ୮.୪ ରେ ସୀମିତ ଅଛି । ମାତ୍ର ଚଣ୍ଡୀଗଡ଼ରେ ଏହା ୫୩ ପ୍ରତିଶତକୁ ଛୁଇଁଛି । କେତେକ ବୈଷମ୍ୟ ମଧ୍ୟ ନିର୍ଦ୍ଦିଷ୍ଟ ସାମାଜିକ ଗୋଷ୍ଠୀଙ୍କ ମଧ୍ୟରେ ଥିବା ଦେଖାଯାଏ । ଉଚ୍ଚ

ଶିକ୍ଷା ପ୍ରାପ୍ତ ହେଉଥିବା ଛାତ୍ରଙ୍କ ହାର ୨୩.୬ ଥିଲାବେଳେ, ବାଳକମାନଙ୍କ କ୍ଷେତ୍ରରେ ଏହା ୨୪.୫, ବାଳିକାମାନଙ୍କ କ୍ଷେତ୍ରରେ ୨୨.୬, ଜନଜାତିଙ୍କ କ୍ଷେତ୍ରରେ୧୮.୫, ଓ ଆଦିବାସୀଙ୍କ କ୍ଷେତ୍ରରେ ଏହା ୧୩.୩ ବୋଲି ଜଣାପଡିଛି । ତେଣୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସବୁଠାରୁ ବଡ ସମସ୍ୟା ହେଉଛି, ଆମେ କିପରି ଏ ଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ସାମ୍ୟ ପ୍ରତିଷ୍ଠା କରି ସମସ୍ତଙ୍କୁ ଉପଯୁକ୍ତ ସୁଯୋଗ ଓ ଶିକ୍ଷାଗତ ନ୍ୟାୟ ଦେଇ ପାରିବା ।

ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁବିଧାରୁ ବଞ୍ଚିତ ଶିକ୍ଷାର୍ଥୀ ଗୋଷ୍ଠୀଙ୍କର ନାମ ଲେଖାଇବା ଓ ଶ୍ରେଣୀରେ ଅଟକ ରଖିବା ପାଇଁ ଅଧିକାଂଶ ରାଜ୍ୟ ସମ୍ମିଳିତ କୌଶଳ ସଫଳ ଭାବରେ ପାଳନ କରୁଛନ୍ତି । ଏହିସବୁ ଉଦ୍ୟମ ସତ୍ତ୍ୱେ କେତେକ ଭିନ୍ନକ୍ଷମ ଶିଶୁ, ଅପହଞ୍ଚ ଅଞ୍ଚଳରେ ବାସ କରୁଥିବା ଶିଶୁ , ଯାଯାବର ପରିବାରର ଶିଶୁ ଏବଂ କ୍ଷତିଗ୍ରସ୍ତ ବଞ୍ଚିତ ପରିବାରର ପିଲାମାନେ ସମ୍ପୂର୍ଣ୍ଣ ଭାବରେ ଶିକ୍ଷାଗ୍ରହଣ କରିବାର ସୁବିଧାଲାଭ କରିପାରୁନାହାନ୍ତି । ସହରାଞ୍ଚଳରେ ବାସ କରୁଥିବା ପିଲାମାନଙ୍କର ଶିକ୍ଷାକ୍ଷେତ୍ରରେ ଯୋଗଦାନ ଅତ୍ୟନ୍ତ ନଗଣ୍ୟ । ସାର୍ବଜନୀନ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଫଳପ୍ରଦ ହେବା ପାଇଁ ଶିକ୍ଷାକ୍ଷେତ୍ରରେ ବାଧ୍ୟତାମୂଳକ ପ୍ରବେଶକୁ ପ୍ରାଧାନ୍ୟ ଦେଇଛି ।

ଜାତୀୟ ଅଧ୍ୟୟନ କୃତିତ୍ୱ ସର୍ଭେ (National Learning Achievement Surveys)ରୁ ଜଣାପଡ଼େ ଯେ ରାଜ୍ୟ ଓ ସ୍ୱୟଂଶାସିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କର ହାରାହାରି କୃତିତ୍ୱସ୍ତରରେ ଯଥେଷ୍ଟ ପାର୍ଥକ୍ୟ ରହୁଛି । ଏଥିରୁ ଆହୁରି ମଧ୍ୟ ଜଣାଯାଏ ଯେ, ସହରାଞ୍ଚଳର ଶିକ୍ଷାର୍ଥୀମାନେ ଗ୍ରାମୀଣ ଶିକ୍ଷାର୍ଥୀଙ୍କ ତୁଳନାରେ ଅନେକାଂଶରେ ଭଲ ପ୍ରଦର୍ଶନ କରୁଛନ୍ତି । ସରକାରୀ ତୁଳନାରେ ଘରୋଇ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ସାମାନ୍ୟ ଭଲ ପ୍ରଦର୍ଶନ କରନ୍ତି । ଅନୁସୂଚିତ ଜାତି ଓ ଜନଜାତିଙ୍କ ଅପେକ୍ଷା ସାଧାରଣ ଓ ଅନ୍ୟ ପଛୁଆ ବର୍ଗର ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରନ୍ତି । ଏପରି ପରିସଂଖ୍ୟାନ ଅଧ୍ୟୟନର ସମାନତାକୁ ଧ୍ୟାନ ଦେବାରେ ଗୁରୁତର ସମସ୍ୟା ଦେଇଥାଏ । ସମାଜରେ ଇତିହାସ ଅନୁଯାୟୀ କ୍ଷତିଗ୍ରସ୍ତ ବର୍ଗ ଏବଂ ପ୍ରଥମ ପିଢ଼ିର ଅଧ୍ୟୟନକାରୀଙ୍କର ଶିକ୍ଷାଗ୍ରହଣ ସାମର୍ଥ୍ୟ ଅତି କମ୍ ହୋଇଥାଏ ।

ବିଦ୍ୟାଳୟ ପରିତ୍ୟାଗ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଭିନ୍ନକ୍ଷମ ତଥା ବିଶେଷ ଆବଶ୍ୟକତା ରଖୁଥିବା ବିଦ୍ୟାର୍ଥୀ ହୋଇଥାଆନ୍ତି । ଏପରି ପରିସ୍ଥିତି ସୂଚିତ କରେ ଯେ ଭିନ୍ନକ୍ଷମ ଏବଂ ସାମାଜିକ ତଥା ଶିକ୍ଷାଗତ ଅନଗ୍ରସର ଛାତ୍ରଙ୍କ ଲାଗି ବିଦ୍ୟାଳୟଗୁଡ଼ିକୁ ଅଧିକ ଉପକରଣରେ ସଂଯୋଜିତ କରିବାକୁ ହେବ ।

ଯଦିଓ, ବିଦ୍ୟାଳୟ ଛାଡୁଥିବା ପିଲାଙ୍କର ହାର ସବୁ ବର୍ଗ ଲାଗି ଚିନ୍ତାର ବିଷୟ ହୋଇପଡ଼ିଛି , ତେବେ ସେଥି ମଧ୍ୟରୁ ଭିନ୍ନକ୍ଷମ, ସାମାଜିକ ଅନଗ୍ରସର ଛାତ୍ରଛାତ୍ରୀ ଏବଂ କନ୍ୟା ଛାତ୍ରୀମାନଙ୍କର ହାର ଜାତୀୟ ହାରଠାରୁ ଅଧିକ ଜଣାପଡ଼େ । ତେଣୁ ବିଦ୍ୟାଳୟରେ ଅନଗ୍ରସର ବର୍ଗର ପିଲାଏ କିପରି ବିଦ୍ୟାଳୟ ପରିତ୍ୟାଗ ନ କରିବେ ସେଥି ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ ।

ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଫଳପ୍ରଦ ହେବା ପାଇଁ ଶିକ୍ଷାକ୍ଷେତ୍ରରେ ବାଧତାମୂଳକ ପ୍ରବେଶକୁ ପ୍ରାଧାନ୍ୟ ଦିଆଯାଇଛି । ଏଥିରୁ ଜଣାପଡ଼େ ଯେ ରାଜ୍ୟ ଓ ସ୍ୱୟଂଶାସିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କର ହାରାହାରି କୃତିତ୍ୱସ୍ତରରେ ଯଥେଷ୍ଟ ପାର୍ଥକ୍ୟ ରହୁଛି । ଏଥିରୁ ଆହୁରି ମଧ୍ୟ ନିଷ୍କର୍ଷ ହୁଏ ଯେ, ସହରାଞ୍ଚଳର ଶିକ୍ଷାର୍ଥୀ ମାନେ ଗ୍ରାମୀଣ ଶିକ୍ଷାର୍ଥୀଙ୍କ ତୁଳନାରେ ଅନେକାଂଶରେ ଭଲ ପ୍ରଦର୍ଶନ କରୁଛନ୍ତି । ସରକାରୀ ତୁଳନାରେ ଘରୋଇ ସ୍କୁଲର ବିଦ୍ୟାର୍ଥୀମାନେ ସାମାନ୍ୟ ଭଲ ପ୍ରଦର୍ଶନ କରନ୍ତି । ଅନୁସୂଚିତ ଜାତି ଓ ଜନଜାତିଙ୍କ ଅପେକ୍ଷା ସାଧାରଣ ଓ ଅନ୍ୟ ପଛୁଆ ବର୍ଗର ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରନ୍ତି । ଏପରି ପରିସଂଖ୍ୟାନ ଅଧ୍ୟୟନର ସମାନତାକୁ ଗମ୍ଭୀର ଆହ୍ୱାନ ଦେଇଥାଏ । ସମାଜରେ ଇତିହାସ ଅନୁଯାୟୀ କ୍ଷତିଗ୍ରସ୍ତ ବର୍ଗ ଏବଂ ପ୍ରଥମ ପିଢ଼ିର ଅଧ୍ୟୟନକାରୀଙ୍କର ଶିକ୍ଷାଗ୍ରହଣ ସାମର୍ଥ୍ୟ ଅତି କମ୍ ହୋଇଥାଏ ।

ବିଦ୍ୟାଳୟରେ ଉପସ୍ଥିତିରେ ଲିଙ୍ଗୀୟ ଅସମତାକୁ ହ୍ରାସ କରିବାରେ ଅଧିକାଂଶ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଭାବଶାଳୀ ପ୍ରଗତି କରିଛନ୍ତି । ବିଶେଷ କରି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ଅନେକ ବିଦ୍ୟାଳୟ ଲିଙ୍ଗୀୟ ସମତାରେ ପହଞ୍ଚିପାରିଛନ୍ତି ବା ଟପି ଯାଇଛନ୍ତି । କିନ୍ତୁ, ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଅଧିକ ଅସମାନତା ପରିଲକ୍ଷିତ ହୁଏ । ଅନେକ ଝିଅଙ୍କୁ ସ୍କୁଲକୁ ପଠାଯାଏ ନାହିଁ , ଏବଂ ଯେଉଁ ଝିଅମାନେ ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚ ମାଧ୍ୟମିକ ସ୍କୁଲ ଓ କଲେଜରେ ତାଙ୍କର ଶିକ୍ଷାକୁ ଜାରି ରଖିବାକୁ ଯାଇ ପାରୁନାହାନ୍ତି । ମାଧ୍ୟମିକ ବିଦ୍ୟାଳୟ ପରେ ଝିଅମାନଙ୍କ ପାଠପଢ଼ା ଅବ୍ୟାହତ ରଖିବା ଲାଗି ଅନେକ ପ୍ରତିବନ୍ଧ ଦେଖାଦିଏ । ଏହି ଲିଙ୍ଗୀୟ ତାରତମ୍ୟକୁ ଏଡ଼େଇବା ଲାଗି ନିଆଯାଉଥିବା ପଦକ୍ଷେପ ଗୁଡ଼ିକୁ ବଢ଼େଇବାକୁ ହେବ ତଥା କନ୍ୟା ଓ ବିଶେଷ ବର୍ଗର ଶିକ୍ଷାର୍ଥୀଙ୍କ ଲାଗି ଦକ୍ଷ କୌଶଳ ଆପଣେଇବାକୁ ହେବ ।

ଯୁବବର୍ଗରେ ଅପେକ୍ଷାକୃତ ଅଧିକ ଲିଙ୍ଗୀୟ ତାରତମ୍ୟ ଏବଂ ଶିକ୍ଷାହାର ଅସମାନତା ଏକ ମୁଖ୍ୟ ଆହ୍ୱାନ ହୋଇପଡ଼ିଛି । ଭାରତ ଏବେ ମଧ୍ୟ ତରୁଣବର୍ଗରେ ଲିଙ୍ଗୀୟ ଅସମାନତା ବହୁତ ଅଧିକ (ଶତକଡ଼ା ୮.୨ % ପଏଣ୍ଟ) । ୨୦୧୧ରେ ୧୫-୨୪ ବର୍ଷୀୟ ଯୁବ ଶିକ୍ଷାହାର ଛାତ୍ରଙ୍କ ଲାଗି ୯୦% ଏବଂ ଛାତ୍ରୀଙ୍କ ଲାଗି ୮୧.୮% ପରିଲକ୍ଷିତ ହୋଇଥିଲା । ଭାରତରେ ଯୁବ ଶିକ୍ଷାହାରରେ ଲିଙ୍ଗୀୟ ଅସମାନତା ମଧ୍ୟ ଅଧିକ ରହି ଆସିଛି (୧୯.୫%) । ୨୦୧୧ରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ଯୁବ ଛାତ୍ରଙ୍କ ଶିକ୍ଷାହାର ୭୮% ଥିବାବେଳେ ଛାତ୍ରୀଙ୍କ ୫୯% ହୋଇଥିଲା । ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ମହିଳାଙ୍କର ଶିକ୍ଷା ଲାଗି ଅଧିକ ପଦକ୍ଷେପ ନେବାକୁ ହେବ ।

**ପଦ୍ଧତି କାର୍ଯ୍ୟକାରିତା**

ଯଦିଓ ବିଦ୍ୟାଳୟ ପରିତ୍ୟକ୍ତ ଶିକ୍ଷାର୍ଥୀଙ୍କର ହାର ପ୍ରାଥମିକ ଓ ମାଧମିକ ଶିକ୍ଷାସ୍ତରରେ କ୍ରମଶଃ ହ୍ରାସ ପାଇଲାଣି ତଥାପି ସଂଖ୍ୟାଧିକ ପିଲାଏ ମୌଳିକ ଶିକ୍ଷା ସମାପ୍ତି ପୂର୍ବରୁ ପାଠ ଛାଡ଼ି ଦେଉଛନ୍ତି । ୨୦୧୪-୧୫ ରେ ପ୍ରାଥମିକ ସ୍ତରରେ ସ୍ଥିତାବସ୍ଥା ହାର ୮୩.୭% ଏବଂ ମାଧମିକ ସ୍ତରରେ ଏହା ୬୭.୪% ଥିଲା । ଏହା ସୂଚାଏ ଯେ ପ୍ରାୟତଃ , ପ୍ରଥମ ଶ୍ରେଣୀରେ ପ୍ରତି ଦଶ ଜଣ ଛାତ୍ରରେ ଚାରି ଜଣ ଅଷ୍ଟମ ଶ୍ରେଣୀ ପୂରା କରିବା ପୂର୍ବରୁ ବିଦ୍ୟାଳୟ ଛାଡ଼ି ଦିଅନ୍ତି । ମାଧମିକ ସ୍ତରରେ ବିଦ୍ୟାଳୟ ପରିତ୍ୟାଗ ହାର ଏବେ ମଧ ଖୁବ୍ ବେଶୀ, ଯାହା ବିଶେଷତଃ ସାମାଜିକ ଏବଂ ଆର୍ଥନିତିକ ଅନଗ୍ରସର ବର୍ଗର ବିଦ୍ୟାର୍ଥୀଙ୍କ କ୍ଷେତ୍ରରେ ଅଧିକ ପରିଲକ୍ଷିତ । ଯଦ୍ୟପି ବିଦ୍ୟାଳୟ ପରିତ୍ୟକ୍ତି ଏବେ ସମସ୍ତ ବର୍ଗର ପିଲାଙ୍କ ଲାଗି ଚିନ୍ତାର ବିଷୟ,, ତେବେ ଏହା ସାମାଜିକ ଓ ଆର୍ଥନିତିକ ଅନଗ୍ରସର ବିଦ୍ୟାର୍ଥୀ ତଥା ସବୁବର୍ଗର ଛାତ୍ରୀଙ୍କ ଲାଗି ଅଧିକ ପ୍ରଯୁଜ୍ୟ । ଏଣୁ ବିଦ୍ୟାଳୟରେ ଉପରୋକ୍ତ ବିଶେଷ ବର୍ଗର ଛାତ୍ରଛାତ୍ରୀଙ୍କର ସ୍ଥିତାବସ୍ଥାକୁ ରକ୍ଷା କରିବାକୁ ହେଲେ ଉନ୍ନତ ପଦକ୍ଷେପ ନେବାକୁ ହେବ । ଯେଉଁ ବିଦ୍ୟାର୍ଥୀମାନେ ବିଦ୍ୟାଳୟରେ ନାମ ଲେଖାଉଛନ୍ତି ସେମାନଙ୍କର ପ୍ରାଥମିକ, ମାଧମିକ ଏବଂ ଉଚ୍ଚ ମାଧମିକ ଶିକ୍ଷା ସମାପ୍ତିକୁ ସ୍ଥିରନିଶ୍ଚିତ କରିବା ଜରୁରି ହୋଇପଡ଼ିଛି ।

**ଶାସନ ଓ ପରିଚାଳନା**

କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ଅନୁପସ୍ଥିତି, ବିଦ୍ୟାଳୟ/ ମହାବିଦ୍ୟାଳୟ /ବିଶ୍ୱବିଦ୍ୟାଳୟକୁ ସରକାରୀ ଅନୁଦାନରେ ବିଳମ୍ବ ଏବଂ ଶାସକୀୟ ଅପାରଗତା ଇତ୍ୟାଦି ଶିକ୍ଷା ବ୍ୟବସ୍ଥାରେ ଆହ୍ୱାନ ଦେଇଥାଏ । କାର୍ଯ୍ୟକ୍ରମର ଫଳପ୍ରଦ ସଂଯୋଜନା ଏବଂ ରୂପାୟଣ କରିବାରେ ବାଧକ ଏବେ ମୁଖ୍ୟ ପ୍ରସଙ୍ଗ ମନେହୁଏ । ଫଳତଃ, ସଂଯୋଜିତ କାର୍ଯ୍ୟକ୍ରମର ଅଗ୍ରଗତି ଫଳପ୍ରଦ ହୋଇପାରୁନି । ବିଶେଷତଃ ତୃତୀୟକ ଶିକ୍ଷାସ୍ତରରେ, ପ୍ରଦାତା, କାର୍ଯ୍ୟକର୍ତ୍ତା ଓ ଅର୍ଥବ୍ୟବସ୍ଥାର ବହୁଳ ଆଗମନ ସହ ଶିକ୍ଷା ବ୍ୟବସ୍ଥା ଓ ସଂସ୍ଥା ଗୁଡ଼ିକର ଶାସନ ଓ ପରିଚାଳନା ଜଟିଳ ହୋଇଯାଇଛି । ଯଦିଓ ଏହା ସତ୍ୟ ଯେ କିଛି ରାଜ୍ୟ ପ୍ରେରଣାଦାୟକ ଉପକ୍ରମଣ କରିବା ସହ ଅଭିନବ ସଞ୍ଚାଳନା କରିଛନ୍ତି ତେବେ ଦେଶରେ ଏହା ସାମଗ୍ରିକ ଚିତ୍ର ଅଟେ । ଉଭୟ ଶିକ୍ଷାପ୍ରଣାଳୀ ଏବଂ ସଂସ୍ଥାନରେ ଶାସନ ଏବଂ ପରିଚାଳନା ନୀତିରେ ଏକ ନୂଆ ଦୃଷ୍ଟିପାତ ଅତ୍ୟାବଶ୍ୟକ ହୋଇପଡ଼ିଛି।

ଘରୋଇ ବିଦ୍ୟାଳୟଗୁଡ଼ିକରେ ନାମଲେଖା ଲାଗି ଯେଉଁ ଭାବରେ ଶୁଳ୍କ ଆଦାୟ ହେଉଛି ସେଥିରୁ ଜଣାଯାଏ ଯେ ଉଭୟ

ବିଦ୍ୟାଳୟ ଏବଂ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଅନିୟନ୍ତ୍ରିତ ଭାବରେ ବ୍ୟବସାୟୀକରଣ ବଢ଼ିଚାଲିଛି । ନିକୃଷ୍ଟ ମାନର ଶିକ୍ଷାନୁଷ୍ଠାନର ତୀବ୍ର ବୃଦ୍ଧି ହେତୁ ଆଜି ଶିକ୍ଷାବ୍ୟବସ୍ଥାର ବିଶ୍ୱାସନୀୟତା କ୍ଷୁଣ୍ଣ ହୋଇଛି ।

**ଗବେଷଣା ଓ ବିକାଶ**

ଭାରତର ବିଶ୍ୱବିଦ୍ୟାଳୟମାନଙ୍କରେ ଗବେଷଣା ଏବଂ ଉନ୍ନୟନମୂଳକ ଉଦ୍ୟୋଗ ଦୁର୍ବଳ ଅଟେ । କାର୍ଯ୍ୟରତ ବିଭାଗର ଦକ୍ଷତାକୁ ଉନ୍ନୀତ କରିବା ଲାଗି, ଶିକ୍ଷାଦାନ ଏବଂ ଗବେଷଣା ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଉଭୟରେ ଉତ୍କୃଷ୍ଟତା ଆଣିବା, ତଥା ଜ୍ଞାନ ବର୍ଦ୍ଧନକୁ ତ୍ୱରାନ୍ୱୀତ କରିବା ଲାଗି ବିଶ୍ୱବିଦ୍ୟାଳୟଗୁଡ଼ିକୁ ଗବେଷଣା କେନ୍ଦ୍ର ଏବଂ ଉଦ୍ୟୋଗ ସହ ସଂଯୁକ୍ତ କରି ଅନ୍ତରାଷ୍ଟ୍ରୀୟକରଣକୁ ପ୍ରୋତ୍ସାହିତ କରିବା ଦିଗରେ କେବଳ ସ୍ୱଳ୍ପ ପ୍ରଚେଷ୍ଟା କରାଯାଇଛି ।

**ଆୟବ୍ୟୟ ସଂକ୍ରାନ୍ତୀୟ ବାଧକତା**

ଶିକ୍ଷାପଦ୍ଧତିକୁ ଅପର୍ଯ୍ୟାପ୍ତ ଅର୍ଥଯୋଗାଣ ସାର୍ବଜନୀନ ଶିକ୍ଷାଧିକାରକୁ ସମ୍ପ୍ରସାରଣ କରିବାରେ ଓ ଗୁଣାତ୍ମକ ଶିକ୍ଷାଦାନରେ ବାଧକ ସାଜିଥାଏ । ଏକାଧିକ ଅନୁଧ୍ୟାନରୁ ଜଣାଯାଇଛି ଯେ ବିଦ୍ୟାଳୟ /ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟକୁ ସରକାରୀ ଅନୁଦାନରେ ବିଳମ୍ବ ଇତ୍ୟାଦି ଶିକ୍ଷା ବ୍ୟବସ୍ଥାରେ ଶାସନକୁ ଆହ୍ୱାନ ଦେଇଥାଏ । ପୂର୍ବେ, ଶିକ୍ଷାନୀତି GDPର ୬% କୁ ଶିକ୍ଷା ଲାଗି ସର୍ବନିମ୍ନ ବ୍ୟୟ ଭାବରେ ଅଟକଳ କରିଥିଲା । କିନ୍ତୁ ଏହି ଲକ୍ଷ୍ୟ କେବେହେଲେ ସାଧିତ ହୋଇପାରିନାହିଁ । ଶିକ୍ଷା ଓ ଶିକ୍ଷାନୁଷ୍ଠାନଗୁଡ଼ିକର ସମ୍ପ୍ରସାରଣ ଲାଗି ଓ ଶିକ୍ଷାବ୍ୟବସ୍ଥାର ଗୁଣବତା ରକ୍ଷା ଲାଗି କେତେକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବାରେ ଅର୍ଥଯୋଗାଣର ହ୍ରାସ ମୁଖ୍ୟ ବାଧକ ସାଜିଥାଏ । କାର୍ଯ୍ୟକ୍ରମଗୁଡ଼ିକର ସମୟୋପଯୋଗୀ ପରିପାଳନରେ ବ୍ୟାପକ ଏବଂ ଲଗାତାର ବ୍ୟର୍ଥତା ହେତୁ ଦିଆଯାଇଥିବା ସମ୍ପଦର ସ୍ୱଳ୍ପାନୁକୂଳ ବିନିଯୋଗ ହୋଇଥାଏ ।

**ବିଶ୍ୱବ୍ୟାପୀ ପ୍ରତିବଦ୍ଧତା**

କାର୍ଯ୍ୟସୂଚୀ ୨୦୧୬ରେ ଥିବା ବିଶ୍ୱ ଧାରଣୀୟ ବିକାଶ ଲକ୍ଷ୍ୟ ୪ (SDG) ଅନୁଯାୟୀ, ସମ୍ମିଳିତ ତଥା ନ୍ୟାୟସଙ୍ଗତ ଶିକ୍ଷାପଦ୍ଧତି ସହ ସମସ୍ତଙ୍କ ଲାଗି ଆଜୀବନ ଅଧ୍ୟୟନ ସୁଯୋଗ ସୃଷ୍ଟି ଏବଂ ଗୁଣାତ୍ମକ ଶିକ୍ଷାଦାନ କରାଯିବ । ୨୦୦୦ ମସିହାରେ ରେ ଆରମ୍ଭ ହୋଇଥିବା EFA କାର୍ଯ୍ୟସୁଚୀ ଅସମ୍ପୂର୍ଣ୍ଣ ରହିଥିଲା । ବିଶେଷତଃ ତରୁଣ ଓ ଯୁବ ଅଶିକ୍ଷିତ, ବିଦ୍ୟାଳୟ ବହିର୍ଭୂତ ଛାତ୍ର, ବାଲ୍ୟକାଳରେ ଯତ୍ନ ଓ ଶିକ୍ଷାଦାନରୁ ଦୂରରେ ଥିବା ପିଲା, ଦକ୍ଷତା ଉନ୍ନୟନ ଲାଗି ଅପର୍ଯ୍ୟାପ୍ତ ସୁଯୋଗ ଓ ଅଧ୍ୟୟନ ସ୍ତର ସମ୍ପର୍କରେ ଏହି ଅସମ୍ପୂର୍ଣ୍ଣତା ଥିଲା । ତେଣୁ ଉଭୟ ଅସମ୍ପୂର୍ଣ୍ଣ EFA କାର୍ଯ୍ୟସୁଚୀ ଏବଂ SDG4 ସହ ସଂଶ୍ଳିଷ୍ଟ ଲକ୍ଷ୍ୟକୁ NEP ଅନୁଶୀଳନ କରିବ ।

ଶିକ୍ଷାକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଆହ୍ୱାନ, ଅଭିନବ ଉପାୟ ଓ ଅବ୍ୟାହତ ପ୍ରଚେଷ୍ଟାର ଆବଶ୍ୟକତା ରଖେ । ଏହି ଉପାୟ ଓ ପ୍ରଚେଷ୍ଟା ସାର୍ବଜନୀନ ଶିକ୍ଷାଧିକାର ଓ ସମାନତାକୁ ବିପଦଶଙ୍କୁଳ ନକରି ସାଧାରଣ ଭାବେ ଶିକ୍ଷାପଦ୍ଧତିରେ ଉନ୍ନୟନ କରିବ ଏବଂ ବିଶେଷ ଭାବେ ଗୁଣାତ୍ମକ ଶିକ୍ଷାଦାନ କରିବ । ଭାରତୀୟ ଶିକ୍ଷାପ୍ରଣାଳୀର ଉନ୍ନୟନ ସମ୍ପର୍କିତ ବହୁବିଧ ଆହ୍ୱାନର ସମାଧାନ ଲାଗି ଫଳପ୍ରଦ କାର୍ଯ୍ୟନୀତିର ପରିକଳ୍ପନାର ଆବଶ୍ୟକତା ରହିଛି ।

# ତୃତୀୟ ଅଧ୍ୟାୟ

## ଦୂରଦୃଷ୍ଟି, ମିଶନ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ

### ଦୂରଦୃଷ୍ଟି

ଜାତୀୟ ଶିକ୍ଷା ନୀତି ୨୦୧୬ ଏକ ଭରସାଯୋଗ୍ୟ ଉଚ୍ଚ ପ୍ରଦର୍ଶନକ୍ଷମ ଶିକ୍ଷା ବ୍ୟବସ୍ଥାର ସ୍ୱପ୍ନ ଦେଖେ ଯାହା ସମସ୍ତଙ୍କ ପାଇଁ ସମ୍ମିଳିତ ଗୁଣବତ୍ତାର ଶିକ୍ଷା ଏବଂ ଜୀବନବ୍ୟାପୀ ଶିକ୍ଷଣ ସୁଯୋଗର ସୁନିଶ୍ଚିତ କରେ, ଫଳପ୍ରଦ ଜୀବନ ବଞ୍ଚିବାକୁ ଆବଶ୍ୟକ ଜ୍ଞାନ, ଦକ୍ଷତା, ଦୃଷ୍ଟିକୋଣ, ଏବଂ ମୂଲ୍ୟବୋଧରେ ନିପୁଣ ଛାତ୍ର ବା ସ୍ନାତକ ଉତ୍ପନ୍ନ କରେ, ଦେଶର ବିକାଶ ପ୍ରକ୍ରିୟାରେ ଯୋଗଦାନ କରେ ଏବଂ କ୍ଷିପ୍ର ପ୍ରଗତିଶୀଳ, ସର୍ବଦା ଜଗତିକରଣ ହେଉଥିବା, ଜ୍ଞାନଆଧାରିତ ଅର୍ଥନୀତି ଏବଂ ସମାଜର ଆବଶ୍ୟକତାକୁ ପୂରଣ କରୁଥିବା ଶିକ୍ଷା ବ୍ୟବସ୍ଥାର ସ୍ୱପ୍ନ ଦେଖେ ।

### ମିଶନ

- ଶିଶୁ, ଯୁବକ, ପ୍ରାପ୍ତବୟସ୍କଙ୍କ ପାଇଁ ସମାନ, ସମ୍ମିଳିତ, ଗୁଣବତ୍ତାର ଶିକ୍ଷା ଏବଂ ଜୀବନବ୍ୟାପୀ ଶିକ୍ଷଣର ସୁଯୋଗ ସୁନିଶ୍ଚିତ କରିବା ଏବଂ ରାଷ୍ଟ୍ରର ମାନବୀୟ ସମ୍ବଳକୁ ସମାନତା ଓ ଉତ୍କୃଷ୍ଟତା ସହିତ ଉପଲବଧି କରିବାକୁ ପ୍ରୋତ୍ସାହନ ଦେବା ।
- ବିଦ୍ୟାଳୟ ଓ ଉଚ୍ଚତର ଶିକ୍ଷା ଏବଂ ପ୍ରାପ୍ତବୟସ୍କଙ୍କ ଶିକ୍ଷା କାର୍ଯ୍ୟକ୍ରମ ଭାରତର ମହାନ ଅତୀତ, ପରମ୍ପରା, ବିଭିନ୍ନ ସଂସ୍କୃତି ବିଷୟରେ ଶିଶୁମାନଙ୍କୁ, ଯୁବଗୋଷ୍ଠୀଙ୍କୁ, ପ୍ରାପ୍ତବୟସ୍କଙ୍କୁ ଅବଗତ କରାଇବାକୁ ସୁନିଶ୍ଚିତ କରିବା ଏବଂ ସବୁସ୍ତରର ମୂଲ୍ୟବୋଧ ଯାହା ଶିକ୍ଷାର୍ଥୀକୁ ଦାୟୀତ୍ୱଶୀଳ ନାଗରିକତ୍ୱ, ଶାନ୍ତି, ସହନଶୀଳତା, ନିରପେକ୍ଷବାଦ, ଜାତୀୟ ଏକତା, ସାମାଜିକ ସମନ୍ୱୟତା, ସବୁଧର୍ମ ପାଇଁ ପାରସ୍ପରିକ ସମ୍ମାନ, ସାର୍ବଜନୀନ ମୂଲ୍ୟବୋଧ ଯାହା ବିଶ୍ୱ ନାଗରିକତ୍ୱ ଏବଂ ସ୍ଥାୟୀ ବିକାଶର ପ୍ରୋତ୍ସାହନ ଦିଏ, ଏସବୁକୁ ସୁନିଶ୍ଚିତ କରିବା ।
- ପାଠ୍ୟକ୍ରମ, ଶିକ୍ଷଣ ବସ୍ତୁ, ଶିକ୍ଷାଦାନ ପଦ୍ଧତିର ପ୍ରକ୍ରିୟା, ଶିକ୍ଷଣର ମୂଲ୍ୟାୟନ, ଶିକ୍ଷକର ଗୁଣବତ୍ତା ଏବଂ ଦକ୍ଷତା, ଓ ଆନୁଷ୍ଠାନିକ ନେତୃତ୍ୱ ଏବଂ ପରିଚାଳନା ସମ୍ବନ୍ଧିତ ସୁଧାରକୁ ଜୋର ଦେଇ ଗୁଣାତ୍ମକ ଶିକ୍ଷାକୁ ଗଢ଼ିବା, ଏହା ସହିତ ଶିକ୍ଷାର ସବୁ ସ୍ତରର ଛାତ୍ରମାନଙ୍କୁ ନିର୍ଦ୍ଦିଷ୍ଟ ଶିକ୍ଷଣ ଲାଭ (ଜ୍ଞାନ, ଦକ୍ଷତା, ମନୋବୃତ୍ତି ଏବଂ ମୂଲ୍ୟବୋଧ) ଯାହା ଏକ ସଫଳ ଜୀବନ ବଞ୍ଚିବାକୁ ଏବଂ ଦେଶର ବିକାଶ ପ୍ରକ୍ରିୟାରେ ଯୋଗଦାନ କରିବାକୁ ଏବଂ ବଢ଼ୁଥିବା ବିଶ୍ୱର ସମସ୍ୟାକୁ ସାମ୍ନା କରିବାକୁ ପ୍ରସ୍ତୁତ କରିବ ।
- ସବୁ ଶିକ୍ଷାର୍ଥୀମାନଙ୍କୁ କାମ ଓ ଉଦ୍ୟୋଗତା ପାଇଁ ବୈଷୟିକ ଏବଂ ଧନ୍ଦାମୂଳକ ଦକ୍ଷତାକୁ ମିଶାଇ ଉଚିତ୍ ଦକ୍ଷତା ବିଷୟରେ ଶିକ୍ଷା ଦେବାକୁ ପ୍ରୋତ୍ସାହିତ କରିବା, ଏହା ସହିତ ରଚିବା ଶିକ୍ଷଣପ୍ରକ୍ରିୟାକୁ ପରିବର୍ତ୍ତନ କରିବାକୁ ଦକ୍ଷତା

ଏବଂ ନିପୁଣତାର ଶିକ୍ଷାଦାନ ଦେବା ଏବଂ ସେମାନଙ୍କୁ ସୃଜନଶୀଳ ହେବାକୁ, ଗଭୀରଭାବରେ ଭାବିବାକୁ, ପ୍ରଭାବଶାଳୀଭାବେ ଯୋଗାଯୋଗ କରିବାକୁ, ସ୍ୱତନ୍ତ୍ରଭାବରେ ସମସ୍ୟା ସମାଧାନ କରିବାକୁ ଏବଂ ଜାତୀୟ ପ୍ରଗତି ପ୍ରକ୍ରିୟାରେ ଯୋଗଦାନ କରିବାକୁ ସମର୍ଥ କରିବାର ଦକ୍ଷତା ବିଷୟରେ ଶିକ୍ଷା ଦେବା ।

**ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ଶିକ୍ଷାର ସାମୁଦାୟିକ ଲକ୍ଷ ଶିକ୍ଷାର ଗୁଣବତ୍ତା ଓ ପ୍ରାସଙ୍ଗିକତାକୁ ପ୍ରୋତ୍ସାହନ ତଥା ଭାରତର ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତାକୁ ବଢ଼ାଇବା । ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସଫଳ ଛାତ୍ରମାନଙ୍କର ନିୟୋଜନରେ ସୁଧାର, ପ୍ରାଥମିକ ବାଲ୍ୟକାଳରୁ ତୃତୀୟ ଶିକ୍ଷା ଯାଏ ସୁନିଶ୍ଚିତ କରିବା ଯେଉଁଥିରେ ଯାନ୍ତ୍ରିକ ଓ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ (TVET) ସହିତ ଜୀବନବ୍ୟାପୀ ଶିକ୍ଷଣର ସୁବିଧାକୁ ପ୍ରୋତ୍ସାହନ କରିବା ତଥା ଏହା ପ୍ରମାଣିତ କରିବାକୁ ହେବ ଯେ, ସମାଜର ସବୁ କ୍ଷେତ୍ରରେ ଶିକ୍ଷଣର ସୁଯୋଗ ଥାଏ ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

- ସୁବିଧା ସୁଯୋଗରୁ ବଞ୍ଚିତ ସନ୍ତାନମାନଙ୍କୁ ବିଶେଷ ଦୃଷ୍ଟି ଦିଆଯାଇ ପ୍ରାଥମିକ ଶିକ୍ଷାରେ ସହଜରେ ସାମିଲ ହେବା ପାଇଁ ୪ ବର୍ଷରୁ ୫ ବର୍ଷର ପିଲାମାନଙ୍କର ଶିକ୍ଷାକୁ ସଂପ୍ରସାରଣ କରାଯିବ ।
- ସାର୍ବଜନୀନ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ହାସଲ କରିବା ପାଇଁ ସବୁ ମାଧ୍ୟମିକ ଶିକ୍ଷାପ୍ରାପ୍ତ ସ୍ନାତକଙ୍କୁ ଉଚ୍ଚଶିକ୍ଷା ଅଧ୍ୟୟନରେ ସୁଯୋଗ ମିଳିବା, ନାମାଙ୍କନ କରିଥିବା ସବୁ ଛାତ୍ର ପାଠ ପଢ଼ାରେ ସଫଳ ହେବା ଦିଗରେ ସହାୟତା କରିବା ଏପରିକି ସେମାନେ ଉପେକ୍ଷିତ ଶିକ୍ଷଣସ୍ତରକୁ କିପରି ହାସଲ କରିପାରିବେ ତାହାର ଯତ୍ନ ନେବା ।
- ବିଭିନ୍ନ ସୁବିଧାରୁ ବଞ୍ଚିତ ଛାତ୍ରଛାତ୍ରୀ, ବିଶେଷ କରି ବିଭିନ୍ନ ପ୍ରକାରର ବିକଳାଙ୍ଗ ବିଦ୍ୟାର୍ଥୀ, ତରୁଣ, ଯୁବକ ଆଦି ପାଠପଢ଼ା କ୍ଷେତ୍ରରେ ବିଭିନ୍ନ ପ୍ରକାର ଆବଶ୍ୟକତା ଆଦିକୁ ସହଜଲଭ୍ୟ କରିବା ପାଇଁ ନାମାଙ୍କନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ।
- ଶିକ୍ଷା ବ୍ୟବସ୍ଥାରେ ସାମାଜିକ, ଆଞ୍ଚଳିକ ଓ ଲିଙ୍ଗଗତ ଭେଦଭାବ ସମାପ୍ତ କରିବା ଏବଂ ବାଳିକା ଓ ମହିଳା ସଶକ୍ତିକରଣକୁ ଉତ୍ସାହିତ କରିବା ।
- ରୋଜଗାର ଯୋଗ୍ୟତା ଏପରିକି କାର୍ଯ୍ୟ ଓ ଉଦ୍ୟମରେ ବଦଳୁଥିବା ପରିବେଶରେ ଯୁବ ଓ ବୟସ୍କମାନଙ୍କ ପାଇଁ ଯାନ୍ତ୍ରିକ ଓ ଧନ୍ଦାମୂଳକ ଦକ୍ଷତା ବଢ଼ାଇବା ।

- ଅର୍ଥ ବ୍ୟବସ୍ଥାର ଅନୌପଚାରିକ କ୍ଷେତ୍ରରେ କାମ କରିବା ସହିତ ଔପଚାରିକ ଶିକ୍ଷାର ବାହାରେ ରହୁଥିବା ଯୁବକ (୧୫-୨୪ ବର୍ଷ) ଓ ବୟସ୍କମାନଙ୍କୁ ( ୧୫ ବର୍ଷରୁ ଊର୍ଦ୍ଧ୍ୱ) ରୋଜଗାର ଦକ୍ଷତା କୌଶଳର ସୁଯୋଗ ଦେବା ।
- ଯାନ୍ତ୍ରିକ ଓ ଧନ୍ଦାମୂଳକ ଶିକ୍ଷା ସହିତ ତୃତୀୟ ଶିକ୍ଷାର ସମୟ ସୁଲଭତା ସୁନିଶ୍ଚିତ କରିବା ପାଇଁ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା । ଉଚ୍ଚଶିକ୍ଷା ପ୍ରାପ୍ତିରେ ଥିବା ଅସମାନତାଗୁଡ଼ିକୁ ଦୂର କରିବା, ଅଧ୍ୟାପନା ଓ ଗବେଷଣାରେ ସୁଧାର ଆଣିବା । ନୂଆ ନୂଆ ଜ୍ଞାନରେ ଉନ୍ନତି କରିବା ତଥା ଉଚ୍ଚତର ଶିକ୍ଷଣ ସଂସ୍ଥାଗୁଡ଼ିକରୁ ନିର୍ଦ୍ଦିଷ୍ଟ ଫଳାଫଳର ଉଦ୍ଦେଶ୍ୟ ରଖି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୋଜଗାର ଦକ୍ଷତା ବୃଦ୍ଧି କରିବା ।
- ଶିକ୍ଷାର ପ୍ରସାରରେ ସୁଧାର, ଶିକ୍ଷା-ସଂବନ୍ଧୀୟ ପ୍ରକ୍ରିୟାର ଗୁଣବତ୍ତାରେ ବୃଦ୍ଧି, ଶିକ୍ଷକ ପ୍ରଶିକ୍ଷଣ, ଶିକ୍ଷା ଆୟୋଜନ ଓ ପ୍ରବନ୍ଧନରେ ସଂସ୍କାର ପାଇଁ ସୂଚନା ଓ ପ୍ରଯୁକ୍ତି ସଂଚାରକୁ (ICT) ଶକ୍ତିଶାଳୀ କରିବା ।
- ଶିକ୍ଷକଙ୍କ ବୃତ୍ତିଗତ ବିକାଶ ସହିତ ପ୍ରବନ୍ଧନ ପ୍ରଣାଳୀରେ ସୁଧାର ଆଣିବା ଯେମିତିକି ଯୋଗ୍ୟ ଶିକ୍ଷକଙ୍କ ପାଖରେ ନିର୍ଦ୍ଦିଷ୍ଟ ପ୍ରୋଫାଇଲ୍ ଓ ବୃତ୍ତିଗତ ଉନ୍ନତି ହୋଇପାରିବ ।
- ସବୁ ଯୁବକ ଏପରିକି ଅତି କମରେ ୯୦% ପ୍ରୌଢ଼, (ଉଭୟ ପୁରୁଷ ଓ ସ୍ତ୍ରୀ) ପ୍ରୌଢ଼ ଶିକ୍ଷା କାର୍ଯ୍ୟକର୍ମରେ ସାକ୍ଷରତା ଓ ସାଂଖ୍ୟିକ ଦକ୍ଷତା ହାସଲ କରିବେ ।
- ଶିକ୍ଷା ଯୋଜନା, ଶାସନ ପରିଚାଳନା ଓ ପ୍ରବନ୍ଧନକୁ ରାଷ୍ଟ୍ରୀୟ, ଉପରାଷ୍ଟ୍ରୀୟ ଓ ଆଞ୍ଚଳିକ ସ୍ତରରେ ସ୍ଥିର କରିବା । ଏପରିକି ଶୈକ୍ଷିକସ୍ତରରେ କାର୍ଯ୍ୟକାରିତା ପାଇଁ ବିଧିବ୍ୟବସ୍ଥାକୁ ସୁଦୃଢ଼ କରିବା ।
- ଜାତୀୟ, ରାଜ୍ୟସ୍ତରୀୟ କ୍ଷେତ୍ରରେ ଶିକ୍ଷା ଜଗତରେ ଆନୁଷ୍ଠାନିକ ନେତୃତ୍ୱ ଦକ୍ଷତା ଓ ବୃତ୍ତିଗତ ଉନ୍ନତିକୁ ପ୍ରୋତ୍ସାହନ ଦିଆଯିବା ସହିତ ଏହି କ୍ଷେତ୍ରକୁ ବିସ୍ତାର କରାଯିବ ।
- ଶୈକ୍ଷଣିକ ବିକାଶ କାର୍ଯ୍ୟକ୍ରମ ପାଇଁ ସୁନିର୍ଦ୍ଦିଷ୍ଟ ଆର୍ଥିକ ବ୍ୟବସ୍ଥାର ଉନ୍ନତି ଘଟାଇବା ।

ଭବିଷ୍ୟତର ଶିକ୍ଷା ଯୋଜନାର ନିର୍ଦ୍ଦେଶନା ଏକ ଜୀବନବ୍ୟାପୀ ଓ ବିଭିନ୍ନ ସ୍ତରର ଏକ ସଂଭାବନାମୟ ଦୃଷ୍ଟିକୋଣ । ଏହି ନୀତି ଶିକ୍ଷାର ବିଭିନ୍ନ ପ୍ରକାର ମାର୍ଗକୁ ତ୍ୱରାନ୍ୱିତ କରି ଶିକ୍ଷାର୍ଥୀମାନଙ୍କର ପସନ୍ଦ ଓ ଦକ୍ଷତାକୁ ସୂଚିତ କରେ । କର୍ମକ୍ଷେତ୍ରପାଇଁ ଆବଶ୍ୟକ ଦକ୍ଷତା ସହିତ ଶିକ୍ଷଣ ଫଳାଫଳର ପ୍ରମାଣୀକରଣ, ମାନ୍ୟତା, ଆନୁଷ୍ଠାନିକ, ଅଣଆନୁଷ୍ଠାନିକ ମୁକ୍ତ ଓ ଦୂର ପ୍ରଭୃତି ମାଧ୍ୟମରେ ଶିକ୍ଷାର୍ଥୀମାନେ ଶିକ୍ଷା ଲାଭ ଆଦି କ୍ଷେତ୍ରଗୁଡ଼ିକୁ ବ୍ୟାପକ କରିବା ପାଇଁ ବିଚାର କରାଯାଇଛି ।

## ଚତୁର୍ଥ ଅଧ୍ୟାୟ

## ନୀତି ସଂରଚନା

ସୁନିଶ୍ଚିତ କାର୍ଯ୍ୟକ୍ରମ ଜରିଆରେ କିପରି ଦୂରଦର୍ଶିତା, ଆହ୍ୱାନ ଓ ନୀତିଗତ ଲକ୍ଷ୍ୟ ହାସଲ କରିହେବ, ତାହା ପୂର୍ବବର୍ତ୍ତୀ ବିଭାଗଗୁଡ଼ିକରେ ସୂଚିତ ହୋଇଛି। ବହୁ ବର୍ଷ, ଏ ଭଳି କି ବହୁ ଦଶାବ୍ଦୀ ଧରି ଏହି ଧରଣର ଅନେକ କାର୍ଯ୍ୟକ୍ରମ ଚାଲିଆସୁଛି।ଆମର ଶିକ୍ଷା ବ୍ୟବସ୍ଥାର ପ୍ରକାଣ୍ଡ ଆକାର ଏବଂ ବହୁବିଧ ପ୍ରଚଳିତ ଉପପଦ୍ଧତି ବିଷୟ ଆମକୁ ସ୍ୱୀକାର କରିବାକୁ ହେବ।ଆହୁରି ମଧ୍ୟ, ଏ ଭଳି କୌଣସି ଏକମାତ୍ର ସମାଧାନ ବା ଉପଚାର ନାହିଁ, ଯାହା ଦ୍ୱାରା ପରିବର୍ତ୍ତନ ଅଭିମୁଖୀ ସହଜଲଭ୍ୟତା, ଅନ୍ତର୍ଭୁକ୍ତି ଓ ଉତ୍କର୍ଷ ହାସଲ କରିହେବ । ଉନ୍ନତ ଗୁଣମାନର ଶିକ୍ଷା ହିଁ ଏହି ଶିକ୍ଷା ନୀତିର ମୂଳ ଲକ୍ଷ୍ୟ। ଦେଶରେ ଏବେ ପ୍ରଚଳିତ ଶିକ୍ଷା ନୀତିର ସୁଫଳ ଯୋଗୁଁ ଶିକ୍ଷାର ସହଜଲଭ୍ୟତା ପ୍ରସାରିତ ହୋଇଛି ଏବଂ ଅନ୍ତର୍ଭୁକ୍ତି ବୃଦ୍ଧିପ୍ରାପ୍ତ ହୋଇଛି। ଏହା ଯେ କେହି ଲକ୍ଷ୍ୟ କରିପାରିବେ। ନିଯୁକ୍ତି ଯୋଗ୍ୟତା ଏକ ଚିନ୍ତାର ବିଷୟ ହୋଇଥିବା ଯୋଗୁଁ ଏଥିପ୍ରତି ମଧ୍ୟ ଯଥାଯଥ ଧ୍ୟାନ ଦିଆଯାଇଛି।ଏଥିଯୋଗୁଁ ବିଭିନ୍ନ ପ୍ରକାର ଉଦ୍ଦେଶ୍ୟର ବାସ୍ତବ ରୂପାୟଣ ହୋଇପାରିବ।

'କାର୍ଯ୍ୟସାଧନ ସଂରଚନା' ନାମିତ ଖସଡ଼ାରେ ବାସ୍ତବ କ୍ଷେତ୍ରରେ ପ୍ରୟୋଗ ନିମନ୍ତେକାର୍ଯ୍ୟକୌଶଳ ନିର୍ଣ୍ଣୀତ ହେବ ଏବଂ କେନ୍ଦ୍ର, ରାଜ୍ୟ, କେନ୍ଦ୍ରଶାସିତ ଅଂଚଳ ଓ ସ୍ଥାନୀୟ ସରକାରୀ ବ୍ୟବସ୍ଥାରେ କେଉଁ କାର୍ଯ୍ୟକ୍ରମ ରୂପାୟିତ ହେବ, ତାହା ସୂଚିତ ହେବ। ୨୦୧୬ର ଜାତୀୟ ଶିକ୍ଷା ନୀତି ଅନୁସାରେ ରାଜ୍ୟ ଓ ସ୍ଥାନୀୟ ସରକାରୀ ସଂସ୍ଥାଗୁଡ଼ିକୁ ନିଜ ନିଜ ସ୍ତରରେ କାର୍ଯ୍ୟସାଧନ କୌଶଳ ଓ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ପାଇଁ ଉତ୍ସାହିତ କରାଯିବ। ପ୍ରତ୍ୟେକ କ୍ଷେତ୍ର ଓ ବିଷୟରେ ନିଆଯିବାକୁ କାର୍ଯ୍ୟକ୍ରମଗୁଡ଼ିକୁ ପରବର୍ତ୍ତୀ ଭାଗଗୁଡ଼ିକରେ ବିବୃତ କରାଯାଇଛି। କହିବା ଅନାବଶ୍ୟକ ଯେ, ଏ ସବୁ ଆଦୌ ସର୍ବସମାବେଶୀ ନୁହନ୍ତି। ତେଣୁ ଆଗାମୀ ସମୟରେ ଅନ୍ୟାନ୍ୟ ସଂଭାବ୍ୟ କାର୍ଯ୍ୟକ୍ରମଗୁଡ଼ିକ ପ୍ରସଂଗରେ ମନୋନିବେଶ କରାଯାଇପାରିବ।

**କ୍ର. ସଂ. ବିଷୟସୂଚି**

### ୪.୧ ପ୍ରାକ୍-ବିଦ୍ୟାଳୟ ଶିକ୍ଷା

ସରକାରୀ ବିଦ୍ୟାଳୟଗୁଡ଼ିକରେପ୍ରାକ୍-ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ନ ଥିବା ଯୋଗୁଁ ପୂର୍ବରୁ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଆବଶ୍ୟକ ଧ୍ୟାନ ଆକର୍ଷଣ କରିପାରିନାହିଁ।ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟକ୍ରମ

ଆଦ୍ୟ ଶୈଶବକାଳୀନ ଶିକ୍ଷାଦାନ ଯୋଗାଇବା ନିମନ୍ତେ ଅଭିପ୍ରେତ। ଆଦ୍ୟ ଶୈଶବର ବର୍ଷଗୁଡ଼ିକ ଶିଶୁର ଶାରୀରିକ ଓ ମାନସିକ ବିକାଶ ନିମନ୍ତେ ସର୍ବାଧିକ ଗୁରୁତ୍ୱପୂର୍ଣ ହୋଇଥିବା ସିଦ୍ଧାନ୍ତଟି ବିଶ୍ୱବ୍ୟାପୀ ସ୍ୱୀକୃତି ଲାଭ କରିଛି।

ନିମ୍ନଲିଖିତପ୍ରାଥମିକପଦକ୍ଷେପଗୁଡିକନିଆଯିବ :

**୧.** ଅଗ୍ରାଧିକାର ଭିତ୍ତିରେ ୪ ରୁ ୫ ବର୍ଷ ବୟସ୍କ ଶିଶୁମାନଙ୍କ ନିମନ୍ତେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସହଯୋଗରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ କରାଯିବ।

**୨.** ଏବେ ସମନ୍ୱିତ ଶିଶୁ ବିକାଶ ସେବା ଅଧୀନରେ କାର୍ଯ୍ୟରତ ଅଙ୍ଗନବାଡ଼ିଗୁଡ଼ିକ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ନିମନ୍ତେ ଯଥେଷ୍ଟ ସାଧନଯୁକ୍ତ ନୁହନ୍ତି। ରାଜ୍ୟଗୁଡ଼ିକ ସହିତ ପରାମର୍ଶ କରି ବର୍ଷକ ମଧ୍ୟରେ ଅଙ୍ଗନବାଡ଼ିଗୁଡ଼ିକରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ନିମନ୍ତେ ପାଠ୍ୟକ୍ରମ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସହିତ ଅଙ୍ଗନବାଡ଼ିକର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ।

**୩.** ରାଜ୍ୟ ସରକାରଗୁଡ଼ିକ ପ୍ରାକ୍-ପ୍ରାଥମିକ ଶିକ୍ଷକମାନଙ୍କର ସଂବର୍ଗ ପ୍ରସ୍ତୁତ କରିବା ସହିତ ସେମାନଙ୍କ ପାଇଁ ପ୍ରାକ୍-ନିଯୁକ୍ତି ଓ ସେବାକାଳୀନ ପ୍ରଶିକ୍ଷଣ ନିମନ୍ତେ ଆବଶ୍ୟକ ସୁବିଧା ସୃଷ୍ଟି କରିବେ।

**୪.** ସମୟକ୍ରମେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରାକ୍-ପ୍ରାଥମିକ ଶିକ୍ଷା ବ୍ୟବସ୍ଥା କରାଯିବ। ଏଥିପାଇଁ ଅଙ୍ଗନବାଡ଼ିଗୁଡ଼ିକୁ ପ୍ରାଥମିକ ବିଦ୍ୟାଳୟ ପରିସରରେ କିଂବା ଯଥାସଂଭବ ବିଦ୍ୟାଳୟ ନିକଟସ୍ଥ ଜାଗାରେ ରଖିବା ପାଇଁ ଚେଷ୍ଟା କରାଯିବ।

**୫.** ଘରୋଇ ପ୍ରାକ୍-ବିଦ୍ୟାଳୟଗୁଡ଼ିକ ନିମନ୍ତେ ନିୟନ୍ତ୍ରଣକାରୀ ଓ ପରିଚାଳନାକାରୀ ନିୟମାବଳି ଓ ବ୍ୟବସ୍ଥା ପ୍ରସ୍ତୁତ କରାଯିବ।

### ୪.୨ ଶିଶୁ ଓ କିଶୋର ଶିକ୍ଷା କ୍ଷେତ୍ରରେ ଅଧିକାର ସଂରକ୍ଷଣ

ଶିଶୁ ଅଧିକାରର ସୁରକ୍ଷା କେବଳ ଶିଶୁମାନଙ୍କର ବ୍ୟକ୍ତିଗତ ନିରାପତ୍ତା ମଧ୍ୟରେ ସୀମିତ ନୁହେଁ । ଶାରୀରିକ ଦଣ୍ଡ ବିଧାନକୁ ବାରଣ କରିବା, କାୟିକ ବା ଆବେଗିକ ହଇରାଣର ନିରାକରଣ, ବିଦ୍ୟାଳୟ-ଜଡ଼ିତ କାର୍ଯ୍ୟକଳାପ ବେଳେ ଆଘାତ ନିବାରଣ, ନିରାପଦ ଭିତ୍ତିଭୂମି, ଶିଶୁ ମନଲାଖି ଭାଷା ଓ କାମ, ପାତର-ଅନ୍ତର ଉଚ୍ଛେଦ, ଶାରୀରିକ ନିର୍ଯାତନା, ନିଷିଦ୍ଧ ଦ୍ରବ୍ୟ ବ୍ୟବହାର, ଉତ୍ପୀଡ଼ନ ଇତ୍ୟାଦି ମଧ୍ୟ ଏହାର ଅନ୍ତର୍ଭୁକ୍ତ।ସଂବେଦନଶୀଳ ଓ ଗ୍ରହଣଯୋଗ୍ୟ ପରିବେଶ ସୃଷ୍ଟି କରିବା ଶିଶୁ ଅଧିକାରର ସୁରକ୍ଷା ନିମନ୍ତେ ଆବଶ୍ୟକ। ଶିଶୁ ଅଧିକାର ଉଲ୍ଲଂଘନ ସ୍ଥଳେ 'ଶୂନ୍ୟ-ସହିଷ୍ଣୁତା' ଅଭିମୁଖୀ ବ୍ୟବସ୍ଥା ପାଳନ କଲେ ଶିଶୁମାନଙ୍କର କାୟିକ ଓ ଆବେଗିକ ନିରାପତ୍ତା ରକ୍ଷା କରାଯାଇପାରିବ।

ନିମ୍ନଲିଖିତପ୍ରାଥମିକପଦକ୍ଷେପଗୁଡିକନିଆଯିବ :

୧. ଶିଶୁମାନଙ୍କର ସୁରକ୍ଷା ଓ ନିରାପତ୍ତା ଉଦ୍ଦେଶ୍ୟରେ କେତେକ ଢାଞ୍ଚାଗତ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ-ପ୍ରଦର୍ଶିକା ପ୍ରଣୟନ କରାଯିବ। ସ୍ୱୀକୃତି ଓ ପଞ୍ଜୀକରଣ ନିମନ୍ତେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏ ସବୁ ପାଳନ କରିବାକୁ ହେବ।

୨. ପ୍ରତ୍ୟେକ ଅଧ୍ୟକ୍ଷ ଓ ଶିକ୍ଷକଙ୍କୁ ସଂପୃକ୍ତ ବିଧି, ଆଇନ, ନିୟାମକ, ନିୟନ୍ତ୍ରକ ଇତ୍ୟାଦି ବିଷୟରେ ଅବଗତ କରାଯିବ। ଶିଶୁ ଅଧିକାର ସଂବନ୍ଧିତ ବିଧିବିଧାନ ଓ ସେଗୁଡ଼ିକର ଉଲ୍ଲଂଘନ ବିଷୟାବଳି ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ସତେଜକ ପାଠ୍ୟଧାରାରେ ଅନ୍ତର୍ଭୁକ୍ତ କରାଯିବ।

୩. ପର୍ଯାୟକ୍ରମେ କିଶୋର ଶିକ୍ଷା କାର୍ଯ୍ୟକ୍ରମ ଓ ଜାତୀୟ ଜନସଂଖ୍ୟା ଶିକ୍ଷା କାର୍ଯ୍ୟକ୍ରମ ବିଷୟ ବିଦ୍ୟାଳୟର ପାଠ୍ୟଧାରାରେ ସମନ୍ୱିତ କରାଯିବ।

୪. ମାଧ୍ୟମିକ ସ୍ତରର ଶିକ୍ଷକମାନଙ୍କର ପ୍ରାକ୍-ନିଯୁକ୍ତି ଓ ସେବାକାଳୀନ ପ୍ରଶିକ୍ଷଣ ପାଠ୍ୟ ସୂଚିରେ କିଶୋର ଶିକ୍ଷା ଅନ୍ତର୍ଭୁକ୍ତ ହେବ।

୫. ଆତ୍ମ-ଶିକ୍ଷଣ ନିମନ୍ତେ ଶିଶୁ ସୁରକ୍ଷା ବିଷୟକ କାର୍ଯ୍ୟକ୍ରମ ଅନ୍-ଲାଇନ୍ ବ୍ୟବସ୍ଥାରେ ଛାତ୍ର, ଶିକ୍ଷକ ଓ ପିତାମାତାଙ୍କଉପଯୋଗ ନିମନ୍ତେ ବିକଶିତ କରାଯିବ।

୬. ବିଦ୍ୟାଳୟଗୁଡ଼ିକ କୈଶୋରକାଳୀନ ସମସ୍ୟାବଳିର ସମ୍ମୁଖୀନ ହେଉଥିବା କିଶୋର ଓ କିଶୋରୀମାନଙ୍କର ପିତାମାତା ଓ ଶିକ୍ଷକମାନଙ୍କୁ ଗୋପନୀୟ ପରାମର୍ଶ ଦେବା ନିମନ୍ତେ ପ୍ରଶିକ୍ଷିତ ଉପଦେଷ୍ଟାମାନଙ୍କୁ ନିଯୁକ୍ତ କରିବେ।

## ୪.୩ ବିଦ୍ୟାଳୟ ଶିକ୍ଷାରେ ଜ୍ଞାନାର୍ଜନର ପରିଣାମ

ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଜ୍ଞାନାର୍ଜନର ପରିଣାମ ଚିନ୍ତାରକାରଣ ହୋଇଆସିଛି। ଅନୁଧ୍ୟାନରୁ ଜଣା ପଡ଼ିଛି ଯେ ବିଦ୍ୟାର୍ଥୀମାନଂକର ଦକ୍ଷତା, କୌଶଳ, ପଠନ, ଲିଖନ ଓ ଗଣିତ କ୍ଷେତ୍ରରେ ଖୁବ୍ ଦୁର୍ବଳ ହୋଇରହିଛି।ସେମାନେ ବିଦ୍ୟାଳୟରେ ଏ ସବୁ ଆଦୌ ଶିଖିପାରୁନାହାନ୍ତି। ରାଜ୍ୟଗୁଡ଼ିକ ଜ୍ଞାନାର୍ଜନର ବ୍ୟାଖ୍ୟା ଓ କଳନା ପାଇଁ ଉପାୟ ଅବଲଂବନ କରୁଛନ୍ତି। ବିଦ୍ୟାର୍ଥୀମାନଙ୍କର ପଠନ, ଲିଖନ, ବୋଧ ଶକ୍ତି ଓ ଗଣିତ ଜ୍ଞାନ ବଢ଼ାଇବା ନିମନ୍ତେନାନା ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏ ସବୁ ସତ୍ତ୍ୱେ ଜ୍ଞାନାର୍ଜନର ପରିଣାମ ଏ ଯାଏ ଏକ ଆହ୍ୱାନ ହୋଇରହିଛି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ପ୍ରାଧାନ୍ୟ ଦେଇ ଜ୍ଞାନାର୍ଜନର ସୁଫଳ ପ୍ରାପ୍ତି ନିମନ୍ତେ ଯତ୍ନଶୀଳ ହେବା ଆବଶ୍ୟକ। ଏପରି ହେଲେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସ୍ତରୋନ୍ନତି ଘଟିବ।

ନିମ୍ନଲିଖିତପ୍ରାଥମିକପଦକ୍ଷେପଗୁଡିକନିଆଯିବ :

**୧.** ଶିକ୍ଷା ଅଧିକାର ଅଧିନିୟମରେ ସଂସୂଚିତ ଭିତ୍ତିଭୂମିଗତ ମାନାଦର୍ଶ ସହିତ ଜ୍ଞାନାର୍ଜନର ପରିଣାମ-ଜଡ଼ିତ ମାନାଦର୍ଶ ମଧ୍ୟ ବିକଶିତ ହେବ ଏବଂ ଉଭୟ ଘରୋଇ ଓ ସରକାରୀ ବିଦ୍ୟାଳୟରେ ସମରୂପରେ ଲାଗୁହେବ।

**୨.** ଶିକ୍ଷା ଅଧିକାର ଅଧିନିୟମରେ ବିହିତ ମାପକ ଅନୁସାରେ ରାଜ୍ୟଗୁଡ଼ିକ ସ୍ଥାନୀୟ ଅବସ୍ଥାକୁ ବିଚାର କରି ଭିତ୍ତିଭୂମିଗତ ବିକାଶ ପାଇଁ ନିଜ ନିଜର ରୂପରେଖ ଓ ଯୋଜନା ପ୍ରସ୍ତୁତ କରିପାରିବେ।ସ୍ଥାନୀୟ ମାନାଦର୍ଶ ଆଧାରିତ ଉପଯୁକ୍ତ ଭିତ୍ତିଭୂମି ନିମନ୍ତେ ଶିକ୍ଷା ଅଧିକାର ଅଧିନିୟମରେ ଆବଶ୍ୟକ ସଂଶୋଧନ ମାଧ୍ୟମରେ 'ବିକଳ୍ପ ବିଦ୍ୟାଳୟ' ସ୍ଥାପନ କରିପାରିବେ, ଯାହାଦ୍ୱାରା  ବିଶେଷ ବର୍ଗର ଅତି ଅବିକଶିତ ଓ ସ୍ଥାନାନ୍ତରିତ ଶିଶୁ ତଥା କଠିନ ପରିସ୍ଥିତିରେ ଥିବା ଶିଶୁମାନଙ୍କ ଶିକ୍ଷା ନିମନ୍ତେ ଶିକ୍ଷାଦାନ-ମୂଳକ ମଧ୍ୟକ୍ଷେପ କରିହେବ।

**୩.** ଶିକ୍ଷାଗତ ଦକ୍ଷତା ପ୍ରଦର୍ଶନ କ୍ଷେତ୍ରରେ ବିଦ୍ୟାର୍ଥୀମାନଙ୍କର ଅସଫଳତା ଯୋଗୁଁ ଏବେ ପ୍ରଚଳିତ ଶ୍ରେଣୀରେ ନ ଅଟକାଇବା ନୀତି ସଂଶୋଧିତ ହେବ। କେବଳ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନ ଅଟକାଇବା ନୀତି ସୀମିତ ରହିବ ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀଗୁଡ଼ିକରେ ଅଟକାଇବା ନୀତି ପୁନଃସ୍ଥାପିତ ହେବ ।  ଶିକ୍ଷା ଗ୍ରହଣ ନିମନ୍ତେଦୁର୍ବଳ ବିଦ୍ୟାର୍ଥୀମାନଙ୍କୁ ଚିହ୍ନଟ କରାଯିବ।  ଏହି ବ୍ୟବସ୍ଥା ବିଦ୍ୟାଳୟରେ ପ୍ରଚଳିତ CCE ଉପରେ ଆଧାରିତ ହେବ। ଏହା ଦ୍ୱାରା ପ୍ରତିକାରାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ଲାଗୁ କରାଯାଇପାରିବ।

**୪.** ଶିକ୍ଷାଦାନର ସ୍ତରୋନ୍ନତି ଏବଂ ବିଶେଷ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ଏହି ଲକ୍ଷ୍ୟ ସାଧିତ ହେବ।  ବିଦ୍ୟାର୍ଥୀମାନଙ୍କ ହାତ ପାଆନ୍ତାରେ ଜ୍ଞାନପ୍ରାପ୍ତିର ଏକାଧିକ ଉତ୍ସ ରହିବ, ଯାହା ମଧ୍ୟରେ ଇ-ସଂସାଧନ ବା ବୈଦ୍ୟୁତିକୀ ସଂସାଧନ ମଧ୍ୟ ଅନ୍ତର୍ଭୁକ୍ତ ହେବ।

## ୪.୪ ବିଦ୍ୟାଳୟସ୍ତରୀୟ ଶିକ୍ଷା

ସର୍ବଜନୀନ ପ୍ରାଥମିକ ଶିକ୍ଷା ବାସ୍ତବ ରୂପ ନେଉଥିବା ସ୍ଥଳେ ମାଧ୍ୟମିକ ଶିକ୍ଷାର ବିସ୍ତାର ଅନିବାରଣୀୟ ହୋଇପଡ଼ିଛି। ଯୋଗ୍ୟ ବିଦ୍ୟାର୍ଥୀମାନଙ୍କୁ ଗ୍ରହଣ କରିବା ନିମନ୍ତେ ଶିକ୍ଷାନୁଷ୍ଠାନଗୁଡ଼ିକ ଅବସ୍ଥିତି ଓ ପରିଚାଳନା ବ୍ୟବସ୍ଥା ନିର୍ବିଶେଷରେ ମାଧ୍ୟମିକ ଶିକ୍ଷାର ମାନବୃଦ୍ଧି ଓ ବିକାଶ ନିମନ୍ତେ ମାନାଦର୍ଶ ପ୍ରଚଳନର ଆବଶ୍ୟକତା ରହିଛି।  ବିଦ୍ୟାର୍ଥୀମାନଙ୍କୁ ମାଧ୍ୟମିକ ବିଦ୍ୟାଳୟରେ ଅଟକାଇବା ଏବଂ ଗୋଟିଏ ଶ୍ରେଣୀରୁ ଅନ୍ୟ ଶ୍ରେଣୀକୁ ନେବା ଭଳି କାର୍ଯ୍ୟ ଏ ଯାଏ ଆହ୍ୱାନ ହୋଇରହିଛି। ଏବେ ପ୍ରଚଳିତ ପରୀକ୍ଷା ବ୍ୟବସ୍ଥାରେ ନାନା ପ୍ରକାର ଦୁର୍ଲକ୍ଷଣ ଓ ଅପକର୍ମ ପୂରି ରହିଛି।  କେତେକ ରାଜ୍ୟରେ ପରୀକ୍ଷା

ପରିଚାଳନାଗତ ସଂସ୍କାର ସାଧିତ ହୋଇଥିଲେ ହେଁ, ନ୍ୟାୟୋଚିତ ଓ ପାରଦର୍ଶୀ ପଦ୍ଧତି ନିମନ୍ତେ ସଶକ୍ତ ସଂସ୍କାରର ଆବଶ୍ୟକତା ଅନୁଭୂତ ହେଉଛି।

ନିମ୍ନଲିଖିତପ୍ରାଥମିକପଦକ୍ଷେପଗୁଡିକନିଆଯିବ :

**୧.** ପ୍ରତ୍ୟେକ ରାଜ୍ୟ କମ୍ ଛାତ୍ର ନାମ ଲେଖାଉଥିବା ବିଦ୍ୟାଳୟ ଓ ଅନୁପଯୁକ୍ତ ଭିତ୍ତିଭୂମି ଥିବା ବିଦ୍ୟାଳୟଗୁଡ଼ିକୁ ବିସ୍ତୃତ ଅନୁଶୀଳନ ଦ୍ୱାରା ଚିହ୍ନଟ କରିବେ ଓ ମାନଚିତ୍ର ଅଙ୍କନ କରିବେ। ମାନବ ତଥା ଭିତ୍ତିଭୂମି ଆଧାରିତ ସଂବଳର ସର୍ବାଧିକ ଉପଯୋଗ ତଥା ଶୈକ୍ଷଣିକ ଦକ୍ଷତା ବୃଦ୍ଧି ଓ ବ୍ୟୟ-ଅନୁସାରୀ ଫଳଦାୟୀ ପରିଚାଳନା ନିମନ୍ତେ ଅଣକ୍ଷମ ବିଦ୍ୟାଳୟଗୁଡ଼ିକୁ ସଂଯୁକ୍ତ ବିଦ୍ୟାଳୟରେ ରୂପାନ୍ତରିତ କରିବା ପାଇଁ ଉଦ୍ୟମ ହେବ। ଏକାଧିକ ବିଦ୍ୟାଳୟର ସମ୍ମିଶ୍ରଣ ହେବା ସ୍ଥଳେ ସେଗୁଡ଼ିକ ଗୋଟିଏ ପରିସର ମଧ୍ୟରେ ସ୍ଥାପିତ ହେବେ। ଶିକ୍ଷା ଅଧିକାର ଅଧିନିୟମକୁ ହାଲୁକା ନ କରି, ରାଜ୍ୟଗୁଡ଼ିକ ସହିତ ପରାମର୍ଶ ମାଧ୍ୟମରେ ଏ ପ୍ରକାର ସମ୍ମିଶ୍ରଣ ନିମନ୍ତେ ସର୍ବଗ୍ରାହ୍ୟ ନିର୍ଦ୍ଦେଶିକା ବିକଶିତ କରାଯିବ। ସମ୍ମିଶ୍ରଣ-ଜନିତ ଦୃଢ଼ୀକରଣ ଯୋଗୁଁ ଦେଶରେ ନିକଟ ଭବିଷ୍ୟତରେ 'ଗୋଟିଏ ଶ୍ରେଣୀ, ଜଣେ ଶିକ୍ଷକ' ଭଳି ମାନାଦର୍ଶ ସ୍ଥାପନର ଲକ୍ଷ୍ୟ ପୂରଣ ହେବ।

**୨.** ଶିକ୍ଷା ଅଧିକାର ଅଧିନିୟମର ଖଂଡ ୧୨(୧)(ଗ)କୁ ସରକାରୀ ସହାୟତାପ୍ରାପ୍ତ ଭାଷା ଓ ଧର୍ମ ଆଧାରିତ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକ ପ୍ରତି ଲାଗୁ କରାଯିବା ବିଷୟ ଆର୍ଥନୀତିକ ଅନଗ୍ରସର ଲୋକଙ୍କୁ ଦୃଷ୍ଟିରେ ରଖି ପୁନଃସମୀକ୍ଷା କରାଯିବ।

**୩.** ଶିକ୍ଷା ଅଧିକାର ଅଧିନିୟମକୁ ଏକ ଉପଯୁକ୍ତ ବୟସ ସୀମା ପର୍ଯଂତ ସଂପ୍ରସାରିତ କରି ମାଧ୍ୟମିକ ଶିକ୍ଷା ସ୍ତରକୁ ତହିଁର ଅଂଶ କରିବା ନିମନ୍ତେ ରାଷ୍ଟ୍ର ପ୍ରୟାସରତ ରହିବ।

**୪.** ବିଦ୍ୟାଳୟ ସ୍ତରୀୟ ଶିକ୍ଷା କ୍ଷେତ୍ରର ସବୁ ପର୍ଯାୟରେ ସୁବିଧା ଯୋଗାଣ ଓ ବିଦ୍ୟାର୍ଥୀମାନଙ୍କର କୃତିତ୍ୱ ନିରୂପଣ ନିମନ୍ତେ ସର୍ବନିମ୍ନ ମାନକ ସୁନିର୍ଦ୍ଦିଷ୍ଟ କରାଯିବ।

**୫.** ଅଗ୍ରାଧିକାର ଭିତ୍ତିରେ ଯଥାସଂଭବ ତୁଳନାତ୍ମକ ଭାବେ ଅବିକଶିତ ଅଞ୍ଚଳରେ କେଂଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟଗୁଡ଼ିକୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ସଂପ୍ରସାରିତ ଓ ଉନ୍ନୀତ କରାଯିବ।ଜବାହର ନବୋଦୟ ବିଦ୍ୟାଳୟଗୁଡ଼ିକର ସଫଳତା ଅନୁଧ୍ୟାନ କରାଯିବ ଏବଂ ସେଗୁଡ଼ିକର କାର୍ଯ୍ୟଧାରା ରାଜ୍ୟଗୁଡ଼ିକରେ ପ୍ରଚଳନ କରାଯିବ।

**୬.** ବିଧିବଦ୍ଧ ବିଦ୍ୟାଳୟରେ ଉପସ୍ଥିତି ନ ରହି ସୁଦ୍ଧା ପାଠ ଛାଡ଼ି ଦେଇଥିବା ଓ ନିଯୁକ୍ତି ପାଉଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ମୁକ୍ତ ବିଦ୍ୟାଳୟ ସୁବିଧା ସଂପ୍ରସାରିତ ହେବ।

**୭.** ଛାତ୍ରମାନେ ଦ୍ୱିଧାଗ୍ରସ୍ତ ହୋଇ ଉପଯୁକ୍ତ ଶିକ୍ଷା ବିଷୟ ବାଛି ପାରନ୍ତିନାହିଁ।ସେମାନଙ୍କ ମନୋଭାବ, ଆଗ୍ରହ ଓ ରୁଚି ଅନୁକୂଳ ଶିକ୍ଷାଲାଭରୁ ବଞ୍ଚିତ ହୋଇ ସେମାନେ ବିଫଳତା, ହତାଶା ଓ ଚାପର ସମ୍ମୁଖୀନ ହୁଅନ୍ତି। ଶିକ୍ଷା ବିଷୟକ ପ୍ରବୃତ୍ତି ନିର୍ଣ୍ଣୟ ନିମନ୍ତେ ବିଭିନ୍ନ ସ୍ତରରେ ପରୀକ୍ଷା କରାଯିବ। ଏହାର ଫଳ ସ୍ୱରୂପ ସେମାନଙ୍କର ବାସ୍ତବ ସାମର୍ଥ୍ୟ ଓ ଆଗ୍ରହ କ୍ଷେତ୍ର ବିଷୟ ଜଣାପଡ଼ିବ । ପେସାଦାର ପରାମର୍ଶଦାତାମାନଙ୍କୁ ଟେଲିଫୋନ୍ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ସହିତ ଜଡ଼ିତ କରାଯିବ । ସେମାନଙ୍କର ସହାୟତା ଯୋଗୁଁ ଶିକ୍ଷାକ୍ଷେତ୍ରର ସୀମାବଦ୍ଧତା, ବିଶେଷ ବର୍ଗର ବିଦ୍ୟାର୍ଥୀମାନଙ୍କର ସମସ୍ୟା, ବିଶେଷ କୃତିତ୍ୱ ହାସଲ କରି ପାରୁ ନ ଥିବା ବିଦ୍ୟାର୍ଥୀମାନଙ୍କର ସ୍ଥିତି ସୁଧୁରିବ । ଧୀରକ୍ରିୟ ବିଦ୍ୟାର୍ଥୀମାନେ ଉପକୃତ ହେବେ। ଏ ପ୍ରକାର ସହାୟତା ପାଇଲେ ବିଦ୍ୟାର୍ଥୀମାନେ ଉପଯୁକ୍ତ ପାଠ୍ୟକ୍ରମ ବାଛିପାରିବେ ଏବଂ ମାଧ୍ୟମିକ ତଥା ଉଚ୍ଚ ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବିଷୟ ଜାଣିପାରିବେ।

**୪.୫ ପାଠ୍ୟକ୍ରମ ନବୀକରଣ ଓ ପରୀକ୍ଷା ସଂସ୍କାର**

ସ୍ୱାମୀ ବିବେକାନନ୍ଦଙ୍କ ବକ୍ତବ୍ୟ ଅନୁସାରେ "ଯେଉଁ ପରିମାଣର ସୂଚନା ଆମେ ମସ୍ତିଷ୍କ ମଧ୍ୟରେ ପୂରାଉଁ, ତାହା ଜୀର୍ଣ୍ଣ ନ ହୋଇ ସାରା ଜୀବନ ସେହିଠାରେ ପଡ଼ି ରହି ନାନା ଗଣ୍ଡଗୋଳ ଭିଆଇଥାଏ। ଏହା ଶିକ୍ଷା ନୁହେଁ । ଆମ ପାଇଁ ଜୀବନ-ଗଠନକାରୀ, ମନୁଷ୍ୟ-ନିର୍ମାଣକାରୀ ଓ ଚରିତ୍ର-ସୃଷ୍ଟିକାରୀ ଧାରଣାଗୁଡ଼ିକର ସମନ୍ୱୟ ଆବଶ୍ୟକ। ତୁମେ ଯଦି ପାଞ୍ଚଟି ଧାରଣା ଆତ୍ମସ୍ଥ କରି ତଦନୁଯାୟୀ ଜୀବନ ନିର୍ବାହ ଓ ଚରିତ୍ର ରକ୍ଷା କରୁଥାଅ, ତୁମଠାରେ ଗୋଟିଏ ଗ୍ରନ୍ଥାଗାରକୁ ମୁଖସ୍ଥ କରିଥିବା ବ୍ୟକ୍ତି ତୁଳନାରେ ଅଧିକ ଶିକ୍ଷା ରହିଛି। ଯଦି ଶିକ୍ଷା ସୂଚନାର ସମରୂପ ହୁଏ, ତା ହେଲେ ଗ୍ରନ୍ଥାଗାରଗୁଡ଼ିକ ହିଁ ତପସ୍ୱୀ ଓ ଜ୍ଞାନକୋଷଗୁଡ଼ିକ ହିଁ ମହାନ୍ ଋଷି।"

ଇଂଟରନେଟ୍‌ର ଅଭ୍ୟୁଦୟ ପରେ ସ୍ୱାମୀ ବିବେକାନନ୍ଦଙ୍କ ବକ୍ତବ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଡିଜିଟାଲ୍ ସଂଯୋଗ ହେତୁ ଏବେ ସବୁ ପ୍ରକାର ସୂଚନା ବୋତାମ୍ ଟିପିଲା ମାତ୍ରେ ଆମ ପାଖରେ ପହଞ୍ଚିଯାଉଛି। ଏବେ ଆଉ ଗ୍ରନ୍ଥାଗାରକୁ ଯିବାର କୌଣସି ପ୍ରୟୋଜନ ନାହିଁ। ତେଣୁ ଏବେ ଆମକୁ ସୂଚନା-ଆଧାରିତ ଶିକ୍ଷା ପରିବର୍ତ୍ତେ ମୂଲ୍ୟବୋଧ-ଆଧାରିତ ଶିକ୍ଷା ଆଡ଼କୁ ମୁହାଁଇବାକୁ ପଡ଼ିବ। ବିଦ୍ୟାର୍ଥୀମାନଙ୍କୁ ଏ ଭଳି ଜୀବନଯାପନ ଦକ୍ଷତା ଶିଖାଇବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ମଣିଷ-ଗଠନ ଓ ରାଷ୍ଟ୍ର-ନିର୍ମାଣ କାର୍ଯ୍ୟରେ ସହାୟତା କରିପାରିବେ।

ଶିକ୍ଷା ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ଅଭିନବ ଜ୍ଞାନକ୍ଷେତ୍ରକୁ ସନ୍ନିବେଶିତ କରି ପାଠ୍ୟକ୍ରମର ନବୀକରଣ ଘଟାଇବାକୁ ହେବ। ବିଶ୍ୱାୟନର ପ୍ରଭାବ ଓ ଜ୍ଞାନ-ଭିତ୍ତିକ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥା ପ୍ରତି ନୂଆ ଶିଖାଳିମାନଙ୍କୁ ଉନ୍ମୁଖ କରାଇବାକୁ ପଡ଼ିବ। ଜୀବନଧାରଣ କୌଶଳ ସହିତ କାର୍ଯ୍ୟକ୍ଷେତ୍ରର ଆବଶ୍ୟକତା ଯୋଡ଼ିବାକୁ ହେବ। ଜ୍ଞାନାର୍ଜନ ନିମନ୍ତେ ବିଭିନ୍ନ ବର୍ଗର ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ପୂରଣ କରିବାକୁ ପଡ଼ିବ। ସେମାନଙ୍କୁ ପୋଷଣୀୟ ବିକାଶ, ବ୍ୟକ୍ତି-ନିର୍ଭର କାର୍ଯ୍ୟାବଳି ବିଷୟରେ ସଚେତନ କରିବାକୁ ହେବ। ବିଶ୍ୱସ୍ତରୀୟ ଉତ୍କର୍ଷ ହାସଲ କରିବା ନିମନ୍ତେଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରାଯିବା ଭଳି ପାଠ୍ୟକ୍ରମ ପ୍ରସ୍ତୁତ ହେବ। କେଉଁ ପ୍ରକାର ମାନଦଣ୍ଡକୁ ଆଧାର କରି ପାଠ୍ୟକ୍ରମର ସ୍ତରୋନ୍ନତି ଓ ସଂଶୋଧନ କରାଯାଇପାରିବ ଏବଂ ଶିକ୍ଷାର୍ଥୀମାନଙ୍କ ଜ୍ଞାନାର୍ଜନ-ଜଡ଼ିତ ପରିଣାମକୁ ମପାଯାଇପାରିବ, ତାହା ମଧ୍ୟ ସନ୍ନିବେଶିତ ହେବ।

ଜ୍ଞାନାର୍ଜନର ପରିଣାମ ମାପିବା ପାଇଁ ଶିକ୍ଷାର୍ଥୀମାନଙ୍କର ମୂଲ୍ୟାୟନରେ ଉନ୍ନତି ସାଧନ କରିବା ଭଳି କାର୍ଯ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ।ଏବେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଟର୍ମ୍-ଶେଷ ଓ ବାର୍ଷିକ ପରୀକ୍ଷା ବ୍ୟବସ୍ଥା ଚଳୁଛି। କିନ୍ତୁ ବିଦ୍ୟାର୍ଥୀମାନଙ୍କର ସାମୂହିକ ମୂଲ୍ୟାୟନ ଆଦୌ ସଂତୋଷଜନକ ନୁହେଁ । ଅନେକତ୍ର ପଢ଼ିଥିବା ପାଠକୁ ପୁନର୍ବାର ଲେଖି ପକାଇବା ଭଳି କାର୍ଯ୍ୟକୁ ମୂଲ୍ୟାୟନ ନାମ ଦେଇ ଚଳାଇ ନିଆଯାଉଛି । ତେଣୁ ମୂଲ୍ୟାୟନ ବ୍ୟବସ୍ଥାର ସଂପୂର୍ଣ୍ଣ ପୁନର୍ବିନ୍ୟାସ ଏକାନ୍ତ ଆବଶ୍ୟକ। ଏ ଭଳି ହେଲେ ଜ୍ଞାନାର୍ଜନର ପରିଣାମ ବିଷୟକ ତଥ୍ୟ ସହଜଲଭ୍ୟ ହେବ। ଉଭୟ ଶୈକ୍ଷଣିକ ଓ ସହ-ଶୈକ୍ଷଣିକ ମୂଲ୍ୟାୟନ ପାଇଁ ଏହା ଉପଯୋଗୀ ହେବ।ଏଭଳି ଏକ ଆନୁଷ୍ଠାନିକ ବ୍ୟବସ୍ଥାର ଆବଶ୍ୟକତା ରହିଛି, ଯାହାଦ୍ୱାରା ବର୍ଷ ସାରା ବିଦ୍ୟାର୍ଥୀମାନଙ୍କର ଅଗ୍ରଗତି ଉପରେ ନଜର ରଖିହେବ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡ଼ିକ ନିଆଯିବ :

**୧.** ସାମାଜିକ ସହାବସ୍ଥାନ, ଧାର୍ମିକ ସଦ୍ଭାବ ଓ ଜାତୀୟ ସଂହତିକୁ ସୁଦୃଢ଼ କରିବାର ରାଷ୍ଟ୍ରୀୟ ଉଦ୍ଦେଶ୍ୟ ପୂରଣ ନିମନ୍ତେ ପାଠ୍ୟକ୍ରମରେ ସଂସ୍କାର ଅଣାଯିବ। ପାଠ୍ୟକ୍ରମ ଗୁଡ଼ିକ ପରିଣାମ-ଆଧାରିତ ହେବା ସହିତ ଶିକ୍ଷାର୍ଥୀମାନଙ୍କର ଜୀବନଯାପନ କୌଶଳ ଅଭିମୁଖୀ ହେବ। ବୈଷୟିକ ଜ୍ଞାନ-ନିର୍ଭର ପରିବେଶରେ ଚଳିପାରିବା ଭଳି ଦକ୍ଷତା ବିକାଶ ପାଠ୍ୟକ୍ରମ ମାଧ୍ୟମରେ ହେବ। ସମସ୍ତ ଶିକ୍ଷାର୍ଥୀଙ୍କୁ ମୌଳିକ କର୍ତ୍ତବ୍ୟ ଓ ଅଧିକାର ବିଷୟରେ ଅବଗତ କରାଯିବ। ସେମାନେ ଯେପରି ଦେଶର ଓ ବିଶ୍ୱର ଉତ୍ତମ ନାଗରିକ ହୋଇପାରିବେ, ସେଥିପ୍ରତି ଦୃଷ୍ଟି ଦିଆଯିବ।

**୨.** ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପ୍ରଦାନକାରୀ ରାଷ୍ଟ୍ରୀୟ ସଂସ୍ଥା NCERTର ପୁନର୍ବିନ୍ୟାସ କରାଯିବ।ଶିକ୍ଷା କ୍ଷେତ୍ରରେ ଗୁଣହ୍ରାସ ଭଳି ସମସ୍ୟାର ସମାଧାନ ନିମନ୍ତେ ବିଦ୍ୟାଳୟରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପାଠ୍ୟକ୍ରମର ଶିକ୍ଷାଶାସ୍ତ୍ରୀୟ ନବୀକରଣ କରାଯିବ। ପାଠ ମୁଖସ୍ଥ କରିବା ପରିବର୍ତ୍ତେ ବୁଝିବା ଓ ଜିଜ୍ଞାସା ଆଡ଼କୁ ଧ୍ୟାନ ଦିଆଯିବ।

**୩.** ବିଜ୍ଞାନ, ଗଣିତ ଓ ଇଂଲିଶ୍ ବିଷୟରେ ସମଗ୍ର ଦେଶ ପାଇଁ ଗୋଟିଏ ପାଠ୍ୟକ୍ରମ ପ୍ରଚଳନ କରାଯିବ। ସମାଜ ବିଜ୍ଞାନ ଭଳି ବିଷୟରେପାଠ୍ୟକ୍ରମର ଗୋଟିଏ ଅଂଶ ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ ହେବ। ଅନ୍ୟାନ୍ୟ ଅଂଶ ପାଇଁ ରାଜ୍ୟଗୁଡ଼ିକ ନିଜ ନିଜ ଅଂଚଳ ନିମନ୍ତେ ପାଠ୍ୟକ୍ରମ ସ୍ୱଇଚ୍ଛାରେ ପ୍ରସ୍ତୁତ କରିବେ।

**୪.** ପଞ୍ଚମ ଶ୍ରେଣୀରୁ ଆରମ୍ଭ କରି ପର୍ଯ୍ୟାୟକ୍ରମେ କଂପ୍ୟୁଟର୍ ସାକ୍ଷରତା କାର୍ଯ୍ୟକ୍ରମ ପ୍ରଚଳିତ ହେବ।ICT ଏକ ବିଷୟ ରୂପେ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରାଯାଇପାରେ। ପ୍ରତ୍ୟେକ ସ୍ତରରେ ସଂଶୋଧନ କରାଯାଇ ICTକୁପ୍ରୟୋଗାତ୍ମକ ରୂପ ଦିଆଯିବ।

**୫.** ଏହା ସର୍ବଜ୍ଞାତ ଯେ ବିଜ୍ଞାନ ବିଷୟଟିର ଅବବୋଧ ପ୍ରଦର୍ଶନ ଓ ପରୀକ୍ଷଣ ମାଧ୍ୟମରେ ହିଁ ଭଲ ହୋଇଥାଏ। ଷଷ୍ଠ ଶ୍ରେଣୀ ଠାରୁ ବିଜ୍ଞାନକୁ ପରୀକ୍ଷଣ-ଭିତ୍ତିକ କରାଯିବ।

**୬.** ପାଠ୍ୟକ୍ରମରେ ନର-ନାରୀ ଭେଦ, ସାମାଜିକ, ସାଂସ୍କୃତିକ ଓ ଆଞ୍ଚଳିକ ବୈଷମ୍ୟଗୁଡ଼ିକ ପ୍ରତି ଧ୍ୟାନ ଦିଆଯିବ।ସାମାଜିକ ପାତରଅନ୍ତର ଦୂର କରିବା ଉଦ୍ଦେଶ୍ୟରେ ସାମାଜିକ ନ୍ୟାୟ ଓ ଆଇନଗତ ବ୍ୟବସ୍ଥା ମଧ୍ୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହେବ। ପାଠ୍ୟ ପୁସ୍ତକ ପ୍ରସ୍ତୁତକାରୀମାନଙ୍କୁ ଧ୍ୟାନ ଦେବାକୁ ହେବ, ଯେପରି ଭେଦଭାବ ସୂଚକ ପ୍ରସଂଗ / ଘଟନା / ଦୃଷ୍ଟାନ୍ତ ଜାତି, ଧର୍ମ, ଅକ୍ଷମତା ଓ ଲିଙ୍ଗକୁ ନେଇ ପ୍ରକାଶ ନ ପାଏ। ନାଗରିକତା ଶିକ୍ଷା, ଶାନ୍ତି ଶିକ୍ଷା ସହିତ ଚରିତ୍ର ଗଠନ, ଆଇନ ଓ ସଂବିଧାନ ବିଷୟାଶ୍ରିତ ସାକ୍ଷରତା, ଆର୍ଥନୀତିକ ସାକ୍ଷରତା, ପରିବେଶର ପୋଷଣୀୟତା ଭଳି ପ୍ରସଂଗ ପାଠ୍ୟକ୍ରମରେ ସ୍ଥାନ ପାଇବ।

**୭.** ପାଠ୍ୟ ପୁସ୍ତକର ପୁନର୍ଲିଖନ-ଆଶ୍ରିତ ପରୀକ୍ଷା ପ୍ରଣାଳୀରେ ପରିବର୍ତ୍ତନ ଅଣାଯିବ। ବ୍ୟାପକ ସଚେତନତା ସୃଷ୍ଟି, ବିଷୟବୋଧ, ଅବଧାରଣା ଓ ଉଚ୍ଚ ସ୍ତରୀୟ ସମସ୍ୟା ସମାଧାନ ଦକ୍ଷତା ପରୀକ୍ଷା କରିବା ପାଇଁ ପରୀକ୍ଷା ପ୍ରଣାଳୀରେ ପରିବର୍ତ୍ତନ କରାଯିବ। ନିରନ୍ତର ମୂଲ୍ୟାୟନ, ପ୍ରଶ୍ନ-ପ୍ରସ୍ତୁତିର ସ୍ତର-ରକ୍ଷା, ମୂଲ୍ୟାଙ୍କନର ସ୍ୱଚ୍ଛତା ଭଳି କେତେକ କାର୍ଯ୍ୟକ୍ରମ ହାତକୁ ନିଆଯିବ।ଉଦ୍‌ବେଗ ହ୍ରାସ କରିବା ପାଇଁ ବାର୍ଷିକ ପରୀକ୍ଷା ବଦଳରେ ଦାବି ମୁତାବକ ପରୀକ୍ଷା ଆରମ୍ଭ କରାଯିବ।

**୮.** ଗଣିତ, ବିଜ୍ଞାନ ଓ ଇଂଲିଶ୍ - ଏହି ତିନିଟି ବିଷୟ ଯୋଗୁଁ ଦଶମ ଶ୍ରେଣୀ ପରୀକ୍ଷାରେ ବହୁ ସଂଖ୍ୟକ ଶିକ୍ଷାର୍ଥୀ ଅକୃତକାର୍ଯ୍ୟହୁଅନ୍ତି। ତେଣୁ ବିଫଳତା ହ୍ରାସ କରିବା ନିମନ୍ତେ ଏହି ତିନିଟି ବିଷୟରେ ଦ୍ୱିସ୍ତରୀୟ ପରୀକ୍ଷା କରିବାକୁ ହେବ।'କ' ସ୍ତରରେ ଉଚ୍ଚ ସ୍ତରୀୟ ଓ 'ଖ' ସ୍ତରରେ ନିମ୍ନ ସ୍ତରୀୟ ପରୀକ୍ଷା କରାଯିବ। ଯେଉଁ ଶିକ୍ଷାର୍ଥୀମାନେ ଗଣିତ, ବିଜ୍ଞାନ ଓ ଇଂଲିଶ୍‌କୁ ବିଷୟ ରୂପେ ବାଛି ନ ଥିବେ, ସେମାନେ ଦଶମ ଶ୍ରେଣୀରେ କେବଳ 'ଖ' ସ୍ତରୀୟ ପରୀକ୍ଷା ଦେଇ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରକୁ ପ୍ରବେଶ କରିପାରିବେ।

**୯.** ଏବେ କେନ୍ଦ୍ର ଓ ରାଜ୍ୟର ଶିକ୍ଷାବୋର୍ଡଗୁଡ଼ିକ ଦ୍ୱାରା ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ପରିଚାଳିତ ହେଉଛି। ଯେଉଁ ବିଦ୍ୟାଳୟ ଯେଉଁ ବୋର୍ଡ ସହିତ ଅନୁବନ୍ଧିତ, ସେହି ବିଦ୍ୟାଳୟର ପରୀକ୍ଷାର୍ଥୀମାନେ ସେହି ବୋର୍ଡର ଦଶମ ଶ୍ରେଣୀ ପରୀକ୍ଷା ଦେବା ଅନିବାର୍ଯ୍ୟ ହେବ। ଦଶମ ଶ୍ରେଣୀର ପରୀକ୍ଷା କେବଳ ଦଶମ ଶ୍ରେଣୀର ପାଠ୍ୟକ୍ରମ-ଭିତ୍ତିକ ହେବ।

**୧୦.** ବିଭିନ୍ନ ବୋର୍ଡ ଦ୍ୱାରା ଦିଆଯାଉଥିବା ପ୍ରମାଣପତ୍ରର ଗୁଣମାନ ଓ ମୂଲ୍ୟ ମଧ୍ୟରେ ଅନେକ ତାରତମ୍ୟ ଦେଖିବାକୁ ମିଳେ। ଏହି ସାର୍ଟିଫିକେଟ୍ ଗୁଡ଼ିକରେ ପରୀକ୍ଷାର୍ଥୀମାନଙ୍କର ଜ୍ଞାନାର୍ଜନ ସ୍ତର ସୂଚିତ ହୋଇଥାଏ।ଅନେକ ବୋର୍ଡ ତରଫରୁ ଅନୁଗ୍ରହ ମାର୍କ୍ ଦିଆଯାଇ ଉତ୍ତୀର୍ଣତା ହାର ବଢ଼ାଯାଉଥିବାର ଅଭିଯୋଗ ହୁଏ । ଏ ଭଳି ବ୍ୟବସ୍ଥା ବନ୍ଦ ହେବା ଏକାନ୍ତ ଆବଶ୍ୟକ। ପରୀକ୍ଷାର୍ଥୀମାନଙ୍କର କୃତିତ୍ୱ ନିରୂପଣ କରିବା ପାଇଁ ସବୁ ବୋର୍ଡ ମଧ୍ୟରେ ସାମଞ୍ଜସ୍ୟ ରହିବା ଭଳି ବ୍ୟବସ୍ଥା ବିକଶିତ ହେବା ଆବଶ୍ୟକ। ଏହା ବର୍ଷ ବର୍ଷ ଧରି ଚାଲିବା ଦରକାର। ମାପକ ବ୍ୟବସ୍ଥା ଗୋଟିଏ ବିକଳ୍ପ ହୋଇପାରେ । ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ କେନ୍ଦ୍ର ସ୍ତରୀୟ ପରୀକ୍ଷା କରାଯାଇପାରେ। ଏଥିରୁ ପ୍ରତ୍ୟେକ ବୋର୍ଡର ଶତାଂଶ ହାର ମାପିହେବ। ସବୁ ପ୍ରକାର ବିକଳ୍ପକୁ ଅନୁଧ୍ୟାନ କରି ଶିକ୍ଷାଶାସ୍ତ୍ରର ବିଶେଷଜ୍ଞମାନେ ବିଦ୍ୟାର୍ଥୀମାନଙ୍କ କୃତିତ୍ୱର ସ୍ତର ମାପିବା ଭଳି ବ୍ୟବସ୍ଥା ପ୍ରଚଳନ ସଂବନ୍ଧିତ ପରାମର୍ଶ ଦେଇପାରିବେ ।

**୧୧.** କାର୍ଯ୍ୟପ୍ରଣାଳୀରେ ସଂସ୍କାର ଜରିଆରେ ପ୍ରବାସନ ପ୍ରମାଣପତ୍ର (ମାଇଗ୍ରେସନ୍ ସାର୍ଟିଫିକେଟ୍) ଓ ବିଦ୍ୟାଳୟରୁ ବିଦାୟ ସୂଚକ ପ୍ରମାଣପତ୍ର (ସ୍କୁଲ୍ ଲିଭିଂ ସାର୍ଟିଫିକେଟ୍) ଇତ୍ୟାଦିର ଉଚ୍ଛେଦ ଦ୍ୱାରା ବିଦ୍ୟାର୍ଥୀମାନଙ୍କର ଗୋଟିଏ ଅନୁଷ୍ଠାନରୁ ଅନ୍ୟ ଅନୁଷ୍ଠାନକୁ ଯିବାର ପଥ ସୁଗମ୍ୟ କରାଯାଇପାରେ।

### ୪.୬ ସମାବେଶୀ ଶିକ୍ଷା ଓ ବିଦ୍ୟାର୍ଥୀ ସହାୟତା

ଏହା ଏକ ସୁପ୍ରତିଷ୍ଠିତ ତଥ୍ୟ ଯେ ଗୁଣମାନ ଓ ସମାନତା-ଆଧାରିତ ଶିକ୍ଷା ପ୍ରଣାଳୀ ଜରିଆରେ ଜ୍ଞାନାଶ୍ରିତ ଅର୍ଥନୀତି କ୍ଷେତ୍ରରେ ପୋଷଣୀୟ ସଫଳତା ହାସଲ କରାଯାଇପାରେ। ଗ୍ରାମାଂଚଳର ବିଶେଷ ଧ୍ୟାନ ଲୋଡୁଥିବା ସାମାଜିକ ସ୍ତରରେ ପଛୁଆ ବିଦ୍ୟାର୍ଥୀମାନଙ୍କର ଆବଶ୍ୟକତା ପୂରଣ କରିବାରେ ପ୍ରଚଳିତ ଶିକ୍ଷା ପ୍ରଣାଳୀ ବିଫଳ ହୋଇଛି। ଏହି ପ୍ରଣାଳୀ ଦ୍ୱାରା ସର୍ବସମାବେଶୀ ଶିକ୍ଷା ବ୍ୟବସ୍ଥା ପ୍ରତିଷ୍ଠିତ ହୋଇପାରିନାହିଁ।ଯଦିଚ ଗତ ବର୍ଷମାନଙ୍କରେ ଗ୍ରାମାଞ୍ଚଳରେ ସୁଦ୍ଧା ଶିକ୍ଷା ଲୋକଙ୍କ ପାଖରେ ପହଞ୍ଚିଛି, ସାମାଜିକ ଓ ଆର୍ଥନୀତିକ କ୍ଷେତ୍ରରେ ଅନଗ୍ରସର ବର୍ଗର ବିଦ୍ୟାର୍ଥୀମାନେ ନାନା ପ୍ରକାର ବାଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ସମାନ ଜ୍ଞାନାର୍ଜନ ସୁଯୋଗ ମିଳୁନାହିଁ। ଏଥିପାଇଁ ସାମାଜିକ ଓ ପାରିପାର୍ଶ୍ୱିକ କାରଣକୁ ଦାୟୀ କରାଯାଇପାରେ।

ଆଦିବାସୀ ପିଲାଙ୍କ ଶିକ୍ଷାର ସ୍ତର ଗଭୀର ଚିନ୍ତାର ବିଷୟ ହୋଇପଡ଼ିଛି। ନିମ୍ନ ସାକ୍ଷରତା ହାର, ନାମଲେଖାର ସ୍ୱଳ୍ପତା, ଅତ୍ୟଧିକ ବିଦ୍ୟାଳୟ-ତ୍ୟାଗୀ ସଂଖ୍ୟା ଓ ଶିଶୁ ମୃତ୍ୟୁହାର ବୃଦ୍ଧି ଯୋଗୁଁ ଏଭଳି ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଦ୍ୱାରା ଛାତ୍ରବୃତ୍ତି ଯୋଗାଣ ସତ୍ତ୍ୱେ ଆଦିବାସୀ-ବହୁଳ ଅଂଚଳରେ ଶିକ୍ଷାର ସ୍ତରୋନ୍ନତି ଘଟିପାରିନାହିଁ। ଆଦିବାସୀ ଅଞ୍ଚଳରେ କାର୍ଯ୍ୟ କରିବାକୁ ଆଗ୍ରହୀ ଶିକ୍ଷକଙ୍କ ଅଭାବ ଯୋଗୁଁ ମଧ୍ୟ ଏହିସବୁ ଅଞ୍ଚଳରେ ଶିକ୍ଷାର ବିକାଶ ହୋଇପାରିନାହିଁ। ଭାଷା ଓ ଭାବ ପ୍ରକାଶର ମାଧ୍ୟମ ମଧ୍ୟ ଅଣ-ଆଦିବାସୀ ଶିକ୍ଷକମାନଙ୍କର ଏକ ମୁଖ୍ୟ ସମସ୍ୟା ହୋଇରହିଛି। ପ୍ରତିଭାବାନ୍ ଛାତ୍ରଛାତ୍ରୀମାନେ ଯେପରି ଶିକ୍ଷା ଆଡ଼କୁ ଅଗ୍ରସର ହେବେ, ସେଥିପାଇଁ ଛାତ୍ରବୃତ୍ତି ଓ ଶିକ୍ଷାଋଣର ବ୍ୟବସ୍ଥା କରିବାକୁ ହେବ। ଏ ଭଳି ବ୍ୟବସ୍ଥା ହେଲେ ବିଦ୍ୟାର୍ଥୀମାନେ ଆବଶ୍ୟକ ସହାୟତା ପାଇପାରିବେ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧.** ପାଠ୍ୟକ୍ରମ ପ୍ରଣୟନ ଓ ପ୍ରଚଳନ ବେଳେ ଲିଙ୍ଗ ବୈଷମ୍ୟ; ସାମାଜିକ, ସାଂସ୍କୃତିକ ଓ ଆଞ୍ଚଳିକ ଅସମାନତା ଭଳି ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଆଯିବ। ସାମାଜିକ ପାତରଅନ୍ତର ଦୂର କରିବା ନିମନ୍ତେ ପାଠ୍ୟକ୍ରମରେ ସାମାଜିକ ନ୍ୟାୟ ଓ ସମନ୍ୱୟ ଏବଂ ଆଇନଗତ ବ୍ୟବସ୍ଥା ଭଳି ପ୍ରସଂଗ ଅନ୍ତର୍ଭୁକ୍ତ ହେବ।

**୨.** ପ୍ରାକ୍-ଧନ୍ଦାମୂଳକ ଶିକ୍ଷା ଅଭିମୁଖୀ କାର୍ଯ୍ୟକଳାପ ମୂଳରୁ ହିଁ ପାଠ୍ୟକ୍ରମ ମଧ୍ୟକୁ ପୂରାଇ ଦିଆଯିବ, ଯେମିତି କି ଶ୍ରମ ପ୍ରତି ସକାରାତ୍ମକ ମର୍ଯାଦାବୋଧ ଜାତ ହେବ। ଏହା ଯୋଗୁଁ ପିଲାଙ୍କର ଦକ୍ଷତା ବଢ଼ିବ।

**୩.** ପ୍ରତିଭାକୁ ଉତ୍ସାହିତ ଓ ସମାନତାକୁ ସମର୍ଥନ କରି ୧୦ ଲକ୍ଷ ବିଦ୍ୟାର୍ଥୀଙ୍କର ଟିଉସନ୍ ଫି, ପଠନ ସାମଗ୍ରୀ ଓ ଜୀବନ ନିର୍ବାହ ବ୍ୟୟ ତୁଲାଇବା ନିମନ୍ତେ ରାଷ୍ଟ୍ରୀୟ ବୃତ୍ତି ପାଣ୍ଠି ସୃଷ୍ଟି କରାଯିବ। ଆର୍ଥନୀତିକ ଦୁର୍ବଳ ଶ୍ରେଣୀର

ପିଲାମାନଙ୍କୁ ଏହି ପାଣ୍ଠିରୁ ବୃତ୍ତି ଧନ ମିଳିବ। ଦଶମ ଶ୍ରେଣୀ ପରେ ସବୁ ବର୍ଗର ବିଦ୍ୟାର୍ଥୀମାନଙ୍କ ପାଇଁ ଭିନ୍ନ ଏକ ରାଷ୍ଟ୍ରୀୟ ପ୍ରତିଭା ବୃତ୍ତି ପରିଯୋଜନା ରାଷ୍ଟ୍ରସ୍ତରୀୟ ପରୀକ୍ଷା ଦ୍ୱାରା ଆରମ୍ଭ କରାଯିବ।

**୪.** ଆଶ୍ରମ ପାଠଶାଳା ଏବଂ ନିକଟସ୍ଥ ମାଧ୍ୟମିକ / ଉଚ୍ଚ ମାଧ୍ୟମିକ / କେନ୍ଦ୍ରୀୟ / ନବୋଦୟ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସହକ୍ରିୟାତ୍ମକ ସଂଯୋଗ ମାଧ୍ୟମରେ ପୃଷ୍ଠପୋଷକତା ଓ ପରାମର୍ଶ ଯୋଗାଇ ଦିଆଯିବ।

**୫.** ଆଦିବାସୀ ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ବିଦ୍ୟାର୍ଥୀମାନଙ୍କୁ କୁଶଳୀ କରିବା ଉଦ୍ଦେଶ୍ୟରେ ପାଠପଢ଼ା ସମୟ ପରେ ରାଷ୍ଟ୍ରୀୟ କୌଶଳ ବିକାଶ କର୍ପୋରେସନ୍ ସହଯୋଗରେ କାର୍ଯ୍ୟକ୍ରମ ଆରମ୍ଭ କରାଯିବ।

**୬.** ଅନୁଭୂତିରୁ ଜଣାଯାଏ ଯେ ଆଦିବାସୀ ପିଲାମାନେ ବିଦ୍ୟାଳୟରେ ଚଳୁଥିବା ଆଞ୍ଚଳିକ ଭାଷା ପ୍ରାୟତଃ ବୁଝିପାରନ୍ତି ନାହିଁ। ଏହି ବାଧାକୁ ଅତିକ୍ରମ କରିବା ନିମନ୍ତେ ଯେଉଁଠି ଆବଶ୍ୟକ ସେଠାରେ ବହୁଭାଷୀ ଶିକ୍ଷଣ ବ୍ୟବସ୍ଥା ପ୍ରଚଳନ ପାଇଁ ବ୍ୟବସ୍ଥା କରାଯିବ।

**୭.** ଛୋଟ ସହର ଓ ଗାଆଁରେ ଅବସ୍ଥିତ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଭିନ୍ନକ୍ଷମ ଓ ଜ୍ଞାନାର୍ଜନ-ଅକ୍ଷମ ଛାତ୍ରଛାତ୍ରୀମାନେ ସାମାଜିକ ଉପେକ୍ଷା, ପାରିବାରିକ ଅସାମର୍ଥ୍ୟ, ଯଥାଯଥ ସୁବିଧା ଓ ସହାୟକ ଉପକରଣର ଅଭାବ ଭଳି ବହୁବିଧ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଏହି ବର୍ଗର ପିଲାଙ୍କର ଶୈକ୍ଷଣିକ ପ୍ରୟୋଜନ ପୂରଣ ନିମନ୍ତେ ବିଶେଷ ଧରଣର ମଧ୍ୟକ୍ଷେପ କରାଯିବ।

**୮.** ଏବେ ଚଳୁଥିବା କେନ୍ଦ୍ର-ପ୍ରାୟୋଜିତ ଭିନ୍ନକ୍ଷମ-ଜଡ଼ିତ କାର୍ଯ୍ୟକ୍ରମଗୁଡ଼ିକ ଚାଲୁ ରହିବ ଓ ଏଗୁଡ଼ିକର କାର୍ଯ୍ୟ ପରିସର ଓ ପାଣ୍ଠିକୁ ବଢ଼ାଯିବ। ବିଶେଷ ଧ୍ୟାନ ଲୋଡ଼ୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଗୁଡ଼ିକର ଦେଖରେଖ ନିମନ୍ତେ ରାଜ୍ୟ ଓ ଜିଲା ସ୍ତରରେ ବ୍ୟବସ୍ଥା କରାଯିବ।

**୯.** କୌଣସି ବିଦ୍ୟାଳୟ ବା ଜିଲା ଶିକ୍ଷା ଅଧିକାରୀ ଆବଶ୍ୟକ ସ୍ଥଳେ ତୃତୀୟ ପକ୍ଷର ବିଚାରାର୍ଥେ ଉପସ୍ଥାପିତ କରିବା ନିମନ୍ତେ ସ୍ଥାନୀୟ ଭିତ୍ତିରେ ସ୍ୱଳ୍ପକାଳୀନ ଉପସମିତି ଗଠନ କରିବେ।ଏହି ଉପସମିତିରେ ଶିଶୁ ଓ ନୈଦାନିକ ମନସ୍ତତ୍ତ୍ୱବିତ୍‌ମାନଙ୍କୁ ବିଶେଷଜ୍ଞ ସଦସ୍ୟ ରୂପେ ରଖାଯିବ। ଏହି ଉପସମିତିର ପରାମର୍ଶ ଅନୁସାରେ ଭିନ୍ନକ୍ଷମମାନଙ୍କର ଶିକ୍ଷକମାନଙ୍କ ପାଇଁ ବିଶେଷ ପ୍ରଶିକ୍ଷଣ ଓ ଅଭିମୁଖୀକରଣର ବ୍ୟବସ୍ଥା କରାଯିବ।

**୧୦.** ଦୀର୍ଘକାଳୀନ ଭିତ୍ତିରେ ଗବେଷଣା ଓ ପ୍ରଶିକ୍ଷଣ ନିମନ୍ତେ କେନ୍ଦ୍ର ସରକାର ଅଗ୍ରଣୀ ରୂପେ ସମସ୍ୟା ସମାଧାନ, ସଂବଳ ଯୋଗାଣ ଓ ପାଣ୍ଠି ପ୍ରଦାନ ଭଳି କାର୍ଯ୍ୟ କରିବେ।

**୧୧.** ପ୍ରତିକାରାତ୍ମକ ଓ ଉପଦେଶାତ୍ମକ ସୁବିଧା ମାଧ୍ୟମରେ ସାମାଜିକ ଓ ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କୁ ଜ୍ଞାନାର୍ଜନର ଘଡ଼ିସନ୍ଧି ସମୟରେ ସହାୟତା ଯୋଗାଇ ଦିଆଯିବ।

**୧୨.** ସ୍ଥାନାନ୍ତରିତ ହେଉଥିବା ପିଲାଙ୍କର ଶିକ୍ଷା ନିମନ୍ତେ ଉତ୍ସ ବା ଲକ୍ଷ୍ୟ ସ୍ଥଳରେ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯିବ। ସମାନ ଓ ଅଣ-ପକ୍ଷପାତୀ ସୁଯୋଗ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯିବ।

**୧୩.** ନର-ନାରୀ ଭେଦ ଓ ହିଂସା ପ୍ରତି ଶୂନ୍ୟ-ସହିଷ୍ଣୁତା ମନୋଭାବ ପୋଷଣ କରାଯିବ। ଉଚ୍ଚ ଶିକ୍ଷା କ୍ଷେତ୍ରରେ ନାରୀମାନଙ୍କର ପ୍ରବେଶ, ଅଂଶଗ୍ରହଣ ଓ ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତିକୁ ସୁନିଶ୍ଚିତ କରାଯିବ। ବହୁବିଧ ସ୍ୱୀକାରାତ୍ମକ କାର୍ଯ୍ୟକଳାପ ଦ୍ୱାରା ଏହା ହୋଇପାରିବ। ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରଶାସନରେ ଅଧିକ ସଂଖ୍ୟକ ନାରୀଙ୍କୁ ନିଯୁକ୍ତି ଓ ଅବସ୍ଥାପିତ କରାଯିବ। ଏହାକୁ ସୁନିଶ୍ଚିତ କରିବା ପାଇଁ ପ୍ରୟାସ ଜାରି ରହିବ।

**୧୪.** ଅକ୍ଷମତାର ଉଚ୍ଚସ୍ତରୀୟ ଅଧ୍ୟୟନ ଉଦ୍ଦେଶ୍ୟରେ ଗବେଷଣା ଓ ଉନ୍ନୟନ ନିମନ୍ତେସମର୍ପିତ ପାଣ୍ଠି ରହିବ। ଗବେଷଣା-ଭିତ୍ତିକ ଓ ସାମାଜିକ ପରିସଂଖ୍ୟାନାତ୍ମକ ଗଣନା ମାଧ୍ୟମରେ ଅକ୍ଷମ-ସୁଗମ୍ୟ ଭିତ୍ତିଭୂମି, ଶୈକ୍ଷଣିକ-ସୁଗମ୍ୟତା ଓ କୃତିତ୍ୱ ଇତ୍ୟାଦିର ଆକଳନ କରାଯିବ।

**୧୫.** ଆଂଚଳିକ ବିଷମତା ଲୋପ କରିବା ନିମନ୍ତେ ପାହାଡ଼ିଆ, ଆଦିବାସୀ-ବହୁଳ, ମରୁଭୂମି, ସମୁଦ୍ର ତଟବର୍ତୀ ଅଂଚଳ ପାଇଁ ଭିନ୍ନ ଭିନ୍ନ ନୀତିକୁ ଆଧାର ରୂପେ ଗ୍ରହଣ କରାଯିବା ସଂଭବପର। ଶୈକ୍ଷଣିକ ଅନଗ୍ରସରତା ଆକଳନ ନିମନ୍ତେ ବ୍ଲକ୍ ଓ ଜିଲା ସ୍ତରରେ ମାନଦଣ୍ଡ ଓ ନୀତିର ନବୀକରଣ ଏକାନ୍ତ ଆବଶ୍ୟକ। ଶୈକ୍ଷଣିକ ଓ କୌଶଳ-ଭିତ୍ତିକ ଅସାମଞ୍ଜସ୍ୟ ଚିହ୍ନଟ କରିବା ତଥା ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଅଂଚଳ ଏବଂ ସାମାଜିକ, ଆର୍ଥିକ, ଶୈକ୍ଷଣିକ ସ୍ତରରେ ଅନଗ୍ରସର ବର୍ଗର ଲୋକଙ୍କୁ ବାଛିବା ପାଇଁ ଜିଲା-ସ୍ତରୀୟ ମାନଚିତ୍ର ଅଙ୍କନ କରାଯିବ।

## ୪.୭ **ସାକ୍ଷରତା ଓ ଜୀବନବ୍ୟାପୀ ଜ୍ଞାନାର୍ଜନ**

ପ୍ରଥମ ଥର ପାଇଁ ୨ ଅକ୍ଟୋବର୍ ୧୯୭୮ ଦିନ ରାଷ୍ଟ୍ରୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କଲାବେଳେ ପ୍ରୌଢ଼ ସାକ୍ଷରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗ୍ରାମାଂଚଳ ସାକ୍ଷରତା କାର୍ଯ୍ୟକ୍ରମ(RFLP), ରାଷ୍ଟ୍ରୀୟ ସାକ୍ଷରତା ମିସନ୍ (NLM), ସାକ୍ଷର ଭାରତ ଅଭିଯାନ ପ୍ରଭୃତି କାର୍ଯ୍ୟକ୍ରମ ଗତ ୪୦ ବର୍ଷ ମଧ୍ୟରେ ଆରଂଭ କରାଯାଇଛି। ଏ ସମସ୍ତ ଉଦ୍ୟମ ସତ୍ତ୍ୱେ ଭାରତରେ ୨୮୦ ନିୟୁତରୁ ଅଧିକ ପ୍ରୌଢ଼ ନିରକ୍ଷର ଅଛନ୍ତି । ଏହି ସଂଖ୍ୟା ସମଗ୍ର ପୃଥିବୀର ପ୍ରୌଢ଼ ନିରକ୍ଷର ସଂଖ୍ୟାର ଏକ-ତୃତୀୟାଂଶ ଅଟେ। ଏହି ଆପଦ ସୂଚକ ସଂଖ୍ୟା ଯୋଗୁଁ ଏବେ ପ୍ରୌଢ଼ ଶିକ୍ଷା ଆଡ଼କୁ ଅଧିକ ଧ୍ୟାନ ଦେବାକୁ ହେବ।

ସମାଜରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ପଠନ, ଲିଖନ ଓ ସଂଖ୍ୟା ଜ୍ଞାନର ଖୁବ୍ ଜରୁରୀ ଆବଶ୍ୟକତା ଥିବାରୁ ଏହାକୁ 'କାର୍ଯ୍ୟକାରୀ ସାକ୍ଷରତା' କହନ୍ତି। ଶୈକ୍ଷଣିକ ବିକାଶ ନିମନ୍ତେକାର୍ଯ୍ୟକାରୀ ସାକ୍ଷରତା ବେଶ୍ ଗୁରୁତ୍ୱପୂର୍ଣ ଅଟେ। ସର୍ବଜନୀନ ଯୁବା ଓ ପ୍ରୌଢ଼ ସାକ୍ଷରତା ନିରନ୍ତର ପ୍ରୌଢ଼ ଶିକ୍ଷାର ମୌଳିକ ଲକ୍ଷ୍ୟ ଅଟେ। ସମୟାନୁସାରେ ଏହି କାର୍ଯ୍ୟକ୍ରମସବୁ ପ୍ରବର୍ତ୍ତିତ ହୋଇଆସୁଛି।

ସାଂପ୍ରତିକ ବିଶ୍ୱରେ ଜୀବନବ୍ୟାପୀ ଶିକ୍ଷାକୁ ସାକ୍ଷର ସମାଜର ନିର୍ଣାୟକରୂପେ ଗ୍ରହଣ କରାଯାଏ।ମୌଳିକ ସାକ୍ଷରତା କାର୍ଯ୍ୟକ୍ରମଠାରୁ ଜ୍ଞାନାର୍ଜନକାରୀ ସମାଜରେ ପହଞ୍ଚିବା ବାଟରେ ସାକ୍ଷର ପରିବେଶ ଗଠନ କରାଯାଇପାରେ। ଏପରି ହେଲେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଏକାଧିକ ଧରଣର ଜ୍ଞାନାର୍ଜନ ସୁଯୋଗ ଓ କ୍ଷେତ୍ର ଖୋଲିଯାଏ। ଜିଇ ରହିବା ଓ ଜୀବନର ମାନୋନ୍ନତି କରିବା ନିମନ୍ତେ ଜୀବନବ୍ୟାପୀ ଶିକ୍ଷାର ଗୁରୁତ୍ୱ ଏବେ ବଢ଼ିଯାଇଛି। ରାଷ୍ଟ୍ରୀୟ, ମାନବିକ, ସାମାଜିକ ଓ ଆର୍ଥିକ ପ୍ରଗତି ନିମନ୍ତେ ମଧ ଏହାର ଆବଶ୍ୟକତା ରହିଛି। ଭାରତ ଯଦି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଏକ ବିକଶିତ ରାଷ୍ଟ୍ର ରୂପେ ଉଭା ହେବାକୁ ଚାହେଁ, ତା ହେଲେ ଜୀବନବ୍ୟାପୀ ଶିକ୍ଷା ନୀତି ଓ କାର୍ଯ୍ୟକ୍ରମ ମାଧମରେ ଏହାର ମାନବ ସଂବଳର ସ୍ତରୋନ୍ନତି ଘଟାଇବାକୁ ହେବ।

ପ୍ରଚୁର ସଂଖ୍ୟକ ଅଣ-ସାକ୍ଷର, ଉଦ୍ ଗମ-ମୁଖୀ ଜ୍ଞାନାଶ୍ରିତ ଅର୍ଥନୀତି, ବିଶ୍ୱାୟନର ଆହ୍ୱାନ, ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ପ୍ରବଳ ପ୍ରଭାବୀ ବିସ୍ତାର ଏବଂ ଲୋକମାନଙ୍କର ଆୟୁସୀମା ବୃଦ୍ଧି ଯୋଗୁଁ ପ୍ରୌଢ଼ ଶିକ୍ଷାଗତ ନୀତି ଓ କାର୍ଯ୍ୟକ୍ରମରେ ବଡ଼ ଧରଣର ପରିବର୍ତ୍ତନ ଆବଶ୍ୟକ। ବିବିଧତା ଓ ଜଟିଳତାଭରା ଭାରତୀୟ ସମାଜ ନିମନ୍ତେ ବହୁମୁଖୀ ସାକ୍ଷରତା କାର୍ଯ୍ୟକ୍ରମର ପ୍ରୟୋଜନୀୟତା ଅନୁଭୂତ ହେଉଛି। ସାକ୍ଷରତା ପ୍ରତି ଆମର ଦୃଷ୍ଟିକୋଣ ନମନୀୟ ହେବା ଜରୁରି ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡ଼ିକ ନିଆଯିବ :

୧.ସାର୍ବଜନୀନ ଯୁବ ଓ ପ୍ରୌଢ଼ ସାକ୍ଷରତା ହାସଲ ନିମନ୍ତେ ବହୁମୁଖୀ ପଦ୍ଧତିଗୁଡ଼ିକ ସହ ନୂତନ ପାଠ୍ୟକ୍ରମ ତିଆରି କରାଯିବ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ସଂଗଠନ (.ଓ.ଜି.ଏନ୍), ସରକାରୀ ବିଦ୍ୟାଳୟ/ ମହାବିଦ୍ୟାଳୟ/ ଶୈକ୍ଷିକ ଅନୁଷ୍ଠାନଯୁବ ଓ ମହିଳା ସଂଗଠନକୁ ଅନ୍ତର୍ଭୁକ୍ତ କରାଯାଇ ପ୍ରଚଳିତ ପଦ୍ଧତିର ନବୀକରଣ , କରାଯିବ ।

୨. ସାର୍ବଜନୀନ ସାକ୍ଷରତା ଲକ୍ଷ୍ୟ ହାସଲ ପାଇଁ ଉପରସ୍ତରରେ ଜାତୀୟ ସାକ୍ଷରତା ମିଶନ କର୍ତ୍ତୃପକ୍ଷରାଜ୍ୟ , ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଜନ ଶିକ୍ଷା ସମିତି ଏପରିକି ସମ୍ବଳ ,ଜିଲ୍ଲା ,ସ୍ତରରେ ରାଜ୍ୟ ସାକ୍ଷରତା ମିଶନ କର୍ତ୍ତୃପକ୍ଷ

ସହାୟକ ଗୋଷ୍ଠୀଗୁଡ଼ିକର ପୁନଃନବୀକରଣ ଓ ଶକ୍ତିଶାଳୀ ହେବାର ଆବଶ୍ୟକ ଅଛି । ଏହି ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ କର୍ତ୍ତୃପକ୍ଷ ଜିଲାସ୍ତରୀୟ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବ ।-

**୩ .** A.Eକରିବା ପାଇଁ ସରକାର ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କାର୍ଯ୍ୟକ୍ରମଗୁଡ଼ିକୁ ପୁନଃନବୀକରଣ ଓ ବଳଶାଳୀ . ,ପ୍ରମାଣପତ୍ର ପାଇଁ ପ୍ରାରମ୍ଭିକ ଶିକ୍ଷାରେ ସମାନତା ,ଦକ୍ଷତା ବୃଦ୍ଧି ,କମିଟି ଗଠନ କରିବେ । ଯେଉଁଥିରେ ସାକ୍ଷରତା ଔପଚାରିକ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ ସୁଗମ ହୋଇପାରିବ । ପ୍ରୌଢ଼ ଶିକ୍ଷା ଅଧିଗମର ମୂଲ୍ୟାଙ୍କନ ପାଇଁ ବିଜ୍ଞାନସମ୍ମତ ମାନଦଣ୍ଡର ବିକାଶ କରାଯିବ । NLMA ପ୍ରୌଢ଼ ଶିକ୍ଷାରେ ନିୟୋଜିତ ବ୍ୟକ୍ତିଙ୍କର ପ୍ରାରମ୍ଭିକ ଶିକ୍ଷଣ ଏବଂ ବୃତ୍ତିଗତ ବା ବ୍ୟବସାୟିକ ଉନ୍ନତି ପାଇଁ ବିଭିନ୍ନ ସରକାରୀ ସ୍ୱୀକୃତିପ୍ରାପ୍ତ ଏଜେନ୍ସି ସହିତ ଭାଗୀଦାର ହେବ ।

**୪.** ପ୍ରୌଢ଼ ସାକ୍ଷରତା କାର୍ଯ୍ୟକ୍ରମରେ ଦକ୍ଷତା ବୃଦ୍ଧି କରାଯିବ ।ଆର୍ଥିକ ଓ ବିଧିଗତ ସାକ୍ଷରତାକୁ ଅନ୍ତର୍ଭୁକ୍ତ ,ଡିଜିଟାଲ୍ ,

## ୪୮. ଶିକ୍ଷା ଓ ନିୟୋଜନୀୟତାରେ ଦକ୍ଷତା

ଯେତେବେଳେ ବିକଶିତ ପୃଥିବୀରେ ଉଚ୍ଚ ନିର୍ଭରଶୀଳ ଯୁବ ଜନସଂଖ୍ୟାର ହାର ହ୍ରାସ ପାଇବାରେ ଲାଗିଛି; ସେତେବେଳେ ପୃଥିବୀର ଯୁବରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅନ୍ୟତମ ଦେଶ ଭାରତର ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ ହେଉଛନ୍ତି ୨୫ ବର୍ଷରୁ କମ୍ ବୟସ୍କ ଯୁବକ । ଏକ ହିସାବରୁ ଜଣାଯାଏ ଯେହଜାର ନୂତନ ଯୁବ ୬୨ ଲକ୍ଷ ୧୦୪ ମସିହା ସୁଦ୍ଧା ୨୦୨୨ , ,ଆଗନ୍ତୁକ ଦକ୍ଷତା ହାସଲ କରିବାର ଆବଶ୍ୟକତା ରହିଛି । ତେବେବୈଷୟିକ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ସହାୟତା କରିବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ।

ଯଥାସଂଭବଧନ୍ଦାମୂଳକ କ୍ଷେତ୍ରରେ ଦକ୍ଷତାର ଉନ୍ନତି , ଓ ସଂଯୋଗରେ ସାମୟିକ ସମାନତା ଆଣିବା ସହିତ ଛାତ୍ରଛାତ୍ରୀଙ୍କ ସମାନ୍ତରାଳ ଓ ଆନୁଭୂମିକ ମାର୍ଗ ପ୍ରସ୍ତୁତିର ପ୍ରୟାସ କରାଯାଇଛି । ନିୟୋଜନକୁ ତ୍ୱରାନ୍ୱିତ କରିବାରେ ଶିକ୍ଷା ଓ ଦକ୍ଷତାର ଏକତ୍ରକରଣ ଏବଂ ବ୍ୟକ୍ତିଗତ ଓ ଆର୍ଥିକ ବିକାଶ ପାଇଁ ଦକ୍ଷତାକୁ ଯୋଡ଼ିବାର ଆବଶ୍ୟକ ଅଛି । ଉଚ୍ଚଗୁଣ ସଂପନ୍ନ ଧନ୍ଦାମୂଳକ ତାଲିମ୍ କ୍ଷେତ୍ରରେ ସାମାଜିକ ସ୍ୱୀକୃତି ଓ ମହତ୍ତ୍ୱର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ବିଶେଷ ଦୃଷ୍ଟି ଦେବାର ଆବଶ୍ୟକ ରହିଛି ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧ .**ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ କେବଳ ଛାତ୍ରଛାତ୍ରୀମାନଙ୍କ ଲାଭଦାୟକ ରୋଜଗାର ପାଇଁ ନୁହେଁ ବରଂ ତାହା ସେମାନଙ୍କର ବୃତ୍ତିଗତ ଦକ୍ଷତା ବିକାଶରେ ସହାୟକ ହୋଇପାରିବ ।

**୨.** ପରିକଳ୍ପିତ ଜାତୀୟ ଦକ୍ଷତା ଅଭିବୃଦ୍ଧି ଓ ଉଦଯୋଗ ନୀତି ୨୦୧୫ ଅନୁସାରେପ୍ରତିଶତ ୨୫ ଶତକଡ଼ା , ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଦକ୍ଷତା ଅଭିବୃଦ୍ଧି କାର୍ଯ୍ୟକ୍ରମଗୁଡ଼ିକ ଏକୀଭୂତ ହେବ ।

**୩**ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ସୃଷ୍ଟି ଓ ବିକାଶ ପାଇଁ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ନିଯୁକ୍ତି ଉପରେ . ଏକ ସବିଶେଷ ଯୋଜନା ପ୍ରସ୍ତୁତ କରାଯିବ ଏବଂ ଜିଲ୍ଲାଗୁଡ଼ିକ ଉପରେ ବିଶେଷ ଦୃଷ୍ଟି ଦିଆଯିବ ।

**୪.** ବହୁଭାବରେ ସାମାଜିକ ଅନୁମୋଦନ ଏବଂ ସମାନ୍ତରାଳ ଓ ଆନୁଭୂମିକ ଗତିଶୀଳତାକୁ ସହଜ କରିବା ପାଇଁ ମାଧ୍ୟମିକ ଉଚ୍ଚ ଏବଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନର ଦକ୍ଷତାଭିତ୍ତିକ ଯୋଜନାଗୁଡ଼ିକୁ ,NSQF ଦ୍ୱାରା ଶିକ୍ଷାର ମୁଖ୍ୟ ସ୍ରୋତ ସହିତ ସାମିଲ୍ କରାଯିବ ।

**୫.** ଏ ପର୍ଯ୍ୟନ୍ତ ମୂଲ୍ୟାଙ୍କନ ଓ ମାନ୍ୟତା ପାଇଁ ପ୍ରାରମ୍ଭିକ ଶିକ୍ଷଣ ବ୍ୟବସ୍ଥାର କୌଣସି ବିକାଶ ହୋଇନାହିଁ । ଏହି ବ୍ୟବଧାନକୁ ଅତିକ୍ରମ କରିବାକୁ ସରକାର ଏକ ବର୍ଷ ମଧ୍ୟରେ ବ୍ୟବସ୍ଥାର ଉନ୍ନତି ପାଇଁ ଚେଷ୍ଟା କରିବେ । ଯେଉଁମାନେ କିଛି ଔପଚାରିକ ଶିକ୍ଷା ଓ ତାଲିମ୍ ପ୍ରାପ୍ତ ହୋଇନାହାନ୍ତି କିନ୍ତୁ ଦକ୍ଷତା ବା କୌଶଳ ହାସଲ କରିଛନ୍ତି; ସେମାନଙ୍କ ପାଇଁ ଏକ ପ୍ରକ୍ରିୟା ବିକାଶ କରିବାର ପ୍ରୟାସ କରାଯିବ ।

**୬.** କ୍ଷେତ୍ର ଦକ୍ଷତା ପରିଷଦ ଓ ବିଦ୍ୟାଳୟ/ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଯୁଗ୍ମ ପ୍ରମାଣପତ୍ର ଛାତ୍ରଛାତ୍ରୀମାନଙ୍କୁ ରୋଜଗାରକ୍ଷମ ବା ନିଜ ବ୍ୟବସାୟ ଆରମ୍ଭ କରିବାରେ ସହାୟକ ହେବ ।

## ୪୯. **ଶିକ୍ଷାରେ ICTର ବ୍ୟବହାର**

୧୯୮୬/୯୨ର ପୂର୍ବ ଶିକ୍ଷା ନୀତିଠାରୁ ସୂଚନା ଓ ସଂଚାରପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ବିକାଶ ହୋଇଛି ,; ଯାହା ଶିକ୍ଷା କ୍ଷେତ୍ରରେ ନୂଆ ଦିଗଦର୍ଶନ ଦେଇଛି । କେବଳ କ୍ଷେତ୍ର ପରିଚାଳନା ପାଇଁ ନୁହେଁ ସିଧାସଳଖ ଭାବେ ଶିକ୍ଷଣ ଓ ଶିକ୍ଷାଦାନର ଗୁଣବତ୍ତାକୁ ତ୍ୱରାନ୍ୱୀତ କରିବାଶିକ୍ଷା ସୁବିଧାକୁ ବିସ୍ତାରିତ କରିବା ଏବଂ ଶିକ୍ଷାଗତ ନୀତି ଓ ପରିଚାଳନାର ଉନ୍ନତି , ସାଧନ କରିବା ଆଦି ବିଭିନ୍ନ କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପାଇଁ ନୂତନ ସଂଭାବନା ଦେଖାଦେଇଛି । ଆଇଉଚ୍ଚଶିକ୍ଷାରେ ଶିକ୍ଷଣ ,ଦକ୍ଷତା ଶିକ୍ଷା ,ପ୍ରୌଢ଼ ସାକ୍ଷରତା କାର୍ଯ୍ୟକ୍ରମ ,ଶିକ୍ଷକଙ୍କ ପ୍ରଶିକ୍ଷଣ ,ଟି ମଧ୍ୟ ପ୍ରତିକାରମୂଳକ ଶିକ୍ଷା.ସି. ଉପକରଣ ଏପରିକି ଶାସନ ଓ ପରିଚାଳନା ଉପକରଣକୁ ସୁଗଠିତ କରିପାରିବ । କେତେକ ରାଜ୍ୟରେ ବିଦ୍ୟାଳୟ ଓ ଛାତ୍ରଛାତ୍ରୀମାନଙ୍କ ପ୍ରଦର୍ଶନ ଏପରିକି ବିଦ୍ୟାଳୟ ପରିଚାଳନାରେ ଆଇନ ବ୍ୟବହୃତ ହେଉଛି ଟି ଆଧାରିତ ଆପିଲକେସନ୍‌ମା. ନୀରୀକ୍ଷା ଚାଲିଛି । ଏଥିପାଇଁ ସୁସଂଯୋଜିତ ରଣକୌଶଳର -ନୂଆ ଉଦ୍ୟୋଗ ଓ ପରୀକ୍ଷା ,ଏ କ୍ଷେତ୍ରରେ ଏକାଧିକ ଉଦ୍ୟମ। ଆବଶ୍ୟକ ରହିଛି; ଯାହା ଆଇ ର ବ୍ୟବହାରରେ ଭାରତରେ ଶିକ୍ଷାର ଅଗ୍ରଗତି ହୋଇପାରିବ ।.ଟି.ସି.

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

୧. ଉପଯୁକ୍ତ ପ୍ରୟାସରେ ବିଭିନ୍ନ ସ୍ତର ଓ ଭୌଗୋଳିକ କ୍ଷେତ୍ରଗୁଡ଼ିକରେ ICTକୁ ଶିକ୍ଷାର ଅବିଭାଜ୍ୟ ଅଂଶ ଭାବରେ ବିବେଚନା କରାଯାଇପାରିବ ।

୨. ଆଇଉପକରଣ ବ୍ୟବହାରରେ .ଟି.ସି. ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱୀତ କରିବାରେ ଏହା ଶିକ୍ଷକ ତାଲିମ୍ର ପାଠ୍ୟକ୍ରମର ଏକ ପ୍ରମୁଖ ଅଂଶ ହୋଇପାରିବ ।

୩ଇନରେ ତଦାରଖ କରିବା ବିଦ୍ୟାଳୟରେ ପିଲାର ଯୋଗଦାନଠାରୁ ପରିତ୍ୟାଗ ଯାଏ ସମସ୍ତ କାଗଜପତ୍ର ଅନ୍ଲା . ବାଧ୍ୟତାମୂଳକ ହେବ ।

୪. ଆଇଶିକ୍ଷକ ଓ ,ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ନଜର ରଖିବା ସ୍ତରୀୟ ଆପିଲକେସନଗୁଡ଼ିକ ମାଧ୍ୟମରେ ଶିକ୍ଷକ .ଟି. ବିଦ୍ୟାଳୟ କର୍ମକର୍ତ୍ତାଙ୍କ ଦକ୍ଷତା ମୂଲ୍ୟାଙ୍କନକିତାବର ଆଦି -ଛାତ୍ରଛାତ୍ରୀଙ୍କ ଦକ୍ଷତା ଏପରିକି ରେକର୍ଡ଼ ଓ ହିସାବ , ପ୍ରଶାସନୀୟ କାର୍ଯ୍ୟଗୁଡ଼ିକ ତଦାରଖ୍ କରାଯିବ ।

୫. ବିଦ୍ୟାଳୟ ପରିଚାଳନା ପାଇଁ ଆଇଓ ରାଜ୍ୟ କେନ୍ଦ୍ର ,ଆପିଲକେସନଗୁଡ଼ିକର ଅନନ୍ୟ ବ୍ୟବହାର .ଟି. ଟ.ସରକାରଗୁଡ଼ିକଦ୍ୱାରା ପ୍ରାଥମିକତା ଭିତ୍ତିରେ ପ୍ରାଧାନ୍ୟ ଦିଆଯିବ । ଆଇିରିପୋଟିଂ ବ୍ୟବସ୍ଥା ଉନ୍ନତ ବିଦ୍ୟାଳୟ . ପରିଚାଳନା ଓ ପ୍ରଦର୍ଶନର ଏକ ଶକ୍ତିଶାଳୀ ଉପକରଣ ହେବ ।

୬ .ICTକୁ ଭିନ୍ନଭାବରେ ଦେଖାଯାଇ ପାରିବ ନାହିଁ; କିନ୍ତୁ ତାହାର ଭିନ୍ନ ଭିତ୍ତିଭୂମି ଯଥା ନିର୍ଦ୍ଦିଷ୍ଟ ଗୃହର ଉପଲବ୍ଧତା , ଭିତ୍ତିଭ ,ବିଦ୍ୟାଳୟ ପରିସରର ସୁରକ୍ଷା ,ଯୋଗାଯୋଗ ,ର୍କନେଟ୍ୱ , ଇଲେକ୍ଟ୍ରିସିଟିଉପଯୁକ୍ତୂମିର ତଦାରଖ୍ ଆଦି ସହିତ ଦେଖାଯାଇପାରିବ । କାର୍ଯ୍ୟକ୍ରମଗୁଡ଼ିକରେ ଏହି ଅଂଶଗୁଡ଼ିକ ସାହାଯ୍ୟରେ ଶୈକ୍ଷିକ ସୁଯୋଗ ଓ ସୁବିଧାଗୁଡ଼ିକର ଉନ୍ନତିରେ ଧ୍ୟାନ ଦିଆଯିବ । ଯେହେତୁ ଉପଯୁକ୍ତ ଇଲେକ୍ଟ୍ରିସିଟି ଏକ ସମସ୍ୟା ହୋଇପାରେ ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ICTର ବହୁଳ ବ୍ୟବହାର ପାଇଁ ସୌରଶକ୍ତିକୁ କାର୍ଯ୍ୟକ୍ରମର ,ଅଭିନ୍ନ ଅଙ୍ଗଭାବରେ ଗ୍ରହଣ କରାଯିବ ।

୭ .ICTର ଅନ୍ୟତମ ଆପ୍ଲିକେସନ୍ MOOC ଦ୍ୱାରା ମାଧ୍ୟମିକ ଓ ଉଚ୍ଚଶିକ୍ଷା ସ୍ତରରେ ଆଇକ୍ଷମ ଶିକ୍ଷାର .ଟି.ସି. ଏପରିକି ,ସଂପ୍ରସାରଣ କମ୍ ମୂଲ୍ୟରେ ଗୁଣବତ୍ତା ଶିକ୍ଷା ପହଞ୍ଚାଇବାକୁ ତ୍ୱରାନ୍ୱିତ କରଯାଇପାରେ ।

୮. ପୂର୍ବ ବିକଶିତ ଆଦର୍ଶ ବା ଛାଞ୍ଚକୁ ସ୍ୱଳ୍ପକାଳ ପାଇଁ ଗ୍ରହଣ କରାଯାଇପାରେ । ନିର୍ଦ୍ଦିଷ୍ଟ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିବାରେ ପୂର୍ବ ବିକଶିତ ଆଦର୍ଶ ବା ଛାଞ୍ଚ ବ୍ୟତୀତ ଅନ୍ୟ ଆପିଲକେସନ/ଛାଞ୍ଚଗୁଡ଼ିକର ବିକାଶ କରାଯିବ ।

ସ୍ଥାନୀୟ ଆବଶ୍ୟକଗୁଡ଼ିକୁ ଦୃଷ୍ଟିରେ ରଖି ଶିକ୍ଷକ ଓ ଛାତ୍ରଦ୍ୱାରା ଉପଲବ୍ଧ ମୁକ୍ତ ସଫ୍ଟୱେର୍ ମାଧ୍ୟମରେ ବିଭିନ୍ନ ପ୍ରକାରର ସଫ୍ଟୱେର୍/ମୋବାଇଲ୍ ଆପ୍ ବିକାଶକୁ ପ୍ରୋତ୍ସାହନ ଓ ସହାୟତା କରାଯିବ ।

### ୪୧୦. **ଶିକ୍ଷକ ବିକାଶ ଓ ପରିଚାଳନା**

ଗୁରୁତ୍ୱପୂର୍ଣ୍ଣ ଗୁଣବତ୍ତାରେ ସୁଧାର ଆଣିବାରେ ଶିକ୍ଷକମାନଙ୍କର ଦକ୍ଷତା ଓ ଦାୟିତ୍ୱଧୀନତା । ସେଥିପାଇଁ ବିଭିନ୍ନସ୍ତରର ବିଦ୍ୟାଳୟ ଶିକ୍ଷାରେ ଶିକ୍ଷକମାନଙ୍କ ଅଭାବ ପୂରଣ ନିମନ୍ତେ କେତେକ ପ୍ରସ୍ତାବ ଗ୍ରହଣ କରାଯାଇଛି । ତେବେ ଏ କ୍ଷେତ୍ରରେ କେତେକ ମୁଖ୍ୟ ପ୍ରତିବନ୍ଧକ ହେଉଛି ମାଧ୍ୟମିକ ବିଦ୍ୟାଳୟରେ ଗଣିତପ୍ରାଥମିକ ପ୍ରସ୍ତୁତି ପାଇଁ ,ବିଜ୍ଞାନ ଓ ଭାଷା ଶିକ୍ଷକଙ୍କ ଅଭାବ , ଧାରାବାହିକଭାବରେ ଚାକିରିରେ ଥିବା ବୃତ୍ତିଗତ ଶିକ ,କାର୍ଯ୍ୟକ୍ରମଗୁଡ଼ିକର ଉନ୍ନତି ବିଧାନ ଗୁଣବତ୍ତା୍‌କ୍ଷକଙ୍କ ବିକାଶ , ଶିକ୍ଷକମାନଙ୍କୁ ପ୍ରବର୍ତ୍ତାଇବାରେ ଉନ୍ନତିକରଣ ଓ ଶିକ୍ଷଣ ଫଳାଫଳରେ ସେମାନଙ୍କର ,ଶିକ୍ଷାଦାନକୁ ବୃତ୍ତିଭାବେ ତ୍ୱରାନ୍ୱିତ କରିବା ଶିକ୍ଷକ ପ୍ରଶିକ୍ଷକମାନଙ୍କ ଗୁଣବତ୍ତାରେ ଉନ୍ନତିକରଣ କରିବା ଦାୟିତ୍ୱଧୀନତା ସୁନିଶ୍ଚିତ କରିବା ଏବଂ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଓ ।

କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ କିଛି ପ୍ରଚେଷ୍ଟା ସତ୍ତ୍ୱେ ଏ କ୍ଷେତ୍ରରେ କେତେକ ମୌଳିକ ପ୍ରଶ୍ନ ରହିଛି । ଯଥାଉଭୟ - ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରେ ,ଅପ୍ରଶିକ୍ଷିତ ଶିକ୍ଷକମାନଙ୍କ ସମସ୍ୟା ,ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ବହୁ ସଂଖ୍ୟକ ପଦବୀ ଶି ,କକ୍ଷ ଅଭ୍ୟାସ ଓ ପ୍ରଶିକ୍ଷଣରେ ଅମେଳ-ପ୍ରକୃତ ଶ୍ରେଣୀ ,ପେଷାଗତ ବୈଶିଷ୍ଟ୍ୟର ଅଭାବକ୍ଷକଙ୍କ ଅନୁପସ୍ଥିତି ଓ ଦାୟିତ୍ୱଧୀନତା ଏପରିକି ଶିକ୍ଷକମାନେ ଅଣ ଶିକ୍ଷା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଆଦି ଆଲୋଚନାର ଅପେକ୍ଷା ରଖେ ।- ଅଧିକ ସଂଖ୍ୟକ ସରକାରୀ ବିଦ୍ୟାଳୟରେ ମଧ୍ୟ ନିୟମିତ ପ୍ରଧାନଶିକ୍ଷକ / ଅଧ୍ୟକ୍ଷ ନାହାନ୍ତି । ଶିକ୍ଷକମାନଙ୍କ ମଧ୍ୟରେ ଫଳପ୍ରଦ ନେତୃତ୍ୱର ଅଭାବ ବିଶୃଙ୍ଖଳା ସୃଷ୍ଟି କରିବା ସହିତ ଶିକ୍ଷାର ମାନ ହ୍ରାସ କରେ । ଶିକ୍ଷାର ମାନବୃଦ୍ଧି କରିବାର ଲକ୍ଷ୍ୟ ମନ ଭିତରେ ରଖି ପରିବର୍ତ୍ତିତ ସରକାରୀ ନୀତି ନିର୍ଦ୍ଧାରଣ କରିବାକୁ ହେବ ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧.** ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଶିକ୍ଷକମାନଙ୍କ ନିଯୁକ୍ତି ନିମନ୍ତେ ଏକ ସ୍ୱଚ୍ଛଉତ୍କର୍ଷ ନୀତି ,- ନିୟମ ପ୍ରଣୟନ କରାଯିବ । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱଚ୍ଛଅଧ୍ୟକ୍ଷ ଓ ଅନ୍ୟାନ୍ୟ ଶିକ୍ଷା ବିଭାଗୀୟ କର୍ମଚାରୀ ,ଦକ୍ଷତାଭିତ୍ତିକ ଶିକ୍ଷକ , ଗଠନ କରାଯିବ । ନିଯୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱାଧୀନ ଭାବରେ ଶିକ୍ଷକ ନିଯୁକ୍ତି ଆୟୋଗ

**୨.** ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକରେ ଖାଲିଥିବା ସମସ୍ତ ପ୍ରଧାନଶିକ୍ଷକଅଧ୍ୟକ୍ଷ ପଦବୀ ପୂରଣ କରାଯିବ , । ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷଙ୍କ ପାଇଁ ନେତୃତ୍ୱ ନେବାର ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ ।

**୩.** ଶିକ୍ଷକମାନଙ୍କର ନିରପେକ୍ଷ ନିୟୋଜନର ଉନ୍ନତିପରିବର୍ତ୍ତନକୁ ସର୍ବସାଧାରଣଙ୍କ ଖାଲି ପଦବୀ ପୂରଣ ଓ ସ୍ଥାନ , ଅବଗତି ନିମନ୍ତେ ସ୍ୱଚ୍ଛ ନୀତି ନିୟମର ବିକାଶ କରାଯିବ । ଦୂରବର୍ତ୍ତୀ ଓ ଗମନାଗମନରେ କଷ୍ଟସାଧ ଅଞ୍ଚଳ ପାଇଁ ସ୍ଥାନୀୟ ଶିକ୍ଷକ ନିଯୁକ୍ତିପାଇଁ ପ୍ରୟାସ କରାଯିବ ।

**୪.** ରାଜ୍ୟ ସରକାରଙ୍କ ଦ୍ୱାରା ବିଷୟ-ଭିତ୍ତିକ ଓ ରାଜ୍ୟସ୍ତରୀୟମୂଲ୍ୟାଙ୍କନର ଆବଶ୍ୟକତା ଏବଂ ଅଣତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେତାଲିମ ସମାପ୍ତ କରିବା ପାଇଁ ଜନଶକ୍ତିର ଆୟୋଜନ କରାଯିବ । ସ୍ୱୀକୃତ ପଦବୀରେ ଯୋଗ୍ୟ ଲୋକଙ୍କୁ ଲଗାଯାଇ ସାମୟିକ ଶିକ୍ଷକଙ୍କୁ ଧୀରେ ଧୀରେ ପଦରୁ ହଟାଇ ଦିଆଯିବ ।

**୫**ଖାଲିଥିବା ଶିକ୍ଷକ ପଦବୀ ଓ ଶିକ୍ଷକମାନଙ୍କର ,ଶିକ୍ଷକମାନଙ୍କର ଅନୁପସ୍ଥିତ ସଂପର୍କିତ ମୌଳିକ ପ୍ରଶ୍ନ . ଦ୍ୱବଦ୍ଧତାର ଅଭାବଗୁଡ଼ିକୁଦୃଢ଼ ରାଜନୈତିକ ସହମତି ଓ ଇଚ୍ଛାଦାୟି-ଶକ୍ତି ଦ୍ୱାରା ସମାଧାନ କରାଯିବ । ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପ୍ରଧାନଶିକ୍ଷକ/ ଅଧକ୍ଷଙ୍କ ମାମଲାରେବିଦ୍ୟାଳୟ ପରିଚାଳନା କମିଟିଗୁଡ଼ିକ)SMCs) ଉପରେ ଶୃଙ୍ଖଳାଗତ କ୍ଷମତା ରହିବ; କାରଣମୋବାଇଲ୍ ଫୋନ୍ ଓ ବାୟୋମେଟ୍ରିକ୍ ଉପକରଣ ମାଧ୍ୟମରେ ଉପସ୍ଥାନକୁ ରେକଡ କରି ପ୍ରଯୁକ୍ତିର ସହାୟତାରେ ସେମାନଙ୍କ ଅନୁପସ୍ଥିତି ଓ ଅନୁଶାସନହୀନତାକୁ ସମାଧାନ କରାଯାଇପାରିବ ।

**୬.** ଶିକ୍ଷକମାନଙ୍କ ପ୍ରାଥମିକ ପ୍ରସ୍ତୁତି ଓ ଧାରାବାହିକ ବୃତ୍ତିଗତ ବିକାଶ ପାଇଁ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମ ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ । ଶିକ୍ଷକମାନଙ୍କ କ୍ଷେତ୍ରରେ ପରିଦୃଷ୍ଟ ସୀମାବଦ୍ଧତାର ସମାଧାନ ପାଇଁ ସମୟସୀମା , ଏବଂ ତାଲିମରେ ପରିବର୍ତ୍ତନ ପାଇଁ ଡିପ୍ଲୋମା ଓ ସ୍ନାତକ ଶିକ୍ଷକ ଶିକ୍ଷା ,ସଂରଚନା ପାଠ୍ୟସୂଚି ,ପଦ୍ଧତି କାର୍ଯ୍ୟକ୍ରମମାନ ସହିତ ଶିକ୍ଷକ ତାଲିମ ଅନୁଷ୍ଠାନଗୁଡ଼ିକରସମୀକ୍ଷାକରାଯିବ ।

**୭.** ରାଷ୍ଟ୍ରୀୟସ୍ତରରେ ଶିକ୍ଷକ ଶିକ୍ଷା ଓ ଶିକ୍ଷକସମୂହଙ୍କ ବିକାଶକୁ ଦୃଷ୍ଟିରେ ରଖି ଏକ ଶିକ୍ଷକ ଶିକ୍ଷା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ । NCERT ଅଧୀନରେ ଥିବା ଆଞ୍ଚଳିକ ଶିକ୍ଷା ଅନୁଷ୍ଠାନଗୁଡ଼ିକର ବିକାଶ କରାଯିବ ଏବଂ ସେଗୁଡ଼ିକୁ ଆଞ୍ଚଳିକସ୍ତରରେ ଶିକ୍ଷକ ଶିକ୍ଷା ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରାଯିବ ।

**୮.** ସମସ୍ତ ଶିକ୍ଷକ ତାଲିମ ଅନୁଷ୍ଠାନ ଯଥା ଡିଆଦି ମହାବିଦ୍ୟାଳୟଗୁଡ଼ିକ ପାଇଁ ସରକାରୀ .ଇଡି.ବି ,ଟି.ଇ.ଆଇ. ସ୍ୱୀକୃତିପ୍ରାପ୍ତକୁ ବାଧତାମୂଳକ କରାଯିବ । ବ୍ଲକ୍ ସଂସାଧନ କେନ୍ଦ୍ରଗୁଡ଼ିକ ପାଇଁ ମାନବିନ୍ଦୁ ନିର୍ଦ୍ଧାରଣ କରାଯିବ ।

**୯.** ଶିକ୍ଷକ ବିକାଶ କାର୍ଯ୍ୟକ୍ରମଗୁଡ଼ିକର ଅଂଶ ବିଶେଷ ଭାବେଶିକ୍ଷକଙ୍କ ମୁଖ୍ୟତଃ ଜୀବନ କୌଶଳ ,ନୈତିକ ଶିକ୍ଷା , ଶାରିରୀକ ଶିକ୍ଷା ତଥା କଳା ଓ ଶିଳ୍ପ ପରି ସହ-ଶିକ୍ଷା ସଂବନ୍ଧୀୟ ଗତିବିଧିଗୁଡ଼ିକର ଗୁଣାବଳି ସହିତ ପରିଚୟ କରାଇବା ଯାହା ବିଦ୍ୟାଳୟଗୁଡ଼ିକରେ ଶିକ୍ଷଣ ଓ ଜ୍ଞାନାର୍ଜନକୁ ପ୍ରଭାବଶାଳୀ କରିପାରିବ ।

୧୦କ୍ଷକମାନଙ୍କୁ ଜାତୀୟସ୍ତରରେ ପୁରସ୍କାର ଦିଆଯିବା ସହିତ ରାଜ୍ୟ ଓ ଜିଲାସ୍ତରରେଶି . ମଧ୍ଯ ପୁରସ୍କାର ଦେବା ଆରମ୍ଭ କରାଯିବ; ଯାହା ସ୍ଥିରୀକୃତ ମାନଦଣ୍ଡ ଆଧାରିତ ହେବ । SMCଗୁଡ଼ିକ ଶିକ୍ଷକମାନଙ୍କ ନାମଗୁଡ଼ିକୁ ପୁରସ୍କାର ପାଇଁ ସୁପାରିଶ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

**୧୧.** ଉଚ୍ଚମାନର ଶିକ୍ଷା ପ୍ରଦାନ କରିବା ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣର ଫଳାଫଳରେ ଉନ୍ନତି ଆଣିବାରେ ଶିକ୍ଷକମାନଙ୍କ କ୍ଷମତାପ୍ରେରଣା ଓ ଦାୟିତ୍ୱବଦ୍ଧତାକୁ ବୃଦ୍ଧି କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଥମିକତା ଦିଆଯିବ । ,

**୧୨.** ପ୍ରତି ତିନିବର୍ଷରେ ଥରେ ପ୍ରତ୍ୟେକ କାର୍ଯ୍ୟରତ ଶିକ୍ଷକମାନେ ତାଲିମ୍/ବ୍ୟବସାୟିକ ବିକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ବାଧ୍ୟତାମୂଳକ ହେବ । କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପ୍ରତି ତିନି ବର୍ଷ ସମୟ ସୀମା ମଧ୍ୟରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ତାଲିମ୍ ଦେବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବେ ।

**୧୩.** ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ସମୟସୀମା ମୂଲ୍ୟାଙ୍କନକୁ ବାଧ୍ୟତାମୂଳକ କରାଯିବ ଏବଂ ଆବଶ୍ୟକସ୍ଥଳେ ଏହାକୁ ସେମାନଙ୍କର ଭବିଷ୍ୟତର ପଦୋନ୍ନତି ଓ ବେତନ ବୃଦ୍ଧି ସହ ସଂପୃକ୍ତ କରାଯିବ । ସେମାନେ ପ୍ରତି ପାଞ୍ଚ ବର୍ଷରେ ଥରେ ମୂଲ୍ୟାଙ୍କନ ପରୀକ୍ଷା ଦେଇ ସେଥିରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ; ଯାହାଦ୍ୱାରା ସେମାନଙ୍କ ଶିକ୍ଷାଦକ୍ଷତା ସଂପର୍କୀୟ ଓ ବିଷୟ ଜ୍ଞାନକୁ ମୂଲ୍ୟାଙ୍କନ କରାଯାଇପାରିବ ।

**୧୪.** ପ୍ରତ୍ୟେକ ରାଜ୍ୟରେ ଶିକ୍ଷକମାନଙ୍କ ତାଲିମ ପାଇଁ ଭିନ୍ନ କ୍ୟାଡର ଖୋଲାଯିବ । SCERTs, DIETs ଓ ଅନ୍ୟାନ୍ୟ ଶିକ୍ଷକ ତାଲିମ୍ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ ତଥା ଦକ୍ଷ ହେବା ପାଇଁ ବହୁ ସଂଖ୍ୟାରେ ଖାଲିଥିବା ପଦବୀ ପୂରଣ କରି ସେମାନଙ୍କର ଶକ୍ତି ଓ ଦକ୍ଷତା ବୃଦ୍ଧି କରାଯିବ ।

୪୧୧. **ଶିକ୍ଷାରେ ଭାଷା ଓ ସଂସ୍କୃତି**

ଶିକ୍ଷାରେ ଭାଷାଗୁଡ଼ିକର ମହତ୍ତ୍ୱକୁ ଏକ ବହୁଭାଷୀ ସମାଜ ଜାଣେ । ରାଜ୍ୟ ସରକାରମାନଙ୍କ ପରାମର୍ଶକ୍ରମେ ଭାରତ ସରକାରଙ୍କଦ୍ୱାରା ଏକ ତ୍ରିଭାଷୀ ସୂତ୍ର )TLF) ପ୍ରସ୍ତୁତ କରାଯାଇଥିଲା ଓ ତାହାକୁ ୧୯୬୮ ରାଷ୍ଟ୍ରୀୟ ଶିକ୍ଷା ନୀତିର ଆନୁଷ୍ଠାନିକ ପ୍ରସ୍ତାବ ଅନ୍ତର୍ଭୁକ୍ତ କରାଯାଇଥିଲା । ଅଧିକାଂଶ ରାଜ୍ୟରେ ଏହାର କାର୍ଯ୍ୟକାରିତାରେ ଭିନ୍ନତା ସତ୍ତ୍ୱେ ୧୯୮୬/୧୯୯୨ ଏହି ସୂତ୍ର ଚାଲୁ ରହିଲା । ଭାଷା ସହିତ ଉଚ୍ଚ ଆବେଗ ଜଡ଼ିତ ଥିବାରୁ କୌଣସି ବ୍ୟବସ୍ଥା ସମସ୍ତଙ୍କୁ ସନ୍ତୁଷ୍ଟ କରିପାରେ ନାହିଁ । ସମୟକ୍ରମେ ରାଜ୍ୟଗୁଡ଼ିକ ଆଞ୍ଚଳିକ ଉଚ୍ଚାକାଂକ୍ଷା ଓ ଅଭିରୁଚି ପ୍ରତି ଆଗ୍ରହୀ ହେଲେ ଆଞ୍ଚଳିକଜାତୀୟ ଏପରିକି ,ଆନ୍ତଃରାଜ୍ୟ , ବିଶ୍ୱସମାନତା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭାଷା ଦକ୍ଷତାର ବିକାଶ ହୋଇପାରିବ ।

ଛାତ୍ରଛାତ୍ରୀମାନେ ନିଜର ମାତୃଭାଷା ମାଧ୍ୟମରେ ଶିକ୍ଷାକୁ ବହୁତ ଭଲଭାବରେ ଆୟତ୍ତ କରନ୍ତି । ଅନ୍ୟ ପକ୍ଷରେ ଇଂରାଜୀ ବରେ ବୃଦ୍ଧି ପାଉଛି ।ଭାଷା ଶିଖିବା ଓ ଇଂରାଜୀ ମାଧ୍ୟମ ପଢ଼ାର ଆଗ୍ରହ ବହୁଭା

ଶିକ୍ଷାର ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀଙ୍କ ମନରେ ଭାରତର ସମୃଦ୍ଧ ଐତିହ୍ୟମହାନ ପରଂପରା ,ଗୌରବମୟ ଅତୀତ , ଓ ବିଭିନ୍ନ ସଂସ୍କୃତିର ସମନ୍ୱୟ ପ୍ରତି ଗଭୀର ସଚେତନତା ସୃଷ୍ଟି କରିବା । ଶିକ୍ଷା ସବୁ ସ୍ତରରେ ଶିକ୍ଷାର୍ଥୀମାନଙ୍କୁ ସେହି ମୂଲ୍ୟ ପ୍ରାପ୍ତି ଧର୍ମନିରପେକ୍ଷତ ,ସହିଷ୍ଣୁ ,ଶାନ୍ତି ,ଶିକ୍ଷାର୍ଥୀ ଦାୟିତ୍ୱବାନ ନାଗରିକ ପାଇଁ ପ୍ରୋତ୍ସାହିତ କରେ ।ସାମାଜିକ ,ରାଷ୍ଟ୍ରୀୟ ଏକତା , ସଂପ୍ରୀତି ଓ ସବୁ ଧର୍ମ ପ୍ରତି ଯଥେଷ୍ଟ ସମ୍ମାନ ଏପରିକି ସାର୍ବଜନୀନ ମୂଲ୍ୟବୋଧ ଆଦି ଗୁଣକୁ ସଂବର୍ଦ୍ଧିତ କଲେ ତାହା ବିଶ୍ୱ ନାଗରିକତା ଭାବ ଓ ସତତ ଉନ୍ନତିର ସହାୟକ ହୁଏ ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡ଼ିକ ନିଆଯିବ :

**୧.** ଯଦି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଚାହାନ୍ତି, ତେବେ ବିଦ୍ୟାଳୟଗୁଡ଼ିକରେ ପଞ୍ଚମ ଶ୍ରେଣୀଯାଏ ମାତୃଭାଷା, ସ୍ଥାନୀୟ କିମ୍ବା ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷାପ୍ରଦାନର ବ୍ୟବସ୍ଥା କରିପାରିବେ ।

**୨.** ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଛାତ୍ରଛାତ୍ରୀଙ୍କର ଗତିଶୀଳତା ଏବଂ ବିଶ୍ୱସ୍ତରୀୟ ଜ୍ଞାନ ଉପଲବ୍ଧି କ୍ଷେତ୍ରରେ ଇଂରାଜୀ ଜ୍ଞାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଅତଏବ, ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ପଢ଼ିବା ଓ ଲେଖିବାରେ ଦକ୍ଷକରିବା ଗୁରୁତ୍ୱପୂର୍ଣ୍ଣ । ଏଣୁ, ଯଦି ପ୍ରାଥମିକ ସ୍ତର ଯାଏ ମାତୃଭାଷା, ସ୍ଥାନୀୟ ତଥା ଆଞ୍ଚଳିକ ଭାଷାରେ ଶିକ୍ଷା ଦିଆଯାଉଛି ତେବେ, ଇଂରାଜୀ ଦ୍ୱିତୀୟ ଭାଷା ହେବ, ଏବଂ ତୃତୀୟ ଭାଷା ଚୟନ (ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ସ୍ତରରେ) ସମ୍ବିଧାନ ବିଧିବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟ ଆଉ ସ୍ଥାନୀୟ କର୍ତ୍ତୃପକ୍ଷ ସ୍ଥିର କରିବେ ।

**୩.** ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ, ମୁଖ୍ୟତଃ ବୈଷୟିକ ଏବଂ ବୃତ୍ତିଗତ ସଂସ୍ଥା, ସମସ୍ତ ଛାତ୍ରଛାତ୍ରୀଙ୍କୁ ଭାରତର ସମୃଦ୍ଧ ଐତିହ୍ୟ, ଭାଷିକ ଏବଂ ସାଂସ୍କୃତିକ ବିବିଧତା ଏବଂ ଜ୍ଞାନ ପରମ୍ପରା ବିଷୟରେ ଅବଗତ ହେବାପାଇଁ ସୁଯୋଗ ପ୍ରଦାନ କରିବେ ।

**୪.** ବିଦ୍ୟାଳୟ ଶିକ୍ଷାରେ ଭାରତୀୟ ସଂସ୍କୃତି, ସ୍ଥାନୀୟ ଓ ପାରମ୍ପରିକ ଜ୍ଞାନକୁ ଯଥେଷ୍ଟ ସ୍ଥାନ ଦିଆଯିବ । ସାମ୍ୟ, ସାମାଜିକ ନ୍ୟାୟବିଚାର, ଭାତୃତ୍ୱବୋଧ, ଗଣତନ୍ତ୍ର, ଦାୟିତ୍ୱବୋଧ, ଦାୟିତ୍ୱପୂର୍ଣ୍ଣ ସ୍ୱାଧୀନତା ଆଉ ଜାତୀୟ ସଂହତିର ଭାବନା ଆଦି ମୂଲ୍ୟବୋଧ ଆହରଣ ଭଳି ନୀତିଶାସ୍ତ୍ର ଶିକ୍ଷା ସମନ୍ୱିତଭାବେ ପ୍ରତ୍ୟେକ ସ୍ତରରେ ଦିଆଯିବ ।.

**୫.** ଭାରତୀୟ ଭାଷାଗୁଡ଼ିକର ବିକାଶ, ଅଭିବୃଦ୍ଧି ଓ ଦେଶର ସାଂସ୍କୃତିକ ଐକ୍ୟକୁ ଦୃଷ୍ଟିରେ ରଖି ସଂସ୍କୃତ ଉପରେ ବିଶେଷ ଗୁରୁତ୍ୱପ୍ରଦାନ କରାଯିବା ସହିତ ଅତ୍ୟନ୍ତ ଉଦାରଭାବେ ବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ସ୍ତରରେ ସଂସ୍କୃତ ଶିକ୍ଷାର ବ୍ୟବସ୍ଥା କରାଯିବ ।

**୬.** ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରମାନଙ୍କ ଭିତରେ ନାଗରିକ ଭାବନା, ଶୃଙ୍ଖଳା, ସମୟାନୁବର୍ତ୍ତିତା, ପରିଷ୍କାର ପରିଛନ୍ନତା, ଉତ୍ତମ ଚରିତ୍ର, ବୃଦ୍ଧ, ନିପୀଡ଼ିତ, ଦଳିତ ଓ ଦୁର୍ବଳଙ୍କ ପ୍ରତି ସମାନୁଭୁତି, ନାରୀଙ୍କ ପ୍ରତି ସମ୍ମାନ ଆଉ ମାନବବାଦୀ ଭାବନା ଉଦ୍ରେକକରିବା ପାଇଁ ଗୁରୁତ୍ୱ ଦେବେ ।

**୪..୧୨ ବ୍ୟାପକ ଶିକ୍ଷା ମାଧ୍ୟମରେ ଆତ୍ମବିକାଶ**

ଶିକ୍ଷା ଶିଶୁର ସମସ୍ତ ପ୍ରକାରର ବିକାଶ(ଜ୍ଞାନ ସହିତ ଶାରୀରିକ, ସାମାଜିକ, ଓ ମାନସିକ) ସହିତ ସମ୍ପର୍କିତ, ଅତଏବ, କେବଳ ଶୈକ୍ଷିକ ଉପଲବ୍ଧି ବାହାରେ ଅନ୍ୟ ସମସ୍ତ ଦିଗକୁ ମଧ୍ୟ ଆକଳନ କରିବାକୁ ହେବ । ଶିକ୍ଷଣ ଫଳାଫଳ ଏବଂ ସହ-ଶୈକ୍ଷିକ କ୍ଷେତ୍ରଗୁଡ଼ିକର ଉନ୍ନତି କରି ଶିଶୁର ସାମଗ୍ରିକ ବିକାଶ ନିମିତ୍ତ ବ୍ୟାପକଭାବେ ଗୁରୁତ୍ୱପ୍ରଦାନ କରାଯାଉଛି । ଏହା ସମସ୍ତେ ଜାଣନ୍ତି, ଜଣେ ସୁସ୍ଥ ଶିଶୁ ପ୍ରଭାବଶାଳୀଭାବେ ଶିକ୍ଷା ଗ୍ରହଣ କରିଥାଏ ଏବଂ ସ୍ୱାସ୍ଥ୍ୟବାନ ଛାତ୍ର ହିଁ ଉତ୍ତମ ଶିକ୍ଷାଗ୍ରହଣ କରିପାରିଥାଏ । ଏହା ଉଦ୍‌ବେଗର ବିଷୟ ଯେ ବହୁସଂଖ୍ୟକ ଶିଶୁ ଅପପୁଷ୍ଟି ଏବଂ ରକ୍ତହୀନତାର ଶିକାର ହେଉଛନ୍ତି ଯାହା ଶିକ୍ଷଣ ସମସ୍ୟାରେ ବାଧା ସୃଷ୍ଟି କରୁଛି ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧.** ଶିଶୁର ସାମଗ୍ରିକ ବିକାଶ ନିମିତ୍ତ ଶାରୀରିକ ଶିକ୍ଷା, ଯୋଗ, ଖେଳକୁଦ, ଏନ୍.ସି.ସି., ଏନ୍.ଏସ୍.ଏସ୍., କଳା ଶିକ୍ଷା, ଶିଶୁସଂସଦ, ସ୍ଥାନୀୟ କଳା, ଶିଳ୍ପ, ସାହିତ୍ୟ ଓ ଦକ୍ଷତା, ଏବଂ ଅନ୍ୟ ସହ-ଶୈକ୍ଷିକ କାର୍ଯ୍ୟକଳାପ ଆଦି ସମନ୍ୱିତ ପାଠ୍ୟକ୍ରମର ଅବିଚ୍ଛେଦ୍ୟ ଅଙ୍ଗଭାବେ ଦୈନିକ ପାଠ୍ୟକ୍ରମରେ ସଂଶ୍ଳିଷ୍ଟ ହେବ । ଉପରୋକ୍ତ ସମସ୍ତ ସୁବିଧାର ଉପଲବ୍‌ଧ କି ନୁହେଁ ସେ ବିଷୟରେ ବିଦ୍ୟାଳୟ ସ୍ୱୀକୃତି ଦେବା ସମୟରେ ପ୍ରାଧାନ୍ୟ ଦିଆଯିବ ।

**୨.** ସରକାର/ବିଦ୍ୟାଳୟ ପରିଚାଳନା ସମିତି ବିଦ୍ୟାଳୟରେ ସହ-ଶୈକ୍ଷିକ କାର୍ଯ୍ୟକଳାପ ପାଇଁ ଅର୍ଥ ରାଶି ସ୍ଥିର କରିବେ ।

**୩.** ଶିକ୍ଷା ବିଭାଗ ଏବଂ ବିଦ୍ୟାଳୟର ସହଯୋଗରେ ସ୍ୱାସ୍ଥ୍ୟ ବିଭାଗଦ୍ୱାରା ବିଦ୍ୟାଳୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ପରିଚାଳିତ ହେବ । ବିଦ୍ୟାଳୟ ଯାଞ୍ଚ ସୂଚୀ ପ୍ରସ୍ତୁତ କରିବା ସହିତ ଏହାର ନିୟମିତ ଜାରିରଖିବାକୁ ଧ୍ୟାନ ଦେବେ । *ଡିଜିଟାଲ୍ ଭାରତର* ଅଂଶଭାବେ ପ୍ରତ୍ୟେକ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷାର ସ୍ଥିତି ଏବଂ ରେକର୍ଡ ଅନୁଧ୍ୟାନ ପାଇଁ ଆପ୍‌ଗୁଡ଼ିକର ବିକାଶ କରାଯିବ ।

**୪.** ମଧ୍ୟାହ୍ନ ଭୋଜନ ପ୍ରକଳ୍ପ (MDMS) ମାଧ୍ୟମରେ ବିଦ୍ୟାଳୟ ପୁଷ୍ଟି ଯୋଜନା କାର୍ଯ୍ୟକାରୀ ହେବ; ଯାହା ପୁଷ୍ଟିପୂରଣ ଏବଂ ସାମାଜିକ ସମାନତାକୁ ଉନ୍ନତ କରିବାରେ ସହାୟକ ହେବ । ମଧ୍ୟାହ୍ନ ଭୋଜନ ପ୍ରକଳ୍ପ (MDMS) ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ସଂପ୍ରସାରିତ ହେବ । ଶିକ୍ଷକମାନେ ମଧ୍ୟାହ୍ନ ଭୋଜନର ପ୍ରସ୍ତୁତି ଏବଂ

ପରିବେଷଣ କରିବାର କାର୍ଯ୍ୟଭାରରୁ ମୁକ୍ତହେବେ । ପ୍ରତିଷ୍ଠିତ ଗୋଷ୍ଠୀ ସଂସ୍ଥାଗୁଡ଼ିକୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଏବଂ ପରିବେଷଣ ପାଇଁ ନିୟୋଜିତ କରିବାକୁ ଉତ୍ସାହ ପ୍ରଦାନ କରାଯିବ ।

## ୪.୧୩ ବିଦ୍ୟାଳୟ ମୂଲ୍ୟାୟନ ଓ ପରିଚାଳନା

ବିଦ୍ୟାଳୟରେ ଗୋଷ୍ଠୀ ଅଂଶଗ୍ରହଣ ଓ ଅଭିଭାବକ ଯୋଗଦାନ ପ୍ରକ୍ରିୟା ଏପରିକି ଫଳାଫଳରେ ଉନ୍ନତି ଆଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ପ୍ରମାଣ ଅଛି ଯେ' ଗ୍ରାମ୍ୟ ବିଦ୍ୟାଳୟଗୁଡ଼ିକର ପରିଚାଳନାରେ ସ୍ଥାନୀୟ ଗୋଷ୍ଠୀର ପ୍ରତ୍ୟକ୍ଷ ଅଂଶଗ୍ରହଣ ଫଳରେ ବିଦ୍ୟାଳୟଗୁଡ଼ିକ ପ୍ରଭାବଶାଳୀଭାବେ ପରିଚାଳିତ ହେଉଛି । ବିଦ୍ୟାଳୟଗୁଡ଼ିକର ସୁପରିଚାଳନା ପାଇଁ ବାଧ୍ୟତାମୂଳକ ଏବଂ କାର୍ଯ୍ୟକାରୀ କରିବା ପାଇଁ ଉଲ୍ଲେଖନୀୟ ସନ୍ତୁଳନ, ତଥ୍ୟ ସହଯୋଗରେ ବିଦ୍ୟାଳୟର ଅନୁଧ୍ୟାନ, ଉନ୍ନତ ପ୍ରଦର୍ଶନ ଏବଂ ଗୋଷ୍ଠୀ ସଂସାଧନକୁ ତ୍ୱରାନ୍ୱିତ କରିବା ତଥା ଉନ୍ନତ ପରିଚାଳନା ପାଇଁ ପ୍ରଧାନ ଶିକ୍ଷକ ତଥା ବ୍ଲକ୍‌ସ୍ତରୀୟ ଶିକ୍ଷା ଅଧିକାରୀମାନଙ୍କ ତାଲିମ୍‌ର ଆବଶ୍ୟକତା ଅଛି । ସମାନଭାବେ, ବିଦ୍ୟାଳୟ କାର୍ଯ୍ୟକ୍ରମ, ଶୈକ୍ଷିକ, ସହ-ଶୈକ୍ଷିକ ପରିସର, ଆସବାବପତ୍ର, ଶିକ୍ଷକ ପରିଚାଳନା, ବିଦ୍ୟାଳୟ ନେତୃତ୍ୱ, ଶିକ୍ଷଣ ଫଳାଫଳ, ଛାତ୍ରଛାତ୍ରୀ, ପିତାମାତା/ଅଭିଭାବକମାନଙ୍କର ସନ୍ତୁଷ୍ଟି ଆଦି ବିଦ୍ୟାଳୟ ଗୁଣବତ୍ତା ମୂଲ୍ୟାୟନ ଓ ପ୍ରତ୍ୟାୟନ ପଦ୍ଧତିର ଆବଶ୍ୟକତା ଅଛି । ପରିବର୍ତ୍ତିତ ପରିସ୍ଥିତିରେ, ଏବଂ ଆବଶ୍ୟକସ୍ଥଳେ ନିରାକରଣ କାର୍ଯ୍ୟ ପାଇଁ ଉତ୍ତରଦାୟୀ ଓ ସ୍ୱାୟତ୍ତ ପଦ୍ଧତି ସହିତ ଏକ ବିଦ୍ୟାଳୟ ପରିଚାଳନା ନମୁନାର ଆବଶ୍ୟକତା ଅଛି ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

୧. ସମଗ୍ର ଦେଶରେ ସ୍କୁଲର ଗୁଣବତ୍ତା ଶିକ୍ଷକମାନଙ୍କ ଦକ୍ଷତା, ବିଦ୍ୟାଳୟର ନେତୃତ୍ୱ, ଏବଂ ବିଦ୍ୟାଳୟ ପରିଚାଳନାର ଅନୁଧ୍ୟାନ ପାଇଁ ବିଭିନ୍ନ ମାନକ ଓ ସୂଚକ ସହିତ ଆତ୍ମ-ମୂଲ୍ୟାୟନ ଓ ଦକ୍ଷତା ମୂଲ୍ୟାୟନ କରାଯିବ । ଏହା ବ୍ୟତୀତ ଏହି ମାନଦଣ୍ଡରେ ବିଦ୍ୟାଳୟଗୁଡ଼ିକର ମୂଲ୍ୟାୟନ, ବର୍ଗୀକରଣ ଏବଂ ସ୍ଥାନ ନିରୂପଣ କରାଯିବ ।

୨. ବିଦ୍ୟାଳୟ ପରିଷଦଗୁଡ଼ିକର ମାନ୍ୟତା ପାଇଁ ଏକ କାର୍ଯ୍ୟପ୍ରଣାଳୀ ସ୍ଥିର କରାଯିବ ।

୩. ଆର.ଟି.ଇ. ଅଧିନିୟମ ଏବଂ ପରିଷଦର କାର୍ଯ୍ୟକାରୀ ଓ ଅନୁଧ୍ୟାନ ନିୟମାବଳୀ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର (SMC) ରୂପାୟଣ ସମ୍ପର୍କିତ ନୀତିଗତ ଆଧାରରେ ଦେଖାଯାଉଥିବା ତାରତମ୍ୟକୁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତଭାବେ ଦୂର କରିବେ ।

୪. ବିଦ୍ୟାଳୟ ପରିଚାଳନା ସମିତିଗୁଡ଼ିକର ତ୍ରୁଟି-ବିଚ୍ୟୁତିରେ ରାଜ୍ୟ ସରକାର ନିର୍ବାଚନ ପ୍ରକ୍ରିୟା, ପୁନରାବୃତ୍ତି, କାର୍ଯ୍ୟକାଳ, ଭୂମିକା, ଦାୟିତ୍ୱ ଏବଂ ସେମାନଙ୍କ କାର୍ଯ୍ୟକାରୀତା ବିଷୟରେ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରିବେ । ଠିକ୍ ସମୟରେ ସେମାନେ ସେମାନଙ୍କର ଅନୁଦାନ ଗ୍ରହଣ, ବିଦ୍ୟାଳୟ ବିକାଶ ପରିକଳ୍ପନାର (SDPs) ପ୍ରଭାବଶାଳୀ

କାର୍ଯ୍ୟକାରୀତା ପାଇଁ ରାଜ୍ୟଗୁଡ଼ିକ ଆବଶ୍ୟକ SMC ପ୍ରଶିକ୍ଷଣ ନିମିତ୍ତ ଅର୍ଥରାଶି ବୃଦ୍ଧି କରିବେ । ଜିଲ୍ଲାସ୍ତରରେ ବିଦ୍ୟାଳୟ ବିକାଶ ପରିକଳ୍ପନାର (SDPs) ବଜେଟ୍ ଏବଂ ଯୋଜନା ପ୍ରକ୍ରିୟା ଏକତ୍ରିତ କରାଯିବ ।

**୫.** ପ୍ରମାଣ ଅଛି ଯେ ଅଧ୍ୟକ୍ଷ ତଥା ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ କେତେକ ବିଦ୍ୟାଳୟ ଉତ୍ତମ ପ୍ରଦର୍ଶନ କରୁଛନ୍ତି । ପାଞ୍ଚ ବର୍ଷର ଅଧ୍ୟାପନା ଅଭିଜ୍ଞତାକୁ ଆଧାର କରି ମେଧା ଓ ଯୋଗ୍ୟତା ମାଧ୍ୟମରେ ଅଧ୍ୟକ୍ଷ ଏବଂ ପ୍ରଧାନ ଶିକ୍ଷକଙ୍କ ଚୟନ କରି ଏକ ସ୍ୱତନ୍ତ୍ର କ୍ୟାଡର୍ ପ୍ରସ୍ତୁତ କରାଯିବ ଏବଂ ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକଙ୍କ ଶୂନ୍ୟସ୍ଥାନ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପୂରଣ କରାଯିବ ।

**୬.** ବିଦ୍ୟାଳୟ ଶାସନରେ ଉନ୍ନତି ପାଇଁ ବିଦ୍ୟାଳୟ ନେତୃତ୍ୱର ଦୃଷ୍ଟିଭଙ୍ଗୀରେ ସଂପ୍ରସାରଣ, ଯେଉଁଠି ବ୍ୟାପକ କାର୍ଯ୍ୟ ପାଇଁ ବିଦ୍ୟାଳୟ ନେତୃତ୍ୱର ଦାୟିତ୍ୱ ଓ ଭୂମିକା, ବିଦ୍ୟାଳୟ ନେତାଧିକାରୀଙ୍କ ଦକ୍ଷ କାର୍ଯ୍ୟାବଳୀ, ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକଙ୍କ ସମର୍ଥ ଓ ସ୍ୱଷ୍ଟ ଚୟନ ପ୍ରକ୍ରିୟା ଏବଂ ବିଦ୍ୟାଳୟ ନେତାଧିକାରୀଙ୍କ ପାଇଁ ପ୍ରେରଣା କାର୍ଯ୍ୟକ୍ରମ, ବୃତ୍ତିଗତ ବିକାଶ ଏବଂ ଭବିଷ୍ୟତ ଉନ୍ନତି ନିମନ୍ତେ ଉପଯୁକ୍ତ ପଥ ପ୍ରଦର୍ଶନ ଆବଶ୍ୟକ ।

**୭.** ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଶୈକ୍ଷିକ ପ୍ରଦର୍ଶନ ଓ ତାହାର ଉନ୍ନତି ପାଇଁ ଉତ୍ତରଦାୟୀ ରହିବେ । ଶିକ୍ଷା ବିଭାଗ ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକଙ୍କ ନ୍ୟୁନତମ କାର୍ଯ୍ୟକାଳ ବିଷୟରେ ନିର୍ଦ୍ଧାରଣ କରିବେ ।

**୪.୧୪. ଉଚ୍ଚ ଶିକ୍ଷାରେ ଶାସନ ସୁଧାର ବ୍ୟବସ୍ଥା**

ଚଳିତ ବର୍ଷଗୁଡ଼ିକରେ ଭାରତର ଉଚ୍ଚ ଶିକ୍ଷା ବିବିଧ ବିସ୍ତାରିତ କ୍ଷେତ୍ରର ଏକ ଅଭୂତପୂର୍ବ ଅନୁଭୂତି ପାଇଛି । ଏହିସବୁ କ୍ଷେତ୍ରର ଯୋଜନାହୀନ ବିସ୍ତାରକୁ ବୃଦ୍ଧିକରିବା ଏବଂ ଗୁଣବତ୍ତା ଆଣିବା ଏକ ସମସ୍ୟାଭାବେ ଦେଖାଦେଇଛି । ଉଚ୍ଚଶିକ୍ଷାରେ ଶାସନ ଏବଂ ନୀତିନିୟମ ପରସ୍ପର ନିର୍ଭରଶୀଳ । ଅତଏବ, ବର୍ତ୍ତମାନର ନୀତିନିୟମକୁ ଉପ-କ୍ଷେତ୍ରରେ ଶାସନ ଏବଂ ନିୟନ୍ତ୍ରଣ ଦିଗରୁ ପ୍ରାସଙ୍ଗିକ କରିବାର ଆବଶ୍ୟକତା ରହିଛି ।

ଉଚ୍ଚଶିକ୍ଷାର ଶାସନକୁ ପ୍ରଭାବଶାଳୀ ଓ ନିଶ୍ଚିତ କରିବା ପାଇଁ ନିମ୍ନଲିଖିତ ନୀତିଗୁଡ଼ିକର ସୂତ୍ରପାତ କରାଯିବ :

**୧.**ପ୍ରତି ପାଞ୍ଚ ବର୍ଷରେ ଶିକ୍ଷା ବିଶେଷଜ୍ଞମାନଙ୍କୁ ନେଇ ଏକ ଶିକ୍ଷା କମିଶନ ଗଠନ କରାଯିବ । ଏହି କମିଶନ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟକୁ ବିଶ୍ୱସ୍ତରୀୟ ନୂତନ ଜ୍ଞାନ ପରିସର, ବିଷୟ, ଡୋମେନ୍ ତଥା ଶିକ୍ଷାପଦ୍ଧତି, ପାଠ୍ୟକ୍ରମ ଓ ମୂଲ୍ୟାୟନ ସଂସ୍କାର ଆଦି ବିଭିନ୍ନ କ୍ଷେତ୍ର ଚିହ୍ନିତ କରିବାରେ ସାହଯ୍ୟ କରିବ । ଯାହା ବିଶ୍ୱ ପରିପ୍ରେକ୍ଷୀରେ ଓ ଜାତୀୟ ଆକାଂକ୍ଷାର ପରିବର୍ତ୍ତିତ ପରିସ୍ଥିତି ସହିତ ତାଳଦେବାରେ ସହାୟକ ହେବ ।

**୨.** ଉଚ୍ଚଶିକ୍ଷାନୁଷ୍ଠାନର ବହୁହିତାଧିକାରୀ, ଉଦ୍ୟୋଗରେ ଓ ଅନୁଷ୍ଠାନମାନଙ୍କରେ ଆଗରୁ ଯୋଗଦାନ କରିଥିବା ଲୋକଙ୍କ ଉପରେ ପରିଚାଳନାର ଭାର ନ୍ୟସ୍ତ କରାଯିବ ଓ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ରଖାଯିବ ।

**୩.** ସ୍ନାତକ, ସ୍ନାତକ ଓ ଡକ୍ଟରାଲ ଶିକ୍ଷା ପାଇଁ ଉଦ୍ୟମ କରାଯିବ ଏବଂ ଏସବୁରେ ଏକକାଳୀନ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ପଢ଼ାଉଥିବା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇ ଶିକ୍ଷା ଓ ଗବେଷଣାର ଅସାମ୍ୟରେ ଉନ୍ନତି କରାଯିବ । ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରକୃତି ଏକକ ନ ହୋଇ ବହୁବିଦ୍ୟାଭିତ୍ତିକ ହେବ ।

**୪.** ଦେଶର ୧୯୬୮ ଓ ୧୯୬୮/୯୨ର ପୁରୁଣା ନୀତିରେ ଥିବା ଓ ଏଠାରେ ପୁନର୍ଲିଖିତ ହୋଇଥିବା ଭାରତୀୟ ଶିକ୍ଷା ସେବାର (IES) ପରାମର୍ଶଗୁଡ଼ିକ କାର୍ଯ୍ୟକାରୀ କରିବାରେ ଉଦ୍ୟମ କରିବ । IES ଏକ ଭାରତସ୍ତରୀୟ ସେବା ହେବ । ଏଥିରେ ମାନବ ସମ୍ବଳ ବିଭାଗ ଏକ ନିୟନ୍ତ୍ରଣ କର୍ତ୍ତୃପକ୍ଷ ହୋଇ ରହିବ । IES ସ୍ଥିତିକୁ ଆସିବା ଯାଏ ଏକ ମଧ୍ୟକାଳୀନ ସୋପାନ ଭାବେ ଜାତୀୟ ଲୋକସଭା ଆୟୋଗରୁ ଏକ ବିଶେଷ ଚୟନ ଜରିଆରେ ବିଭିନ୍ନ ରାଜ୍ୟରେ ଥିବା ଏବେର ଶିକ୍ଷା ବିଭାଗର ଶିକ୍ଷା ଓ ପ୍ରଶାସନିକ ପଦବୀଗୁଡ଼ିକରୁ ନିଯୁକ୍ତି କରାହେବ ।

**୫.** କେନ୍ଦ୍ର ଓ ରାଜ୍ୟରେ ଭିନ୍ନ ଭିନ୍ନ ଶିକ୍ଷା ଟ୍ରିବ୍ୟୁନାଲ ପ୍ରତିଷ୍ଠା କରି ମାମଲା ଓ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ବିରୋଧରେ ହେଉଥିବା ସର୍ବସାଧାରଣ ଅଭିଯୋଗ ଆଦିର ବିଚାର କରାଯିବ । ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଏହି ବିଭାଗଗୁଡ଼ିକର ମୁଖ୍ୟ ହେବେ । ଟ୍ରିବ୍ୟୁନାଲଗୁଡ଼ିକ ପାଖରେ କେସ୍‌ସବୁର ଆଶୁ ସିଦ୍ଧାନ୍ତ ଓ ସାରାଂଶ ହୋଇଥିବା ପଦ୍ଧତି ମାନିବାର କ୍ଷମତା ରହିବ ।

**୬.** ଗଣତନ୍ତ୍ରର ହିତ, ଶାସନ ଓ ପଦ୍ଧତି ତଥା ତର୍କ, ଆଲୋଚନା ଓ ବହୁମତକୁ ଦୃଢ଼ କରିବା ନିମନ୍ତେ ଛାତ୍ର ସଂସଦର ଭୂମିକାକୁ ସରକାର ଜାଣନ୍ତି ଓ ସେମାନଙ୍କୁ ସକରାତ୍ମକ ଭୂମିକା ପ୍ରଦର୍ଶନ ଲାଗି ପ୍ରେରଣା ଦେବେ । ତେବେ ଶିକ୍ଷା ପରିସର ଭିତରେ ହେଉଥିବା ଅଧିକାଂଶ ସଂହତିହୀନ ଓ ଏକତା ବିରୋଧୀ କାମରେ ବାହାର ଲୋକଙ୍କର ଓ ନିଜ ପାଠ୍ୟକ୍ରମ ବାହାରେ ବହୁବର୍ଷ ଧରି ନାମ ଲେଖାଇ ରହିଥିବା ଛାତ୍ରଙ୍କର ସଂପୃକ୍ତି ଥାଏ । ବାହାର ଲୋକ ଓ ବାଧ କରି ଅଧିକ କାଳ ଧରି ଛାତ୍ର ହୋଇ ରହିଥିବା ସଭିଙ୍କୁ ଛାତ୍ର ରାଜନୀତିରେ ସକ୍ରିୟ ଭାଗ ନେବାରୁ ଓ ଶିକ୍ଷାନୁଷ୍ଠାନଭିତ୍ତିକ କାମରେ ବାଧା ଦେବାରୁ ବିରତ କରାଯିବ । ଏଥି ସହିତ ସେମାନଙ୍କୁ ଛାତ୍ରାବାସରେ ରହିବା ଓ ଅନୁଷ୍ଠାନର ସୁବିଧାର ଅପବ୍ୟଭାର କରିବାରୁ ରୋକା ଯାଇପାରିବ ।

**୭.** ଏକ ଉପଯୋଗୀ ଅଭିଯୋଗ ଶୁଣାଣି ପ୍ରଚଳନ ନିମନ୍ତେ ସମସ୍ତ HEI ଠିକଣା ସ୍ଥାନରେ ରଖାଯିବ ଓ କୌଣସି ଛାତ୍ର, ଅଧ୍ୟାପକ ଓ ଅନୁଷ୍ଠାନ ବିରୋଧରେ ଦଣ୍ଡବିଧାନ ଆଗରୁ ସେଗୁଡ଼ିକ *ମେନ୍ସ ରିଆ, ଅଡ଼ି ଅଲ୍‌ଟେରେମ ପାର୍ଟେମ* ଆଦି ପ୍ରାକୃତିକ ବିଚାର ପାଳନ କରିବେ ।

**୮.** ଏବେର ସଂଯୋଗୀକରଣ ପ୍ରଣାଳୀ ରହିଲେ ମଧ୍ୟ ଏଥିରେ ସର୍ବାଧିକ ୧୦୦ଟି ମହାବିଦ୍ୟାଳୟ ରହିପାରିବେ ।

ନିଜ ଅଧୀନରେ ୧୦୦ରୁ ଅଧିକ ମହାବିଦ୍ୟାଳୟ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକର ଉପଯୁକ୍ତ ପୁନର୍ଗଠନ କରାଯିବ ।

**୯.** ସାର୍ବଜନୀନ ବିତ୍ତପୋଷିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଉତ୍କୃଷ୍ଟତା ପ୍ରତିପାଦନ ଲାଗି ମାନକଭିତ୍ତିକ ତହବିଲ ଓ ପ୍ରୋତ୍ସାହନ ଆରମ୍ଭ କରାଯିବ । ଆର୍ଥିକ ଓ ପ୍ରାଶାସନିକ ଦାୟିତ୍ୱରେ ସ୍ୱୟଂଶାସନ ନିମନ୍ତେ ସମସ୍ତ ସାର୍ବଜନିକ ବିତ୍ତ ପୋଷିତ ଅନୁଷ୍ଠାନଗୁଡ଼ିକ ନିର୍ଦ୍ଦିଷ୍ଟ ଲକ୍ଷ୍ଯ ଓ ସମୟସୀମା ଥାଇ ଦୃଷ୍ଟିକୋଣ-ଭିତ୍ତିକ ଆଗାମୀ ଯୋଜନା କରିବେ ।

୪.୧୫ **ଉଚ୍ଚଶିକ୍ଷାରେ ନିୟନ୍ତ୍ରଣ**

ଆରମ୍ଭ ସମୟରେ ପ୍ରତିଟି ଲକ୍ଷ୍ୟ ନେଇ ପ୍ରମୁଖ ଜାତୀୟ ଅନୁଷ୍ଠାନଗୁଡ଼ିକ ଭିନ୍ନ ଭିନ୍ନ ସମୟରେ ପ୍ରତିଷ୍ଠା କରାଯାଇଥିଲା । ଉଚ୍ଚଶିକ୍ଷା ବିଭାଗରେ ସମୟକ୍ରମେ ନୂଆ ବିକାଶସବୁ ହେବାପରେ ପରିଚାଳନା ନିୟମାବଳୀର ସମୀକ୍ଷା କରିବା ଆବଶ୍ୟକ ପଡ଼ିଲା ଏବଂ ଏହାକୁ ଅଧୁନାତନ ତଥା ଆଗାମୀ ଆବଶ୍ୟକତା ନିମନ୍ତେ ଉପଯୋଗୀ କରିବାକୁ ପଡ଼ିଲା । ଉଚ୍ଚଶିକ୍ଷାର ପରିଚାଳନାରେ ଥିବା ବିଭିନ୍ନ ଅସୁବିଧା ସହ ସାବଧାନତାର ସହ କାମ କରିବାକୁ ହେବ । ସ୍ୱୟଂଶାସନ ଓ ଦାୟିତ୍ୱବୋଧ ଭିତରେ ଏକ ସୁସ୍ଥ ସମ୍ପର୍କ ଗଢ଼ିବା ଆବଶ୍ୟକ । ରାଜ୍ୟ ସରକାରସମୂହ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଚ୍ଚଶିକ୍ଷାର ପରିଚାଳନାରେ ଏକ ମୁଖ୍ୟ ଭୂମିକା ନିର୍ବାହ କରିପାରିବେ ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧.** ଜାତୀୟ ଉଚ୍ଚଶିକ୍ଷା ବୃତ୍ତି କାର୍ଯ୍ୟକ୍ରମର ପରିଚାଳନା ପାଇଁ ଏକ ସ୍ୱାଧୀନ ପଦ୍ଧତି ରଖାଯିବ ।

**୨.** ଏକ କେନ୍ଦ୍ରୀୟ ତଥ୍ୟ ସଂଗ୍ରହ, ସଂକଳନ ଓ ଏକତ୍ରକରଣ ସଂସ୍ଥାଭାବେ କାର୍ଯ୍ୟକରିବା ନିମନ୍ତେ କେନ୍ଦ୍ରୀୟ ଶିକ୍ଷା ପରିସଂଖ୍ୟାନ ସଂସ୍ଥାଟିଏ (CESA) ପ୍ରତିଷ୍ଠା କରାଯିବ । ଏଥିରେ ଉଚ୍ଚ ମାନର ପରିସଂଖ୍ୟାନ ଅଭିଜ୍ଞତା ଥାଇ ଓ ପରିଚାଳନା ତଥ୍ୟର ପଦ୍ଧତି ଥିବ ଓ ଏହା ଭବିଷ୍ୟତ ଅନୁଶୀଳନ, ଜନଶକ୍ତି ପରିଚାଳନା ଓ ଭବିଷ୍ୟତ ପାଠ୍ୟକ୍ରମ ସଂଶୋଧନ ପାଇଁ ବ୍ୟବହୃତ ହେବ । CESA ଆଧାରିକ ସଂରଚନା, ନୂଆ ନିର୍ମାଣ ଓ ଉନ୍ନୟନ ଆଦି ମାପକାଠି ଉପରେ HEIର ଜିଓ-ଟ୍ୟାଗିଂ ପାଇଁ ବାଟ ତିଆରି କରିବ ।

**୩.** ଅନୁମୋଦିତ ମାନ୍ୟତାପ୍ରାପ୍ତ ସଂସ୍ଥା ସହ ମିଶି ରାଜ୍ୟ ଉଚ୍ଚଶିକ୍ଷା ନିଗମଗୁଡ଼ିକ ପାଇଁ ବିଶ୍ୱବିଦ୍ୟାଳୟ ତଥା କଲେଜଗୁଡ଼ିକୁ ଶିକ୍ଷାସ୍ତରୀୟ ମାନକ ଯାଞ୍ଚ କରିବେ ।

**୪.** ପ୍ରବେଶିକା, ଫି, ଶିକ୍ଷକ, କାର୍ଯ୍ୟକ୍ରମ, ପରୀକ୍ଷା ଫଳ, ପ୍ଲେସମେଣ୍ଟ, ଶାସନ, ଅର୍ଥ, ବ୍ୟବସାୟ ସହବନ୍ଧନ, ଶିକ୍ଷା ଓ ସହ-ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଏବଂ ଅନୁଷ୍ଠାନ ବାବଦରେ ଅଧିକ ସୂଚନା ଆଦି ଜଣାଇବାରେ ଅଧିକ ସ୍ୱଚ୍ଛତା ପାଇଁ ପ୍ରତିଟି ଉଚ୍ଚଶିକ୍ଷାନୁଷ୍ଠାନରେ ଏକ ସ୍ୱତନ୍ତ୍ର ୱେବସାଇଟ୍ ରହିବ ।

୪.୧୬ **ଉଚ୍ଚଶିକ୍ଷାରେ ମାନ ଆଶ୍ୱାସନା**

କଲେଜମାନଙ୍କରେ ଆବଶ୍ୟକତାଠାରୁ କମ ପୂର୍ବାଧାର ଓ ସୁବିଧା, ଶିକ୍ଷକ ପଦବୀରେ ଥିବା ବିରାଟ ଶୂନ୍ୟସ୍ଥାନ, ଅନୁଚ୍ଚ ମାନର ଶିକ୍ଷକ, ଅପ୍ରଚଳିତ ଶିକ୍ଷା ବ୍ୟବସ୍ଥା, ଅଧୋପତନମୁଖୀ ଗବେଷଣା ମାନକ ଆଦିକୁ ମିଶାଇ ବିଭିନ୍ନ ଅସୁବିଧା ହୋଇଥାଏ । ଏଥିସହିତ ଏହି କ୍ଷେତ୍ରରେ ଭୌଗୋଳିକ, ଲିଙ୍ଗଗତ ଓ ସାମାଜିକ ଅସମତା ରହିଥାଏ । ଏହା ନିମ୍ନ ମାନର ଉଚ୍ଚଶିକ୍ଷାର ଏକ ଉଦାହରଣ । ମାନରେ ଆଶ୍ୱାସନା ଦେବା ଲାଗି ଏବେ ଶିକ୍ଷାନୁଷ୍ଠାଗୁଡ଼ିକ ପାଇଁ NAAC ଅଥବା NBAରୁ ମାନ୍ୟତା ପାଇବା ଜରୁରୀ ।

ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟ ଶ୍ରେଣୀରେ କେବଳ ହାତଗଣତି କେତୋଟି ଭାରତ ସରକାରଙ୍କ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟରେ ସ୍ଥାନ ପାଇବା ଉଦ୍‌ବେଗଜନକ ।

ବିଶ୍ୱବିଦ୍ୟାଳୟଗୁଡ଼ିକର ଆନ୍ତର୍ଜାତିକ ମାନ ଗବେଷଣା ଓ ଅଧ୍ୟାପନାରେ ଶିକ୍ଷାନୁଷ୍ଠାନଭିତ୍ତିକ ପ୍ରଦର୍ଶନର ଅନୁଶୀଳନ, ଅଧ୍ୟାପକମାନଙ୍କ ପ୍ରତିଷ୍ଠା, ସଂସ୍ଥାନର ଉପସ୍ଥିତି, ଆନ୍ତର୍ଜାତିକ ଛାତ୍ର ଓ କାର୍ଯ୍ୟକ୍ରମ ଆଦିକୁ ନେଇ ଦିଆଯାଇଥାଏ । ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସି, ସ୍ଥାପତ୍ୟ, ବିଶ୍ୱବିଦ୍ୟାଳୟ ଓ କଲେଜ ସମେତ ଆମର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ମାନ ନିର୍ଦ୍ଧାରଣ ନିମନ୍ତେ ନିକଟରେ MHRD ଏକ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ ରାଙ୍କିଙ୍ଗ୍ ଫ୍ରେମୱାର୍କ (NIRF) ଆରମ୍ଭ କରିଛନ୍ତି ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧**. ଆନ୍ତର୍ଜାତିକ ମାନ୍ୟତା ପଦ୍ଧତି ଅଧ୍ୟୟନ ନିମନ୍ତେ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ । ଏହା ଉଚ୍ଚ ମାନର ସଂସ୍ଥା ଥିବା ବିଶ୍ୱର ବିଭିନ୍ନ ଦେଶର ଅଭିଜ୍ଞତାକୁ ନେଇ ପାଳିତ ଶ୍ରେଷ୍ଠ ନୀତି ଉପରେ ଆଧାରିତ ହେବ ଏବଂ NAAC ଓ NABର ପୁନର୍ଗଠନ ନିମନ୍ତେ ପରାମର୍ଶ ଦେବା ସହିତ ଶିକ୍ଷା ପ୍ରଣାଳୀ, ମାପକାଠି ଓ ମାନଦଣ୍ଡ ଆଦିର ପୁନର୍ନିର୍ମାଣରେ ସହାୟକ ହେବ ।

**୨.** ପ୍ରତିଟି ଅନୁଷ୍ଠାନର ମୂଲ୍ୟାଙ୍କନ/ମାନ୍ୟତା ସବିଶେଷ ଜନସାଧାରଣଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟରେ ଉପଲବ୍ଧ ହେବ । ଫଳରେ ଛାତ୍ର ଓ ଅନ୍ୟାନ୍ୟ ହିତାଧିକାରୀଗଣ ସବୁ ଜାଣି ବାଛପାରିବେ ।

୪.୧୭ **ମୁକ୍ତ ଓ ପତ୍ରମାଧ୍ୟମ ଶିକ୍ଷା ଏବଂ MOOCs**

ଉନ୍ନତ ପ୍ରବେଶ, ବିକଶିତ ଦକ୍ଷତା, କ୍ଷମତା ବୃଦ୍ଧି, ନିଯୁକ୍ତିକ୍ଷମତା ଓ ସାରା ଜୀବନ ଶିକ୍ଷା ନିମନ୍ତେ ମୁକ୍ତ ଓ ପତ୍ରମାଧ୍ୟମ (ODL) ଏକ ଗରୁତ୍ୱପୂର୍ଣ୍ଣ ସାଧନ ଭାବେ ମାନ୍ୟତାପ୍ରାପ୍ତ ଓ ଗ୍ରହଣୀୟ ହୋଇଛି । ୪ ମିଲିଅନରୁ ଅଧିକ ଛାତ୍ରଙ୍କୁ ମୁକ୍ତ ଓ ପତ୍ରମାଧ୍ୟମରେ ଅନ୍ତର୍ଭୁକ୍ତ କରି ଏହା ଭାରତରେ ଶିକ୍ଷାର ବିକାଶରେ ଏକ ଗୁରିତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଉଭୟ

ସରକାରୀ ଓ ବେସରକାରୀ ସ୍ତରରେ ଦିଆଯାଉଥିବା ପତ୍ରମାଧ୍ୟମ ପାଠ୍ୟକ୍ରମରେ ବିଭିନ୍ନ ଶ୍ରେଣୀବିଭାଗ ରହିଛି । ଏହା ଚାକିରୀ ଛାଡ଼ିପାରୁନଥିବା କିମ୍ବା ଅନ୍ୟାନ୍ୟ କାରଣରୁ ନିୟମିତ କ୍ଲାସରେ ଯୋଗଦେଇ ପାରୁନଥିବା ଛାତ୍ରମାନଙ୍କ ପାଇଁ ଏକ ସ୍ଥାନ ଯୋଗାଇ ଦେଇଥାଏ । ବର୍ତ୍ତମାନ ଦେଶରେ ପ୍ରାଥମିକ ଭାବେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (IGNOU) ଓ ରାଜ୍ୟମାନଙ୍କରେ ଥିବା ମୁକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ଉଚ୍ଚଶିକ୍ଷାରେ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ (NIOS)ରେ ମୁକ୍ତ ଓ ପତ୍ରମାଧ୍ୟମ ଶିକ୍ଷା ଦିଆଯାଉଛି । ତେବେ ପତ୍ରମାଧ୍ୟମ ଶିକ୍ଷାରେ ଗୁଣାତ୍ମକ ମାନର ଅସୁବିଧା ରହିଛି । ଏଥିପାଇଁ ମୁକ୍ତ ଓ ପତ୍ରମାଧ୍ୟମ ଶିକ୍ଷା ପଦ୍ଧତିର ସୁଧାର ଲୋଡ଼ୁଛି ।

ମାସିଭ ଓପନ ଅନଲାଇନ କୋର୍ସେସ (MOOCs) ଅତ୍ୟାଧୁନିକ ଓ ନବୀନ ପାଠ୍ୟକ୍ରମଗୁଡ଼ିକୁ ମୁକ୍ତ ଓ କମ ଦରରେ ପଢ଼ିବା ସୁବିଧା ଯୋଗାଇ ଦେଇଥାଏ । ବଢ଼ନ୍ତା ଇଚ୍ଛା ଓ ନିୟମିତ ଜ୍ଞାନବର୍ଦ୍ଧନର ଆବଶ୍ୟକତା ହେତୁ MOOCର ଚାହିଦା ଆଗାମୀ ଭବିଷ୍ୟତରେ ବଢ଼ିବାର ଆଶା ରହିଛି । ବିଭିନ୍ନ ବିଷୟରେ ମାସିଭ ଓପନ ଅନଲାଇନ କୋର୍ସେସ ଉପଲବ୍ଧ କରାଇବା ପାଇଁ MHRD ଷ୍ଟଡ଼ି ୱେବ୍ସ ଅଫ୍ ଆକ୍ଟିଭ-ଲର୍ଣ୍ଣିଂ ଫର ୟଙ୍ଗ ଆସପାଇରିଂ ମାଇଣ୍ଡ୍ସ (SWAYAM) ୱେବ ପୋର୍ଟାଲ ଆରମ୍ଭ କରିବା ଯୋଜନା କରିଛି । MOOC ସବୁର ପ୍ରଚାର, ପରିଚାଳନା, ନିୟନ୍ତ୍ରଣ ଓ ମାନ ବଜାୟ ରଖିବା ନିମନ୍ତେ ତଥା ଚିହ୍ନଟ, ବିତରଣ ଓ କ୍ରେଡିଟ ରେକର୍ଡ୍ ସକାଶେ ଏକ ସଂସ୍ଥା ପ୍ରତିଷ୍ଠା କରିବାର ଆବଶ୍ୟକତା ଅନୁଭୂତ ହୋଇଛି ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡ଼ିକ ନିଆଯିବ :

୧. ODL/ MOOC ଆଦିର ପ୍ରଚାର, ପରିଚାଳନା, ନିୟନ୍ତ୍ରଣ ଓ ମାନ ବଜାୟ ରଖିବା ନିମନ୍ତେ ଏକ ସ୍ୱୟଂଶାସିତ ସଂଗଠନ । ଚିହ୍ନଟ, ବିତରଣ ଓ MOOCରୁ ମିଳିଥିବା କ୍ରେଡିଟ ଅଭିଲିଖନ ଓ ପୁରସ୍କାର ତଥା ଡିଗ୍ରୀ ଚିହ୍ନଟ ନିମନ୍ତେ ଏହା ଏକ ପଦ୍ଧତି ତିଆରି କରିବ ।

୨. ଏହି ODL/ MOOC ଅଧୀନରେ କୋର୍ସ ଦେଉଥିବା ସମସ୍ତ ଅନୁଷ୍ଠାନ, ପାରା-୧ରେ ବର୍ଣ୍ଣିତ ସ୍ୱୟଂଶାସିତ ସଂଗଠନର ମାନଦଣ୍ଡ ଓ ନୀତି ନିୟମ ଅନୁସାରେ ଜାତୀୟ ଓ ଅନ୍ତର୍ଜାତୀୟ ତଥା ସ୍ଥାନୀୟ ଚାହିଦା ମୁତାବକ ତିଆରି ଓ ମାନକୀକରଣ କରିବେ । ଫଳରେ ଡିଗ୍ରୀ ଦେବା ବେଳେ ଚିହ୍ନଟ ଓ କ୍ରେଡିଟ ହିସାବ ପାଇଁ ସୁବିଧା ହେବ ।

୩. ODL / MOOC ଯୋଗାଇଦେଉଥିବା ସମସ୍ତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନ ମାନ୍ୟତା ନିମନ୍ତେ ଏକ ଗୁଣାତ୍ମକ ମାନ ଆଶ୍ୱାସନା ପଦ୍ଧତି ତିଆରି କରାଯିବ। ଏହା ତଥା ODL / MOOC ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମର ଗୁଣାତ୍ମକ ମାନ, ପ୍ରଚାର ଓ ଉଦ୍ଭାବନରେ ସହାୟକ ହେବ ।

**୪.** ମୁକ୍ତ ଓ ପତ୍ରମାଧମ ଶିକ୍ଷା ଯୋଗାଇ ଦେଉଥିବା ସମସ୍ତ ଅନୁଷ୍ଠାନରେ ଛାତ୍ର ସହାୟକ ସୁବିଧାମାନ ମଧ୍ୟ ବିଧିବଦ୍ଧ ଭାବେ ଯୋଗାଇ ଦିଆଯିବ । ଏଥିରେ ହୋଷ୍ଟିଂ କୋର୍ସୱେର, ଭଣ୍ଡାର, ଓପନ ଏଜୁକେସନାଲ ରିସୋର୍ସେସ (OER), MOOC, ୨୪x୭ ସହଯୋଗ ସୁବିଧା, ଶିକ୍ଷାଦାନ ଓ ପରାମର୍ଶ ସୁବିଧା, ୱେବିନାର ତିଆରି ଆଲୋଚନା ସଭା, ୱେବକାଷ୍ଟିଂ, ପାଠାଗାର ସୁବିଧା, ଭର୍ଚୁଆଲ ଲ୍ୟାବ, ଇ-ଲର୍ଣିଂ ମୋଡ୍ୟୁଲ, ଅନଲାଇନ କାର୍ଯ୍ୟକ୍ରମ ଯୋଗାଇଦେବା, କାମ ଦେବା ଓ କାମ ଉପରେ ସମୟାନୁଯାୟୀ ମନ୍ତବ୍ୟ ଦେବା, ଅନଲାଇନ୍ ପରୀକ୍ଷା, ଫଳାଫଳ ଘୋଷଣା, ଅଭିଯୋଗର ସମାଧାନ ଆଦି ସୁବିଧା ଯୋଗାଇଦିଆଯିବ ।

**୫.** ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓପନ ସ୍କୁଲିଂ (NIOS) କୌଶଳ ବିକାଶ ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ସହଯୋଗରେ ବୃତ୍ତିମୂଳକ ଶିକ୍ଷାଦାନର ସମ୍ଭାବ୍ୟ ଚାହାଦି ମେଣ୍ଟାଇବା ନିମନ୍ତେ ଏକ ନୂତନ କାମ ଆରମ୍ଭ କରିବ । NIOSର ପରିଚାଳନା, ପର୍ଯ୍ୟବେକ୍ଷଣ ଓ ସାମଗ୍ରିକ କାମରେ ଉପୁଜୁଥିବା ଅସୁବିଧା ଠିକ୍ ଭାବେ କରାଯିବ ।

୪.୧୮ **ଶିକ୍ଷାର ଆନ୍ତର୍ଜାତୀୟକରଣ**

ଜଗତୀକରଣ ଯୁଗରେ ଆନ୍ତର୍ଜାତୀକକରଣ, ନୂଆ ଜ୍ଞାନ ତିଆରି ଓ ତାହାର ପ୍ରୟୋଗ ଉଚ୍ଚଶିକ୍ଷାର ଏକ ଅବସମ୍ଭାବୀ ଦିଗ । ଛାତ୍ରମାନଙ୍କର, ଶିକ୍ଷା ଗବେଷକ ଓ ଅଧ୍ୟାପକମାନଙ୍କର ଗତିଶୀଳତା, ଶିକ୍ଷାଭିତ୍ତିକ ପଦ୍ଧତି ଓ ସଂସ୍କୃତିର ଆଦାନପ୍ରଦାନ, ଜ୍ଞାନ ଆଦାନପ୍ରଦାନ ଓ କ୍ଷମତା ନିର୍ମାଣ, ଶିକ୍ଷା ଖସଡ଼ାର ଆନ୍ତର୍ଜାତୀକକରଣ ଓ ଶିକ୍ଷାର ଫଳାଫଳ, ସୀମାପାରି କାର୍ଯ୍ୟକ୍ରମର ବିତରଣ ଓ ପରିଶେଷରେ ଭରଚୁଆଲ ଗତିଶୀଳତା ଆଦି ଆନ୍ତର୍ଜାତୀୟକରଣର ଅନ୍ତର୍ଭୁକ୍ତ ।

ଉଚ୍ଚଶିକ୍ଷାର ଆନ୍ତର୍ଜାତୀକକରଣର ଅନେକ ଦିଗ ରହିଛି । ଯଥା HEIର ଜାତୀୟ ଓ ଅନ୍ତର୍ଜାତୀୟ ପ୍ରଚାର, ଉଚ୍ଚଶିକ୍ଷାର ବ୍ୟାପକ ବିତରଣ, ଛାତ୍ରମାନଙ୍କ ପାଇଁ ଅଧିକ ଅଭିଗମତା, ଜ୍ଞାନ ବ୍ୟବସ୍ଥା ପାଇଁ ଅଧିକ ସୁବିଧା, ଦ୍ୱିତ ଡିଗ୍ରୀର ବିକାଶ, ନୂଆ ଶିକ୍ଷା ପରିବେଶର ବିବିଧତାର ବିକାଶ ଓ ନିର୍ମାଣ ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧.** ପୃଥିବୀର ସର୍ବୋଚ୍ଚ ୨୦୦ରୁ ବଛା ବିଦେଶୀ ବିଶ୍ୱବିଦ୍ୟାଳୟଙ୍କୁ ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କ ସହଯୋଗରେ ଏଠାରେ ସେମାନଙ୍କର ଉପସ୍ଥିତି ବଢ଼ାଇବା ପାଇଁ ପ୍ରୋତ୍ସାହିତ କରାଯିବ । ଆବଶ୍ୟକ ପଡ଼ିଲେ ଏକ ଆଇନଗତ ନିଷ୍ପତ୍ତି ନିଆଯିବ । ନୀତିନିୟମ ତିଆରି କରି ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କୁ ଭାରତରେ ପଢୁଥିବା ଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟମାନଙ୍କର ନିଜ ନିଜର ଡିଗ୍ରୀ ଏଠାରେ ଦେବା ପାଇଁ ନିୟମରେ ସୁବିଧା ରଖାଯିବ । ଫଳରେ ସେହି ଡିଗ୍ରୀଗୁଡ଼ିକ ବିଶ୍ୱବିଦ୍ୟାଳୟ ଥିବା ଦେଶରେ ମଧ୍ୟ ବୈଧ ହେବ ।

**୨.** ଆନ୍ତର୍ଜାତିକକରଣ ଏକ ଦୁଇ-ସୋପାନବିଶିଷ୍ଟ ହୋଇଥିବାରୁ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ୍ୟ ବିଦେଶରେ ନିଜର କ୍ୟାମ୍ପସ ଖୋଲିବା ପାଇଁ ଅନୁମୋଦନ ଦିଆଯିବ । ଆବଶ୍ୟକ ପଡ଼ିଲେ ଉପଯୁକ୍ତ ଆଇନ ବ୍ୟବସ୍ଥାରେ ଦରକାରୀ ଆଇନଗତ ନୀତିନିୟମ/ସଂଶୋଧନୀ କରାଯିବ ।

**୩.** ବିଦେଶରେ ଭାରତୀୟ ଛାତ୍ରମାନଙ୍କର ପ୍ରବେଶ ସୁବିଧାଜନକ କରିବା ପାଇଁ ଓ ଆନ୍ତର୍ଜାତିକ ଛାତ୍ରମାନଙ୍କୁ ଆକୃଷ୍ଟ କରିବା ପାଇଁ ଭାରତୀୟ HEI ଗୁଡ଼ିକୁ ଆନ୍ତର୍ଜାତିକ ସ୍ତରର ଶିକ୍ଷା ଖସଡ଼ା ସହ ସମ ଧାରରେ ସେମାନଙ୍କ ଖସଡ଼ାର ଆନ୍ତର୍ଜାତିକକରଣ କରିବା ପାଇନ ଉତ୍ସାହିତ କରାଯିବ । ଫଳରେ ସେମାନେ ଆନ୍ତର୍ଜାତିକ ସ୍ତରରେ ସର୍ବୋଚ୍ଚ ମାନର ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ହେବେ ।

**୪.** ଭାଷାଗତ ଅଭାବ ଦୂର କରିବା ପାଇଁ ଓ ଶିକ୍ଷାର ଉଚ୍ଚମାନ ହେତୁ ଶିକ୍ଷାଲାଭରେ ଅସୁବିଧାକୁ ଦୂରକରିବା ପାଇଁ ଆନ୍ତର୍ଜାତିକ ଛାତ୍ରମାନଙ୍କ ପାଇଁ HEI ଗୁଡ଼ିକ ଭାଷା ଓ ସଂଯୋଗ କୋର୍ସ ଯୋଗାଇଦେବେ ।

**୫.** ବିଦେଶୀ ଅଧ୍ୟାପକଙ୍କୁ ଭାରତୀୟ ଉଚ୍ଚଶିକ୍ଷାନୁଷ୍ଠାନରେ ଯୋଗଦେବା ପାଇଁ ଅନୁମୋଦନ ସକାଶେ ମାନଦଣ୍ଡ ଓ ନୀତିନିୟମ ପ୍ରଣୟନ ବାବଦରେ ବିଚାର କରାଯିବ । ଏହା ଅଧିକ ବିଦେଶୀ ଅଧ୍ୟାପକଙ୍କୁ ଭାରତୀୟ HEI ଗୁଡ଼ିକରେ ଯୋଗଦେବାରେ ଉତ୍ସାହିତ କରିବ । ଭିସା, ପଞ୍ଜିକରଣ/ରହଣି ବଢ଼ାଇବା ଓ ଟିକସ ନୀତିନିୟମ ଆଦି ଉପରେ ବିଦେଶୀ ଛାତ୍ରଙ୍କର ପ୍ରକୃତ ଅସୁବିଧା ଓ ଅଭିଯୋଗ ଆଦିର ଉପଯୁକ୍ତ ବିଚାର କରାଯିବ ।

**୬.** ସରକାରଙ୍କ ଦ୍ୱାରା ଅନୁଦାନ ପ୍ରାପ୍ତ HEI ଗୁଡ଼ିକୁ ଅଧିକ ଆର୍ଥିକ ସୁବିଧା ଯୋଗାଇ ଦେବା ନିମନ୍ତେ ଆନ୍ତର୍ଜାତିକକରଣ ଏକ ଅଂଶ ଭାବେ ସାହାଯ୍ୟ କରିବ ।

**୭.** HEI ଗୁଡ଼ିକ ଓ ସେମାନଙ୍କ ଶିକ୍ଷା କାର୍ଯ୍ୟକ୍ରମର ଅନୁମୋଦନ/ ଚିହ୍ନଟ/ ମାନ୍ୟତା ପ୍ରଦାନ/ ଗୁଣାତ୍ମକ ମାନ ଆଶ୍ୱାସନା ପାଇବା ପାଇଁ ଏକ କଠିନ, ମାର୍ଜିତ ଓ ବିଶ୍ୱସନୀୟ ପଦ୍ଧତି ତିଆରି କରିଥିବା ସରକାରଗୁଡ଼ିକଙ୍କ ପାଇଁ ସରକାର ଆଲୋଚନା କରିବେ । ଏହି ଭଳି ଦେଶଗୁଡ଼ିକୁ ନେଇ ଏକ ଦଳ ଗଢ଼ାଯିବ ଓ ସେହି ଦେଶସମୂହ ମାନ୍ୟତା ପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ମାନ୍ୟତା ପ୍ରଦାନ ନିମନ୍ତେ ସେମାନଙ୍କ ଦେଶରେ ଦିଆଯାଉଥିବା ସମସ୍ତ ଯୋଗ୍ୟତା ଚିହ୍ନଟ କରିବେ ।

୮. ଧୀରେ ଧୀରେ ବର୍ଷ-ଭିତ୍ତିକ ଯୋଗ୍ୟତା ପ୍ରଦାନରୁ କ୍ରେଡିଟ-ଭିତ୍ତିକ ଯୋଗ୍ୟତା ପ୍ରଦାନକୁ ଉଠାଯିବ ।

୪.୧୯ **ଉଚ୍ଚଶିକ୍ଷାରେ ଶିକ୍ଷକଙ୍କ ଉନ୍ନତି**

ଉଚ୍ଚଶିକ୍ଷାର ବୃଦ୍ଧିରେ ଦ୍ରୁତ ଗତି ସକାଶେ ଶିକ୍ଷା ଓ ଶିକ୍ଷକଙ୍କ ମାନରେ ଉନ୍ନତୀକରଣ ଏକ ନିର୍ଣାୟକ ମାପକାଠି ପାଲଟିଛି । ଶ୍ରେଷ୍ଠ ବ୍ୟକ୍ତିଜଣକ ଶିକ୍ଷା ବୃତ୍ତି ବାଛିବା ପାଇଁ ଗୁଣାତ୍ମକ ମାନର ଶିକ୍ଷା ପାଇଁ ଶିକ୍ଷାରେ ଭାଗନେବା ଆଗରୁ ଓ ଶିକ୍ଷକ ବୃତ୍ତିରେ କାମରେ ବୃତ୍ତିଗତ ବୃଦ୍ଧି ଆରମ୍ଭ କରିବାରେ ସେମାନଙ୍କ ପ୍ରାରମ୍ଭିକ କାମ ଅଧିକ ଧ୍ୟାନ ଦେବା ଉଚିତ । ଏକ ବିଶ୍ୱବିଦ୍ୟାଳୟର ଉପଯୁକ୍ତ ପରିଚାଳନା ବୃତ୍ତିଗତ ଦକ୍ଷତା ଓ ଉଚ୍ଚତର ପରିଚାଳନା ଭାରରେ ଥିବା ବ୍ୟକ୍ତିଙ୍କ ପରିଚାଳନାଗତ ଦକ୍ଷତା ଉପରେ ମୁଖ୍ୟତଃ ନିର୍ଭର କରିଥାଏ । କୁଳାଧିପତି, ରେଜିଷ୍ଟ୍ରାର ଓ ଅନ୍ୟାନ୍ୟ ବରିଷ୍ଠ ପରିଚାଳନା ସଦସ୍ୟଙ୍କୁ ବାଛିବାରେ ଅଧୁନାତନ ବ୍ୟବସ୍ଥା କାଳକ୍ରମେ ପଛାଇଯାଇଛି । ଏହା HEI ଗୁଡ଼ିକର ସ୍ଥିର ଚଳନରେ ବାଧା ଉପୁଜାଉଛି । HIE ଗୁଡିକର କାର୍ଯ୍ୟକଳର ଅସୁବିଧାକୁ ଆଖି ଆଗରେ ରଖି ଏହାର କାର୍ଯ୍ୟକୁ ସରଳ ଭାବରେ ଗତି କରେଇବା ପାଇଁ ସାଂପ୍ରତିକ ବ୍ୟବସ୍ଥାରେ କୁଳପତି, ରେଜିଷ୍ଟ୍ରାର୍ ଓ ଅନ୍ୟ ଉଚ୍ଚପଦସ୍ଥ କାର୍ଯ୍ୟକାରୀ ପଦବୀଗୁଡିକର ନିଯୁକ୍ତି ବ୍ୟବସ୍ଥା ପୁନଃସ୍ଥିର କରାଯିବ । ଶିକ୍ଷା ବ୍ୟବସ୍ଥାରେ ଜଟିଳ ସମସ୍ୟାର ସମାଧାନ ପାଇଁ ନେତୃସ୍ଥାନୀୟ ଉଚ୍ଚ କାର୍ଯ୍ୟକର୍ତ୍ତା ଓ ବିଶ୍ୱାସର ଆବଶ୍ୟକତା ରହିଛି ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧.** ନିଯୁକ୍ତି ପ୍ରକ୍ରିୟା, ପଦୋନ୍ନତି, ଦୀର୍ଘୀକରଣ ପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ଗୋଟିଏ ବିଜ୍ଞ ବିଚାରକମଣ୍ଡଳୀ ଗଠନ କରାଯିବ ଯିଏ ବିଶ୍ୱସ୍ତରୀୟ ବିଖ୍ୟାତ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନମାନଙ୍କ କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କରି HEIଗୁଡିକର ଗୁଣାତ୍ମକ ଓ ଶିକ୍ଷାଭିତ୍ତିକ ଶ୍ରେଷ୍ଠତାର ପରିମାପଗୁଡିକୁ ଅନୁଧ୍ୟାନ କରି ମତାମତ ଉପସ୍ଥାପନ କରିବେ ।

**୨.** ଯୁବ ପ୍ରତିଭାସଂପନ୍ନ ବ୍ୟକ୍ତିମାନଙ୍କୁ ଶିକ୍ଷାଦାନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଗୋଟିଏ ଜାତୀୟ କର୍ମଶାଳା ଆରମ୍ଭ କରାଯିବ । ଯୁବ ପ୍ରତିଭାସଂପନ୍ନ ବ୍ୟକ୍ତିମାନଙ୍କୁ ଶିକ୍ଷାଦାନ ପ୍ରକ୍ରିୟାରେ ସାମିଲ କରିବା ପାଇଁ M. Phil. ଓ Ph. D. ଛାତ୍ରଛାତ୍ରୀମାନଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି କରାଯିବ ଓ ସେମାନଙ୍କୁ ଶୈକ୍ଷିକ ସହାୟକ ଓ ଶୈକ୍ଷିକ ସହକର୍ମୀ ଭାବରେ ନାମିତ କରାଯିବ ।

**୩.** ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠାନମାନ ଗଠନ କରାଯିବ; ଯେଉଁଥିରେ ନୂଆଭାବରେ ନିଯୁକ୍ତ ଶିକ୍ଷାଦାତାମାନଙ୍କୁ ୩-୬ ମାସ ପର୍ଯ୍ୟନ୍ତ ପ୍ରବେଶିକା ପ୍ରଶିକ୍ଷଣ ଦିଆଯିବ ।HEର ଅନୁଷ୍ଠାନରେ ଶିକ୍ଷାଦାନ କରିବାକୁ ହେଲେ ଜଣେ ନୂଆ ନିଯୁକ୍ତ ଶିକ୍ଷାଦାତା ପାଇଁ ଏହି ପ୍ରମାଣପତ୍ର ବାଧ୍ୟତାମୂଳକ ହେବ । ଏହି ପ୍ରବେଶିକା ପ୍ରଶିକ୍ଷଣରେ ଶିକ୍ଷାଦାନ ଓ ଗବେଷଣା ପ୍ରକ୍ରିୟା (ପରିବର୍ତ୍ତିତ ଶ୍ରେଣୀଗୃହ, ସହଯୋଗମୂଳକ ଶିକ୍ଷଣ, ଘଟଣାବହୁଳ ପ୍ରଣାଳୀ),

ITCର ବ୍ୟବହାର, ପାଠ୍ୟଖସଡାତିଆରି, ଲିଙ୍ଗ ଓ ସାମାଜିକ ବିଭିନ୍ନତାକୁ ସୁକ୍ଷ୍ମାନୁଭବୀକରଣ, ବୃତ୍ତିଗତ ନୀତିନିୟମ, ଆଲୋଚନାରେ ଅଂଶଗ୍ରହଣ ଓ ସେମାନଙ୍କ ଅଧ୍ୟୟନ ପରିସରକୁ ସମୟାନୁଯାୟୀ ବୃଦ୍ଧି କରିବା ଇତ୍ୟାଦିବିଷୟରେ ଧ୍ୟାନ ଦିଆଯିବ । ପ୍ରବେଶିକା ପ୍ରଶିକ୍ଷଣ ପରେ ପରେ ସେମାନଙ୍କୁ ନିଜ ନିଜ ବିଶ୍ୱବିଦ୍ୟାଳୟରେ ୪-୬ ସପ୍ତାହ ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମରେ ଭାଗ ନେବାକୁ ହେବ ଯେଉଁଠି ସେମାନେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ସେମାନଙ୍କ ଦାୟିତ୍ୱବୋଧ ସଂପର୍କରେ ଜ୍ଞାନ ହାସଲ କରବେ ।

**୪.** ବୈଷୟିକ ଜ୍ଞାନକୌଶଳର ଉନ୍ନତି, ଜ୍ଞାନ ଆରୋହଣ କରିବାର ନୂଆଧାରା ଓ ଛାତ୍ରଛାତ୍ରୀଙ୍କ ଆଗ୍ରହ ଆଦିର ପ୍ରଭାବରେ ଶିକ୍ଷକର ଜ୍ଞାନ ଆରୋହଣ ମନୋବୃତ୍ତିରେ ବହୁ ପରିବର୍ତ୍ତନ ଆସିଛି ।ଏହି ପରିବର୍ତ୍ତିତ ପୃଷ୍ଠଭୂମିରେ ଶିକ୍ଷକ ଓ ଶିକ୍ଷାର୍ଥୀର ଭୂମିକା ପୁନଃଆଲୋଚିତ ହୋଇଛି ।ସ୍ୱ-ଅଧ୍ୟୟନ, ପ୍ରୟୋଗାତ୍ମକ ପରିକ୍ଷା, ସହଶିକ୍ଷଣ ଉପାଦାନ ସହିତ ଶିକ୍ଷାପଦ୍ଧତିର ଗୋଟିଏ ପୂର୍ଣ୍ଣାଙ୍ଗ ରୂପକୁ ଗ୍ରହଣ କରିବା ପାଇଁ ଏହି ଶିକ୍ଷକ ଓ ଶିକ୍ଷାର୍ଥୀ ଭୂମିକାକୁ ଗୁରୁତ୍ୱ ଦିଆଯିବ । ପରୀକ୍ଷା ଓ ମୂଲ୍ୟାୟନ କ୍ଷେତ୍ରରେ ମଧ୍ୟ ଏହି ସଂସ୍କାରର ଆବଶ୍ୟକତା ରହିବ ।

**୫.** ସରକାରୀ ଆର୍ଥିକ ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକର ଶୈକ୍ଷିକ ଉତ୍ତରଦାୟିତ୍ୱବୋଧତାକୁ ଦୃଢ କରିବା ପାଇଁ ଗୋଟିଏ ମୂଲ୍ୟାୟନ କାର୍ଯ୍ୟକଳ ସ୍ଥାପନ କରାଯିବ ଯାହାର ଲକ୍ଷ୍ୟ ହେବ ଶିକ୍ଷକମାନଙ୍କର ଶୈକ୍ଷିକ ସଫଳତାକୁ ଅନୁଧ୍ୟାନ କରିବ ।

**୬.** ଉପଯୁକ୍ତ ନିଯୁକ୍ତି ସଂପର୍କିତ ନିୟମାବଳୀ ସହିତ ଏକ ପ୍ରକୃଷ୍ଟ କାର୍ଯ୍ୟକଳ ଗଠନ କରାଯିବ । ଶିଳ୍ପଭିତ୍ତିକ ଓ ଅନ୍ୟ ସରକାରୀ କାର୍ଯ୍ୟରତ ଅଭିଜ୍ଞ, ଆଗ୍ରହୀ ବ୍ୟକ୍ତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ଓ ଶିକ୍ଷକମାନଙ୍କୁ ଶିଳ୍ପ କ୍ଷେତ୍ରରେ ଅବାଧରେ ଗତିଶୀଳତା କରାଇବାରେ ଏହି କାର୍ଯ୍ୟକଳ ସମ୍ଭବ ହୋଇପାରିବ ।

**୭.** ପ୍ରମୁଖ HEI ଗୁଡକରେ ନେତୃସ୍ଥାନୀୟ ବ୍ୟକ୍ତି ସୃଷ୍ଟି କରିବା ପାଇଁ ବିଭିନ୍ନ କେନ୍ଦ୍ରମାନ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରାଯିବ । ଏହି କେନ୍ଦ୍ରଗୁଡକରେ HEI ଗୁଡିକର କାର୍ଯ୍ୟପନ୍ଥା ଓ ବରିଷ୍ଠ ଶିକ୍ଷାଦାତାମାନଙ୍କ ପାଇଁ ସ୍ୱଳ୍ପ ଅବଧିବିଶିଷ୍ଟ କାର୍ଯ୍ୟକ୍ରମ ରଖାଯିବ;ଯାହା ଉଚ୍ଚ ନେତୃସ୍ଥାନୀୟ ପଦପଦବୀ ନିଯୁକ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।ଏହି କାର୍ଯ୍ୟକ୍ରମରେ ନିଷ୍ପତ୍ତି ନେବା ଧାରା, ସୁକ୍ଷ୍ମାନୁଭବୀକରଣ ଧାରା, ଆର୍ଥିକ ନିୟମାବଳୀ, ମାନବ ଶିକ୍ଷାଗତ ଓ ଆର୍ଥିକ ସମ୍ବଳର ପରିଚାଳନା, ଆର୍ଥିକ ଅନଗ୍ରସର ଶ୍ରେଣୀ ପ୍ରତି ସୁକ୍ଷ୍ମାନୁଭବୀକରଣ ଇତ୍ୟାଦି ବିଷୟରେ ଆଲୋଚନା କରାଯିବ । ଏହା ପ୍ରଶାସନିକ ଓ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ ।

୪.୨୦ **ଗବେଷଣା, ନୂତନ ଧାରା, ନୂତନ ଜ୍ଞାନ:**

ଯଦିଓ ଭାରତର ସାମଗ୍ରିକ ଗବେଷଣାତ୍ମକ ଅଭିବୃଦ୍ଧି ବିଶ୍ୱରେ ବିଗତ ଦଶନ୍ଧିରେ ବଢିଯାଇଛି ମାତ୍ର ଗବେଷଣାର ଗୁଣାତ୍ମକ ଅଭିବୃଦ୍ଧିରେ ଆଶାତୀତ ପରିବର୍ତ୍ତନ ଆସିନାହିଁ । ଅଳ୍ପ କେତେକ ସ୍ମରଣୀୟ ଗବେଷଣା ବ୍ୟତୀତ ଅନ୍ୟଗୁଡିକ କେବଳ ନାମମାତ୍ର। ଗବେଷଣାତ୍ମକ ମନୋବୃତ୍ତିସଂପନ୍ନ ଶିକ୍ଷାର୍ଥୀ ଓ ଶିକ୍ଷକମାନେ ବିଦେଶ ଯାଇ ନିଜର ଗବେଷଣା ଜାରି ରଖିବାକୁ ପସନ୍ଦ କରନ୍ତି ।କାରଣ ସେମାନେ ଭାରତରେ ଗବେଷଣା ନିମିତ୍ତ ପରିବେଶର ଅଭାବ ଅନୁଭବ କରନ୍ତି ।ଉଚ୍ଚ ଗୁଣସଂପନ୍ନ ଗବେଷଣା କରିବାକୁ ହେଲେ ଏମାନଙ୍କୁ ସୁହାଇଲା ଭଳି ଗବେଷଣାତ୍ମକ ପରିବେଶ ସୃଷ୍ଟି କରିବା ଆବଶ୍ୟକ ।ଉଚ୍ଚ ଶିକ୍ଷାର ପୂର୍ଣ୍ଣତା ପାଇଁ ଏକ ପ୍ରଶାସନିକ ଓ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଆବଶ୍ୟକ; ଯହିଁରେ ଗବେଷଣା ଓ ନୂତନ ଧାରାର ପୂର୍ଣ୍ଣ ବିକାଶ ହୋଇପାରିବ ।ଭାରତର ସଫ୍ଟୱୟାର କ୍ଷେତ୍ରରେ ନୂଆ ପରିବର୍ତ୍ତନ ପରିପ୍ରେକ୍ଷୀରେ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ନୂଆ ଧାରାରେ ପ୍ରଶିକ୍ଷଣ ଦେବା ଉଚିତ ଯାହା ଜ୍ଞାନ ଆଧାରିତ ସମାଜର ପ୍ରକୃଷ୍ଟ ଆବଶ୍ୟକତା ।

ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧.** ଆଗାମୀ ଦଶନ୍ଧି ମଧ୍ୟରେ ଅତି କମରେ ୧୦୦ ନୂଆ ଆଦର୍ଶସ୍ଥାନୀୟ କେନ୍ଦ୍ର/ବିଭାଗ ଉଚ୍ଚଶିକ୍ଷା ବିଭାଗରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରେରେ ପ୍ରତିଷ୍ଠା କରାଯିବ ।ଏମାନେ ଗବେଷଣାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଓ ନୂଆ ଜ୍ଞନକୌଶଳ ସୃଷ୍ଟି କରିବାକୁ ପ୍ରୋତ୍ସାହନ ଦେବେ ।ବେସରକାରୀ ଅନୁଷ୍ଠାନ, ମାନବପ୍ରେମୀ ବ୍ୟକ୍ତି ଓ ପ୍ରତିଷ୍ଠାନମାନଙ୍କୁ ଏପରି କେନ୍ଦ୍ର ପ୍ରତିଷ୍ଠା କରିବାକୁ ସ୍ୱାଧିନତା ମିଳିବ ।

**୨.** ଜାତୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନିକ ବିଶ୍ୱବିଦ୍ୟାଳୟର (NUPA) ଏକ ସ୍ୱଷ୍ଟ ନିୟମାବଳୀ ପ୍ରସ୍ତୁତ କରାଯିବ; ଯାହା ପ୍ରକୃଷ୍ଟ ଓ ମୌଳିକ ଲକ୍ଷ୍ୟକୁ ପ୍ରତିଫଳିତ କରିବ ।

**୩.** ଜ୍ଞାନକୌଶଳର ନୂଆ ଦିଗ ଓ ତାହାର ପ୍ରୟୋଗକୁ ପ୍ରୋତ୍ସାହିତ କରିବାକୁ ପଦକ୍ଷେପ ନିଆଯିବ ।ଏହି ଜ୍ଞାନକୌଶଳର ନୂଆ ଦିଗକୁ ଉଚ୍ଚଶିକ୍ଷାର ପାଠ୍ୟଖସଡାରେ ଅନ୍ତର୍ଭୁକ୍ତ କରାଯିବ; ଯାହା ଦ୍ୱାରା ଭାରତ ସଫ୍ଟୱୟାର କ୍ଷେତ୍ରରେ ଏହାର ସ୍ଥାନ ସୁଦୃଢ କରିପାରିବ ।

**୪.** ଆଗାମୀ ୫ ବର୍ଷ ମଧ୍ୟରେ ନୂତନ ଜ୍ଞାନ, ସୃଜନଶୀଳତା, ଉଦଯୋଗକୁ ପ୍ରୋତ୍ସାହନ କରିବାକୁ ହେଲେ HEI ଗୁଡିକରେ ୧୦୦ରୁ ଅଧିକ ମୌଳିକ ପ୍ରତିଭା ସୃଷ୍ଟି କେନ୍ଦ୍ରମାନ ପ୍ରତିଷ୍ଠା କରାଯିବ ।

**୫.** ମାନବ ସମ୍ବଳର ଉନ୍ନତି ପାଇଁ ବିଶ୍ୱସ୍ତରୀୟ ସହଯୋଗ ଓ ଆଦାନପ୍ରଦାନକୁ ପ୍ରୋତ୍ସାହନ ଦିଆଯିବ; ଯାହା ଆନ୍ତଃବିଭାଗୀୟ ଗବେଷଣା ଓ ଅଧ୍ୟୟନ ଦ୍ୱାରା ଅଧିକ ନୂଆ ଜ୍ଞାନ ଆହରଣର ବାଟ ଫିଟାଇବ ।

୪.୨୧ **ଶିକ୍ଷାର ଆର୍ଥିକ ସହାୟତା**

ଭାରତ ପରିପ୍ରେକ୍ଷୀରେ ଶିକ୍ଷା ହେଉଛି ଏକ ସରକାରୀ ଦ୍ରବ୍ୟ ଏବଂ ଏହା ବୃହତ ସରକାରୀ ପ୍ରୋତ୍ସାହନ ଆବଶ୍ୟକ କରେ ।ଅନେକ ଉଦାହରଣ ଅଛି ଯେ, ଯେଉଁ ଦେଶରେ ଅଧିକ ବେସରକାରୀ ଶିକ୍ଷାନୁଷ୍ଠାନ ଅଛି ସେଠାରେ ଅର୍ଥନୈତିକ ଓ ସାମାଜିକ ଅଗ୍ରଗତି ହୋଇପାରିନାହିଁ । ଯାହାଫଳରେ ସେଠାରେ ଶିକ୍ଷାର ମୂଲ୍ୟ ବଢିବା ପରିବର୍ତ୍ତେ ହ୍ରାସ ପାଉଛି । ଅନ୍ୟ ପକ୍ଷରେ ଯେଉଁ ଦେଶରେ ଶିକ୍ଷା ସରକାରୀ ଦ୍ରବ୍ୟ ଭାବରେ ବିବେଚିତ ହେଇଛି ସେଠାରେ ସାମାଜିକ ଉପଲବ୍ଧିକୁ ଅଧିକ ସ୍ଥିର ଭାବରେ ଗ୍ରହଣ କରାଯାଇଛି ।

ଶିକ୍ଷାନୀତି ୧୯୬୮ ଓ ୧୯୮୬/୯୨ରେ GDPର ୬%କୁ ଜାତୀୟ ଶିକ୍ଷାରେ ବିନିଯୋଗ କରିବାର ଅନୁମୋଦନ କରାଯାଇଥିଲା । ମାତ୍ର ଶିକ୍ଷା କ୍ଷେତ୍ରରେ ପ୍ରକୃତ ଖର୍ଚ୍ଚ ସ୍ଥିରଭାବରେ ଏହି ସ୍ତରଠାରୁ ତଳେ ରହିଛି । ବର୍ତ୍ତମାନ ଏହା ୩.୫% ପାଖାପାଖି ରହିଛି ।ଶିକ୍ଷା କ୍ଷେତ୍ରରେ ସ୍ଥିରିକୃତ ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ଆର୍ଥିକ ସହାୟତାକୁ ବୃଦ୍ଧି କରିବାକୁ ହେବ । ନିମ୍ନଲିଖିତ ପ୍ରାଥମିକ ପଦକ୍ଷେପଗୁଡିକ ନିଆଯିବ :

**୧.** ଶିକ୍ଷା କ୍ଷେତ୍ରରେ ଅତି କମରେ GDPର ୬% ନିୟୋଜନ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି;ଯାହା ଦୀର୍ଘକାଳ ଧରି ରହିଥିବା ଅମିମାଂସିତ ଲକ୍ଷ୍ୟକୁ ହାସଲ କରିବାରେ ସଫଳ ହେବ ।

**୨.** ସରକାରୀ ଉଦ୍ୟମ ବ୍ୟତୀତ ମାନବପ୍ରେମୀ ବ୍ୟକ୍ତି ମାଧ୍ୟମରେ ବେସରକାରୀ ସଂସ୍ଥା ଓ ଏହି ଶ୍ରେଣୀୟ କଂପାନୀଗୁଡିକର ଦାୟିତ୍ୱବୋଧକୁ ଉତ୍ସାହିତ କରାଯିବ । ଶିକ୍ଷାରେ ବେସରକାରୀ ସଂସ୍ଥାର ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ସ୍ତରରେ ଆଲୋଚନା କରାଯିବ । ଶିକ୍ଷାର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିକାଶ ମାଧ୍ୟମରେ ବେସରକାରୀ ସଂସ୍ଥାକୁ ପ୍ରୋତ୍ସାହନ ଦିଆଯିବ । ସାଧାରଣତଃ, ମୁଖ୍ୟ କାର୍ଯ୍ୟକଳାପ ପାଇଁ ସରକାର ଦ୍ୱାରା ଆର୍ଥିକ ସହାୟତା ଦିଆଯିବା ସ୍ଥଳେ ଅନ୍ୟ କାର୍ଯ୍ୟକଳାପ ବେସରକାରୀ ଆର୍ଥିକ ସହାୟତା ଦ୍ୱାରା କରାଯିବ ।ଶିକ୍ଷା ଅନୁଷ୍ଠାନର ଗୁଣାତ୍ମକ ଅଭିବୃଦ୍ଧିମୂଳକ କାର୍ଯ୍ୟକଳାପ, ବେସରକାରୀ ଆର୍ଥିକ ସହାୟତା ଓ R&D ପାଇଁ FDIକୁ ମୁଖ୍ୟ ମାଧ୍ୟମ ରୂପେ ଗ୍ରହଣ କରାଯିବ ଯାହା ଆର୍ଥିକ ଉତ୍ସକୁ ଗତିଶୀଳ କରିବାରେ ସାହାଯ୍ୟ କରିବ ।

**୩.** ଗୋଟିଏ ନୂଆ ଶିକ୍ଷାନୁଷ୍ଠାନ ଗଠନ କରି ସେଥିରେ ଅର୍ଥ ବିନିଯୋଗ କରିବା ପରିବର୍ତ୍ତେ ପୂର୍ବରୁ ଗଠିତ ହୋଇଥିବା ଶିକ୍ଷାନୁଷ୍ଠାନକୁ ସରକାରୀ ଆର୍ଥିକ ସହାୟତା ପ୍ରଦାନ କରାଯାଇ ଏହାର ଭିତ୍ତିଭୂମିକୁ ସୁଦୃଢ କରାଯିବ ।

**୪.** ସରକାର ଦ୍ୱାରା ଗଠିତ ହୋଇଥିବା HEI ଗୁଡିକର କାର୍ଯ୍ୟ ହେଉଛି ସେମାନେ ନିଜର ରାଜସ୍ୱ ଅନ୍ୟ ଉତ୍ସରୁ ବୃଦ୍ଧି କରିବା ପାଇଁ ତତ୍ପର ହେବେ । ସେହି ଉତ୍ସଗୁଡିକ ହେଉଛି ପୂର୍ବତନ ଛାତ୍ରମାନଙ୍କ ଦ୍ୱାରା ଆର୍ଥିକ ସହାୟତା, ଦାନରୁ

ପ୍ରାପ୍ତ ଆୟ, ଟ୍ୟୁସନ ଫିର ବୃଦ୍ଧିକରଣ ସହିତସାମାଜିକ ଅନଗ୍ରସର ଶ୍ରେଣୀ ପାଇଁ ଆଇନ୍‌ଗତ ଫି ଓ ବେସରକାରୀ ସହାୟତା ।

**୫**. ସାମ୍ପ୍ରତିକ ଶିକ୍ଷାଭିତ୍ତିକ ଋଣକୁ ଆର୍ଥିକ ଅନଗ୍ରସରମାନଙ୍କ ପାଇଁ ଅଧିକ ସରଳ ଓ ଉପଯୋଗୀ କରିବାକୁ ହେଲେ କେତେକ ନୀତିନିୟମକୁ ପରିବର୍ତ୍ତନ କରାଯିବ । ନିମ୍ନ ସୁଧହାର, ଚଳିତ ଏକ ବର୍ଷରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଦୀର୍ଘଆଇନ୍‌ଗତସମୟ ମଧ୍ୟରେ ଅଧିକ ସହଯୋଗକୁ କୋହଳ କରାଯିବ ।

**୬.** କାର୍ଯ୍ୟ ଦକ୍ଷତା ଓ ସମୃଦ୍ଧିକୁ ଉତ୍ସାହିତ କରିବା ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକରେ କାର୍ଯ୍ୟଦକ୍ଷତା ସଂପୃକ୍ତ ଆର୍ଥିକ ସହାୟତାକୁ ପ୍ରୟୋଗ କରାଯିବ ।

## ପଞ୍ଚମ ଅଧ୍ୟାୟ

## ପ୍ରୟୋଗ ଓ ପର୍ଯ୍ୟବେକ୍ଷଣ

ଜାତୀୟ ଶିକ୍ଷାନୀତି ୨୦୧୬ରେ ବହୁତ ନୂଆ ଦିଗଗୁଡିକୁ ତାଲିକାଭୁକ୍ତ କରାଯାଇଛିଏବଂ ଏହା ପୂର୍ବ ପ୍ରଚଳିତ ୧୯୬୮, ୧୯୮୬/୯୨ ଶିକ୍ଷାନୀତିର ଧାରାବାହିକ ବୃଦ୍ଧିକରଣ ରୂପେ ଦେଖାଦେଇଛି ।ଏହା ବିଶେଷଭାବେ ଲକ୍ଷ୍ୟଣୀୟ ଯେ, ସହଯୋଗମୂଳକ ସଂଘୀୟଭାବର ଆସ୍ୱର୍ଦ୍ଧାରେକେନ୍ଦ୍ର ଓ ରାଜ୍ୟମାନଙ୍କୁ କାର୍ଯ୍ୟ କରିବାକୁ ପଡିବ । ତେବେ ଯାଇ ପରିକଳ୍ପିତ ଲକ୍ଷ୍ୟ ଓ କାର୍ଯ୍ୟକାରୀ ନୀତିନିୟମ ବାସ୍ତବରେ ପରିଣତ ହୋଇପାରିବ ଓ ଶିକ୍ଷାଭିତ୍ତିକ ଭିତ୍ତିଭୂମିର ବିସ୍ତାର ହୋଇପାରିବ।

ଏହା ଦେଖାଦେଇଛି ଯେ, ଶିକ୍ଷା କ୍ଷେତ୍ରରେ ଏକାଧିକ ତୃତୀୟପକ୍ଷମାନେ ସଂପୃକ୍ତ ଅଛନ୍ତି । ପ୍ରତ୍ୟେକ ତୃତୀୟପକ୍ଷର ବିଶେଷ ସାହାଯ୍ୟ ସହଯୋଗ ରହିଛି । ଯାହା ପ୍ରବେଶାଧିକାରର ମୁଖ୍ୟ ଲକ୍ଷ୍ୟ, ସମାନତାର ପ୍ରତିଶ୍ରୁତି, ସମସ୍ତ କ୍ଷେତ୍ରରେ ଶିକ୍ଷାର ଗୁଣ ବୃଦ୍ଧି, ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ନାଗରୀକ ହେବାକୁ ପ୍ରବର୍ତ୍ତାଇବା ଆଦି ଗୁଣକୁ ଲାଭ କରିବାରେ ସାହାଯ୍ୟ କରନ୍ତି । ଅଧିକନ୍ତୁ, ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଜ୍ଞାନ, ଦକ୍ଷତା ଓ ମନୋବୃତ୍ତି ଦ୍ୱାରା ଏହି ତୃତୀୟପକ୍ଷମାନେ ପ୍ରେରଣା ଯୋଗାଇଥାନ୍ତି ଯାହା ଫଳରେ ସର୍ବଦା ପରିବର୍ତ୍ତିତ ଜ୍ଞାନର ସମାଜରେ ଏହି ଛାତ୍ରଛାତ୍ରୀମାନେ କୌଣସି ଗୁଣରେ ନିଜକୁ କମ୍ ବୋଲି ମଣନ୍ତି ନାହିଁ ।

ଏହି ଶିକ୍ଷାନୀତି ଏକ ବିସ୍ତୃତଭାବେ ଆଲୋଚିତ ପ୍ରୟୋଗଭିତ୍ତିକ ସ୍ତର ଉପରେ ପର୍ଯ୍ୟବେକ୍ଷିତ । ପୂର୍ବ ବିଭାଗରେ କୁହାଯାଇଛି ଯେ ଏହି ଶିକ୍ଷାନୀତିର ପ୍ରତ୍ୟେକ ଦିଗଗୁଡିକର କାର୍ଯ୍ୟ ସଂରଚନା (FFA) ଉପରେ ଗୁରୁତ୍ୱ ଦିଆଯାଇଛି।ଏହା କହିବା ବାହୁଲ୍ୟ ଯେ, ଏହି ଶିକ୍ଷାନୀତିରେ ଯାହା କୁହାଯାଇଛି; ତାହା ଅନମନୀୟ କିମ୍ବା ଅପରିବର୍ତ୍ତନୀୟ ନୁହେଁ ମାତ୍ର ଏହା ଆବଶ୍ୟକ ଦିଗଗୁଡିକର କେବଳ ଉପସ୍ଥାପନ । ଆଞ୍ଚଳିକ ବାତାବରଣ ଓ ଭିନ୍ନ ଭିନ୍ନ ଆଶାୟୀମାନଙ୍କୁଦୃଷ୍ଟିରେ ରଖି ଗୋଟିଏ ନିର୍ଦ୍ଧିଷ୍ଟ ପରିମାଣର ନମନୀୟତାକୁ ଆଶା କରାଯାଇପାରେ । ଯାହାଫଳରେ ଉପସ୍ଥିତ ପରିସ୍ଥିତି ଓ ଆଗତ ଅଶୋଭନୀୟ ସମ୍ଭାବନାକୁ ଏଡାଇ ଦିଆଯାଇପାରିବ । ମାତ୍ର ନମନୀୟତାର ଅଭାବ ଯଦି ପରିଲକ୍ଷିତ ହୁଏ, ତେବେ ଶିକ୍ଷାନୀତିର ପ୍ରୟୋଗରେ ଅସୁବିଧା ବା ଉପଯୋଗୀଶୂନ୍ୟ ପରିଲକ୍ଷିତ ହେବ ।

ବିଗତ ଶିକ୍ଷାନୀତିଗୁଡିକର ଅନୁମୋଦନରେ ଅନେକ ପ୍ରମାଣ ଅଛି ଯେ, ଶିକ୍ଷାର ଗୁଣାତ୍ମକ ପ୍ରୟୋଗରେ ତ୍ରୁଟି ଯୋଗୁଁ ଏହି ଶିକ୍ଷାନୀତିଗୁଡିକ ଭାରତରେ ଆବଶ୍ୟକ ପରିମାଣରେ ହୃଦୟଙ୍ଗମ ହୋଇପାରିନଥିଲା । ଏହି ଅବସ୍ଥାର ଦୂରୀକରଣ

କରିବାକୁ ହେଲେ, ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୋଟିଏ ଗୋଟିଏ କାର୍ଯ୍ୟ ସଂରଚନା (FFA) ଗଠନ କରିବା ଉଚିତ ଯାହା ଉକ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଂଚଳର ଆଂଚଳିକ, ସାମାଜିକ, ସାଂସ୍କୃତିକ ଆବଶ୍ୟକତାର ସମକାଳୀନ ପରିପ୍ରକାଶ ହେବେ ।ଏହି ସଂଗଠନ ଦ୍ୱାରା ଆନୁଷ୍ଠାନିକ ବାତାବରଣ ସୃଷ୍ଟି, ସ୍ୱଷ୍ଟ କାର୍ଯ୍ୟକାରିଣୀ ସୂତ୍ର ସହିତ ପ୍ରଶାସନିକ କାର୍ଯ୍ୟକଳାର ପରିମାଣାତ୍ମକ ଲକ୍ଷ୍ୟ ଓ ଗୁଣାତ୍ମକ ନିର୍ଯ୍ୟାସଉପଲବ୍ଧ କରିହେବ ।

ଗଣତାନ୍ତ୍ରିକ ବିକେନ୍ଦ୍ରିକରଣ ଓ ବହୁସଂଖ୍ୟାରେଗୋଷ୍ଠୀମାନଙ୍କର ଅଂଶଗ୍ରହଣର ପରିପ୍ରେକ୍ଷୀରେ ପ୍ରତି ଜିଲ୍ଲା, ବ୍ଲକ ସ୍ତରରେ ପ୍ରତିଷ୍ଠିତ FFAକୁ ତୃଣମୂଳ ସ୍ତରରେ ଉପଯୁକ୍ତ ନୀତିନିୟମ ସହିତ ସଂପ୍ରସାରଣ କରାଇବା ଏକ କଷ୍ଟକର ବ୍ୟାପାର ।

ସେହିପରି, ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଗୋଟିଏ ଛୋଟ ଛୋଟ କାର୍ଯ୍ୟକାରୀ ନକ୍ସା ପ୍ରସ୍ତୁତ କରିବା ଆବଶ୍ୟକ।

ଆର୍ଥିକ ଉତ୍ସ ସଦାବେଳେ ଏକ ପ୍ରତିଘାତ ହୋଇ ଶିକ୍ଷା କ୍ଷେତ୍ରରେ ଦେଖାଦେଇଛି । ସମସ୍ତ ସରକାରୀ କାର୍ଯ୍ୟକଳ, ବେସରକାରୀ ବିଭାଗ ଓ ଅନ୍ୟ ଅତିରିକ୍ତ ସରକାରୀ ଅନୁଷ୍ଠାନଗୁଡିକ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାର ଜାତୀୟ କର୍ତ୍ତବ୍ୟକୁ ବହନ କରିବେ । ତେଣୁ, ଆର୍ଥିକ ନିର୍ଭରଶୀଳତା ଓ ଉତ୍ତରଦାୟିତ୍ୱବୋଧ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ଦିଗଦର୍ଶକ ହେବେ ।

ପ୍ରୟୋଗମୂଳକ ଖସଡା ତିଆରି କରାଯିବା ସମୟରେ ଶିକ୍ଷା ଓ ଅନ୍ୟ ସହ-ସଂପୃକ୍ତ ସେବା ଯଥା ଶିଶୁଯତ୍ନ, ପୋଷକତା, ସ୍ୱାସ୍ଥ୍ୟ, ଖେଳ, ପରିଚ୍ଛନ୍ନତା, ଜଳ ଇତ୍ୟାଦି ସହିତ ଯୋଗସୂତ୍ର ସ୍ଥାପନ କରାଯାଏ । ଏହି ଯୋଗସୂତ୍ର ମାଧ୍ୟମରେ ସହସଂପର୍କ ସ୍ଥାପନ କରାଯାଇ ଶୈକ୍ଷିକ ନିର୍ଯ୍ୟାସ ପ୍ରାପ୍ତ କରାଯାଏ । ସମ୍ମାନସ୍ଥାନୀୟ ବହୁମୁଖୀ ଅନୁଷ୍ଠାନ, କାର୍ଯ୍ୟକାରୀଣି ସହିତ ଶିକ୍ଷା ଓ ଅନ୍ୟ ବିଭାଗ ମଧ୍ୟରେ ଭଲ ସହସଂପର୍କ ରହିଛି । ତଦନୁସାରେ, ଉପଯୁକ୍ତ ସଂପର୍କ ପରିବେଶ ପ୍ରତିଷ୍ଠିତ ହେବ ।

ପୂର୍ବ ଅନୁଭୂତିରୁ ଏହା ଶିକ୍ଷଣୀୟ ଯେ, ପ୍ରତ୍ୟେକ ପର୍ଯ୍ୟବେକ୍ଷକମାନେ ପ୍ରକୃଷ୍ଟ ପର୍ଯ୍ୟବେକ୍ଷଣ ପଦ୍ଧତି, କାର୍ଯ୍ୟକଳ ଓ ନୀତିନିୟମକୁ ଆନ୍ତରିକ ଚେଷ୍ଟା ସହିତ ଭାବିଚିନ୍ତି କରିବେ ଯାହାଫଳରେ ଯେକୌଣସି କାର୍ଯ୍ୟର ସ୍ଥିରୀକୃତ ଲକ୍ଷ୍ୟକୁ ମୂଲ୍ୟାୟନ ଓ ପରିମାପ କରାଯାଇ ପାରିବ । ଏହି ପର୍ଯ୍ୟବେକ୍ଷଣ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସୂକ୍ଷ୍ମରୁ ସୂକ୍ଷ୍ମତର ହେବ।ଏହା ଏକ ସକ୍ଷମ ଓ ଶୃଙ୍ଖଳିତ ନୀତିନିୟମକୁ ଯୋଗାଇଦେବ ଯାହା ପ୍ରୟୋଗଭିତ୍ତିକ କାର୍ଯ୍ୟ ପାଇଁ ଆକାଂକ୍ଷିକ ଫଳସୃତିର ମଧ୍ୟବର୍ତ୍ତିକାଳୀନ ସଂସୋଧନ, ପୁନଃନିରୀକ୍ଷଣ କରିବାକୁ ସମ୍ମତି ଦେବ । ଏହି ନିୟମାବଳୀରେ ଉଲ୍ଲେଖିତ ଥିବା ମୁଖ୍ୟ ଲକ୍ଷ୍ୟର ଉପାଦେୟତାକୁ ବୁଝିବାକୁ ଅକ୍ଷମ ହେଉଥିବା ଯେକୌଣସି କାର୍ଯ୍ୟକଳଭିତ୍ତିକ ଅପାରଗତାକୁମଧ୍ୟ ଏହା ସମାଧନ କରିପାରିବ ।

ଏହାସତ୍ତ୍ୱେ, ଆମ ଦେଶର ଆକାର, ବିଭିନ୍ନତା ଓ ପରିସର; କାର୍ଯ୍ୟ କରୁଥିବା ଶୈକ୍ଷିକ ଉପସ୍ତରଗୁଡିକର ଦିଗ; ଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ପର୍ଯ୍ୟବେକ୍ଷିତ ସମାଜର ପରିବର୍ତ୍ତିତ ମାନସିକତା; କେତେକ ପ୍ରତିବନ୍ଧକଆଦି ଦୃଷ୍ଟିଗୋଚର ହେବ ଯାହାକୁ ସମୟାନୁବର୍ତ୍ତିତ ପୁନଃମୂଲ୍ୟାୟନ ମାଧମରେ ସମାଧନ କରିହେବ । ଏହି କାରଣରୁ, ଏହି ନୀତିନିୟମର ଏକ ପଞ୍ଚବାର୍ଷିକ ପୁନଃମୂଲ୍ୟାୟନ କରାଯିବ ଯାହାଦ୍ୱାରା ଜାତୀୟ ଓ ଅନ୍ତର୍ଜାତୀୟ ଧାରା ସହିତ ଏହି ନୀତିନିୟମକୁ ସମକକ୍ଷ କରାଯାଇ ପାରିବ।

***